# ବନବାରତା

ତ୍ରୈମାସିକ ପତ୍ରିକା ସଂଖ୍ୟା ୪୧ ଜୁନ୍, ୨୦୦୮



## ସମ୍ପାଦକୀୟ......

ଜଙ୍ଗଲ ଯାହା ପାଇଁ ଜୀବନ, ସେହି ବନବାସୀ ହିଁ ତା ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଅତି ଅନ୍ତରଙ୍ଗ ଭାବରେ ତାକୁ ଅନୁଭବ କରିଥାଏ। ବନପ୍ରାନ୍ତରେ ବସବାସ କରି ତାର ପାରମ୍ପରିକ ଜୀବନ ଶୈଳୀକୁ ତା ସହିତ ଓତଃପ୍ରୋତଃ ଭାବରେ ଯୋଡ଼ି ଦେଇଥିବା ବନବାସୀ ଜଙ୍ଗଲର ଗୁରୁତ୍ୱକୁ ଠିକ୍ ବୁଝେ, ବ୍ୟବସାୟୀକ ଦୃଷ୍ଟିକୋଣରୁ ନୁହେଁ, ଜୀବନର ଅଙ୍ଗ ଓ ବଞ୍ଚିବାର ସାଧନ ଭାବରେ। ଜଙ୍ଗଲ ଉପରେ ତାର ନିର୍ଭରଶୀଳତା ହେଉ ବା ଜଙ୍ଗଲକୁ ଆଧାର କରି ପର୍ବ ଓ ଉତ୍ସବର ମୁଖରତା ହେଉ, କୃଷି ହେଉ ବା ଔଷଧିୟ ସମ୍ପଦର ଉପଲବ୍ଧତା; ଜଙ୍ଗଲକୁ ବାଦ୍ ଦେଇ ସେମାନେ ନିଜର ଅସ୍ତିତ୍ୱକୁ ମଧ୍ୟ ବିସ୍ମୃତ ହୁଅନ୍ତି।

ପୁଣି ଯେତେବେଳେ ସେମାନଙ୍କର ଜୀବିକା ଓ ଉତ୍ସବର ଉତ୍ସ ଏକ ହୋଇଯାଏ ସେତେବେଳେ ତାହା ଏକ ଭିନ୍ନ ରଙ୍ଗ ନେଇଥାଏ। ରଣପୁର ଅଞ୍ଚଳର ବନବାସୀଙ୍କ ପାଇଁ ଏହା ଶିଆଳୀ ଉତ୍ସବ ନାମରେ ପରିଚିତ ହୁଏ। ଜଗନ୍ନାଥଙ୍କ ପବିତ୍ର ସ୍ନାନ ଉତ୍ସବ ଦିନ ପ୍ରତିବର୍ଷ ପାଳନ କରିଆସୁଥିବା ଶିଆଳୀ ପର୍ବ ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ପ୍ରତ୍ୟେକ ବନବାସୀ ପାଇଁ ଉତ୍ସବର ଏକ ଦିନ। ଯାହାକୁ ସେମାନେ ନିଜ ପରମ୍ପରାର ଏକ ଅଙ୍ଗ ଭାବରେ ମାନି ନେବାକୁ ପ୍ରସ୍ତୁତ। ଯେହେତୁ ଶିଆଳୀପତ୍ର ସେମାନଙ୍କ ଜୀବିକାରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଆସିଛି ତେଣୁ ଏହାର ସୁରକ୍ଷା ଓ ଅଧିକ ସମୃଦ୍ଧି ପାଇଁ ପୁନଃରୋପଣକୁ ସେମାନେ ଅଧିକ ପ୍ରାଧାନ୍ୟ ଦେଇ ବିଗତ କିଛି ବର୍ଷ ହେଲା ଏହି ଦାୟିତ୍ୱକୁ ସେମାନେ ଉତ୍ସବର ନାମ ଦେଇଛନ୍ତି।

ବନାଞ୍ଚଳରେ ବହୁଳ ଭାବରେ ଉପଲବ୍ଧ ହେଉଥିବା ଶିଆଳୀଲତା ଦୀର୍ଘ ଦିନରୁ ସେମାନଙ୍କ ଜୀବିକାରେ ତାର ଯୋଗଦାନ ଦେଇଆସିଛି। ଜଙ୍ଗଲ ସୁରକ୍ଷାକୁ ଦାୟିତ୍ୱର ସହିତ ତୁଲାଉଥିଲେ ସୁଦ୍ଧା ରଣପୁର ଅଞ୍ଚଳରେ ଜଙ୍ଗଲର ଅବକ୍ଷୟ ବିଭିନ୍ନ କାରଣରୁ ହୋଇଚାଲିଛି। ସେଥି ସହିତ ଶିଆଳୀ ପତ୍ର ଉପରେ ବନବାସୀଙ୍କର ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଶିଆଳୀ ଲତାର ସୁରକ୍ଷା ତଥା ତାହାର ସମୃଦ୍ଧି ସେହି ଅଞ୍ଚଳର ବନବାସୀ ନିମନ୍ତେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଆବଶ୍ୟକତାକୁ ସେମାନେ ଉତ୍ସବ ରୁପେ ଖୁସିର ଏକ ପରିବେଶରେ ପାଳନ କରି ଆସୁଛନ୍ତି।

ଗ୍ରୀଷ୍ମଋତୁରେ ପତ୍ର ସଂଗ୍ରହ କରିବାକୁ ଯିବା ସମୟରେ ଶିଆଳୀର ମଞ୍ଜି ସଂଗ୍ରହ କରିବାକୁ ସେମାନେ ଭୁଲି ନଥାନ୍ତି। ଉଇହୁଙ୍କାର ମାଟି ଗୋବର, ଗାଈ ମୂତ ଓ ପାଉଁଶର ଏକ ମିଶ୍ରଣ ସହିତ ମଞ୍ଜିକୁ ଗୋଲାକାର ମଞ୍ଜିଅଣ୍ଡାରେ ପରିବର୍ତ୍ତିତ କରିଥାନ୍ତି। ବିଭିନ୍ନ ଗ୍ରାମରେ ଏହାକୁ ପାଳନ କରିବାପାଇଁ ଜୁନ୍ ମାସରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ସ୍ନାନପୂର୍ଣ୍ଣୀମା ଦିନ ଜଙ୍ଗଲ ମଧ୍ୟରେ ବନଦେବୀ ପୀଠରେ ଭୋଗ, ଧୂପ, ଦୀପ ସହିତ ପୂଜା ପର୍ବ ସମାପନ କରି ମଞ୍ଜିଅଣ୍ଡାକୁ ଜଙ୍ଗଲରେ ରୋପଣ କରିଥାନ୍ତି, ଆଗାମୀ ଦିନରେ ସେମାନଙ୍କର ଜୀବିକାର ଉତ୍ସକୁ ଦୀର୍ଘସ୍ଥାୟୀ କରିବାପାଇଁ।

ଗୋଟିଏ ସମୟରେ ପ୍ରାକୃତିକ ସମ୍ପଦ ସହଜରେ ସେମାନଙ୍କ ପାଇଁ ଉପଲବ୍ଧ ହେଉଥିବା ବେଳେ ସମୟକ୍ରମେ ଏହାର ଅଭାବ ମଧ୍ୟ ସେମାନେ ଅନୁଭବ କରୁଛନ୍ତି। ପୂର୍ବରୁ କରି ଆସୁଥିବା ଚିରାଚରିତ ସ୍ୱତଃସ୍ଫୂର୍ତ୍ତ ବନ ସୁରକ୍ଷା ପରିବର୍ତ୍ତୀତ ସମୟରେ ଅଧିକ ସୁରକ୍ଷା ଦାବି କରୁଛି। ସେହି କ୍ରମରେ ଶିଆଳୀ ଉତ୍ସବ ବର୍ତ୍ତମାନ ସମୟରେ ଏକ ଆବଶ୍ୟକତା ଓ ପ୍ରାସଙ୍ଗିକତାକୁ ଦର୍ଶାଉଛି।

# ବନବାରତା

ସଂଖ୍ୟା - ୪୧, ଜୁନ୍- ୦୮

***ସମ୍ପାଦକମଣ୍ଡଳୀ***

**ପୁଷ୍ପାଞ୍ଜଳି ଶତପଥୀ**

**ପ୍ରଶାନ୍ତ ମହାନ୍ତି**

**ୱାଇ ଗିରି ରାଓ**

***ଅକ୍ଷରସଜ୍ଜା***

**ଶକୁନ୍ତଳା ଆଚାର୍ଯ୍ୟ**

## ସୂଚୀପତ୍ର


| | |
|---|---|
| ସମ୍ପାଦକୀୟ | ୧ |
| ପାଠକଙ୍କ ମତାମତ | ୨ |
| ବିଶ୍ୱ ଖାଦ୍ୟ ସଂକଟ ଓ ଭାରତ | ୪ |
| ବିକଳ୍ପ କ'ଣ ସବୁବେଳେ ସମାଧାନ ? | ୭ |
| ସ୍ୱାସ୍ଥ୍ୟ ଜୈବ ଇନ୍ଧନ ଖଣିଜ ଇନ୍ଧନରୁ | ୧୦ |
| ଅଧିକ ଭୟାବହ ଲଗେଇଦେ ଗଛ | ୧୧ |
| ଗୋଟେ କରି ଯତନ | ୧୩ |
| ଜଡ଼ିବୁଟି | ୧୪ |
| ହଜିଯିବା ପୂର୍ବରୁ | ୧୯ |
| ଆଦିବାସୀର ପାରମ୍ପରିକ ଔଷଧୀୟ ଜ୍ଞାନ | ୨୩ |
| ପଶୁଚିକିତ୍ସା ଜଙ୍ଗଲୀ ଔଷଧୀୟ ବୃକ୍ଷର ଉପଯୋଗ | ୨୮ |
| କାହାଣୀ ଏକ ବଣୁଆ ହାତୀର | ୨୯ |
| ସବୁଜ ରଙ୍ଗର ସବୁ ସାପ ବିଷଧର ନୁହଁନ୍ତି | ୩୧ |
| ଗ୍ରାମସଭାର ବିଜୟ | ୩୩ |
| ଖବର କାଗଜ ପୃଷ୍ଠାରୁ | ୩୪ |


ଉତ୍ତରାଞ୍ଚଳ ତେହେରିର ଚିପ୍‌କୋ ଆନ୍ଦୋଳନ ଜଙ୍ଗଲ ସୁରକ୍ଷାର ଏକ କ୍ରାନ୍ତିକାରି ପର୍ଯ୍ୟାୟକୁ ଜନ ସମ୍ମୁଖରେ ଉନ୍ମୋଚନ କରିଥିଲା। ବ୍ୟାପକ ରୂପ ଗ୍ରହଣ କରିଥିବା ଏହି ଆନ୍ଦୋଳନର ଗୁରୁତ୍ୱ ଯେଉଁଭଳି ରହିଛି, ସ୍ଥାନୀୟ ସ୍ତରରେ ଠିକ୍ ସେହିପରି ଆଦିବାସୀ ଓ ବନବାସୀ ତାର ବନସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବନଦେବୀ ଉପାସନା ହେଉ ବା ବୃକ୍ଷପୂଜା ହେଉ ଏହାକୁ ବିଭିନ୍ନ ଢ଼ଙ୍ଗରେ ସେମାନେ ଆପଣେଇଛନ୍ତି। ମୟୁରଭଞ୍ଜ ଅଞ୍ଚଳରେ ରାକ୍ଷୀପୂର୍ଣ୍ଣିମା ଦିନ ଗଛକୁ ରାକ୍ଷୀ ବାନ୍ଧିବା ଭଳି ରଣପୁର ଅଞ୍ଚଳର ଅନନ୍ୟ ଶିଆଳୀ ଉତ୍ସବ ବନବାସୀର ଜଙ୍ଗଲ ପ୍ରତି ରହିଥିବା ଅନୁରାଗର ନିଦର୍ଶନ। ପ୍ରକୃତି ଓ ଜଙ୍ଗଲ ପାଇଁ ରହିଥିବା ଏହି ଆଶକ୍ତି ଅପ୍ରତ୍ୟକ୍ଷ ଭାବରେ ପରିବେଶ ପାଇଁ ଏକ ଅମୂଲ୍ୟ ଅବଦାନ। ପରିବେଶ ସୁରକ୍ଷା ପାଇଁ ସଭ୍ୟସମାଜର ବିଭିନ୍ନ ସମୟରେ ବିରାଟ ବିରାଟ ଯୋଜନାକୁ ରୂପାୟନ କରିବାର ପ୍ରସ୍ତୁତି ଚାଲିଥିବା ସମୟରେ ବନବାସୀ ସମ୍ପ୍ରଦାୟ ଏହାକୁ ସେମାନଙ୍କ ସ୍ତରରେ ଆବାହମାନ କାଳରୁ କାର୍ଯ୍ୟକାରୀ କରିଚାଲିଛନ୍ତି। ଯାହା ହେଲେ ମଧ୍ୟ ବଞ୍ଚିବାହିଁ ସମସ୍ତଙ୍କର ପ୍ରଥମ ପ୍ରାଥମିକତା। ହୁଏତ ବନବାସୀ ପାଇଁ ତାହା ଜଙ୍ଗଲ ହୋଇପାରେ !

ପୁଷ୍ପାଞ୍ଜଳି ଶତପଥୀ

***ସମ୍ପାଦିକା***

## ପାଠକଙ୍କ ମତାମତ

ସମ୍ମାନୀୟା ସମ୍ପାଦିକା,

ସାଦରେ ନମସ୍କାର !

ଇଂରାଜୀ ୨୦୦୮ ବର୍ଷର ଶୁଭେଚ୍ଛା ସହ ବସୁନ୍ଧରା ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଜଙ୍ଗଲ ଓ ପରିବେଶକୁ ଆଧାର କରି 'ବସୁନ୍ଧରା' ର କାର୍ଯ୍ୟ ସମୟପୋଯୋଗୀ। ଏହା ସହିତ ବନବାରତା ପ୍ରକାଶନ ସମାଜ ପାଇଁ ତଥା ସାମାଜିକ କ୍ଷେତ୍ରର ଏହା ମୁଖପତ୍ର ରୂପେ ପରିଗଣିତ କରାଯାଇ ପାରିବ। ପ୍ରକୃତିକୁ ବର୍ତ୍ତମାନ ମାନବ ସମାଜ ଯେଉଁଭଳି ରୂପ ଦେଲାଣି ସେ ସମୟରେ ପ୍ରକୃତି ମା' ପ୍ରାକୃତିକ ସମ୍ପଦ ଓ ବନ୍ୟଜନ୍ତୁ ମଣିଷ ଓ ଜୀବଜଗତ ଦୁଃଖ ସମୟର ମଲମସଦୃଶ, ଯାହା ମାଧ୍ୟମରେ ପ୍ରକୃତିକ ସମ୍ପଦକୁ ସାମାନ୍ୟ ଉପସମ ପାଇପାରିବ। ବନବାରତାର ମୁଁ ଜଣେ ନିୟମିତ ପାଠକ ଓ ଅନ୍ୟ ପ୍ରକୃତି ପ୍ରେମୀଙ୍କୁ ପଢାଇ ପ୍ରେରଣା ଯୋଗାଉଛି ବୋଲି ମୋର ବହୁଦିନର ଅଭିଜ୍ଞତା। ନୂତନ ଶୀର୍ଷକ ବିଷୟବସ୍ତୁ ଗୁଡ଼ିକ ଯୁଗ ଉପଯୋଗୀ ଏବଂ ମାର୍ଗଦର୍ଶୀକା ଅଟେ। ଏଣୁ ଏହାକୁ ପ୍ରତ୍ୟେକ ପରିବେଶବିତ ପାଠ କରି ଉଚିତ ଅନୁଶୀଳନ କରିବାର ମସୟ ଉପଗତ ହୋଇଛି ଏଣୁ ବନବାରତା ଉତ୍ତରୋତ୍ତର ସଂମୃଦ୍ଧି କାମନା କରୁଛି।

ବସୁନ୍ଧରା ପ୍ରୟାସ ଆଗାମୀ ଦିନରେ ବନବାରତାର କଳେବର ବୃଦ୍ଧି କରି ଅଧିକ ପ୍ରସାରଣ ପାଇଁ ଅନୁରୋଧ କରୁଅଛି।

**କୃପାସିନ୍ଧୁ ପାତ୍ର**

ସମ୍ପାଦକ, ମେଘାସନୀ ଅଞ୍ଚଳିକ ବନ ସୁରକ୍ଷା ମହାସଂଘ, ମୟୁରଭଞ୍ଜ

ମହାଶୟା

ଆପଣଙ୍କୁ ସାଂଗଠନିକ ନମସ୍କାର । ତଥା ବସୁନ୍ଧରା ପରିବାରକୁ ମଧ୍ୟ ଆପଣଙ୍କ ଦ୍ୱାରା ପ୍ରେରଣ କରାଯାଉଥିବା "ବନବାରତା" ରୁ ଆମସଂଗଠନ ପାଉଥିବା ସମସ୍ତ ତଥ୍ୟ ବହୁତ ଉପକାରରେ ଆସୁଅଛି । ଉକ୍ତ ତଥ୍ୟ ଭିତ୍ତିକ ପତ୍ରିକାଟି ସମସ୍ତଙ୍କ ପାଇଁ ଏକ ଜାଣିବାର ପୁସ୍ତିକା ହୋଇଥିବାରୁ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । ଏହି ସଂସ୍କରଣରେ ବିଶ୍ୱବ୍ୟାଙ୍କର ସୁପାରିଶରେ କୃଷି ଓ କୃଷିକଙ୍କ ସମସ୍ୟା ଓ ପ୍ରସ୍ତାବିତ ଓଡ଼ିଶା ଜଙ୍ଗଲ ନୀତି ଓ Multi National Company ମାନଙ୍କର ପ୍ରବେଶରେ ସମସ୍ୟା ଇତ୍ୟାଦି ବହୁ ଉଚ୍ଚକୋଟୀର ଲେଖା ପ୍ରକାଶ ପାଇଛି । ବସୁନ୍ଧରାର ଏହି ପ୍ରକାର ତଥ୍ୟ ଭିତ୍ତିକ ପ୍ରତ୍ରିକା ପ୍ରକାଶନର ପ୍ରୟାସ ଆଗକୁ ଜାରିରହୁ । ଏହା ହିଁ କାମ୍ୟ ।

"ପରିବେଶ ଆମ ହୋଇବ ରକ୍ଷା
ଜଙ୍ଗଲକୁ ଯଦି ଦେବା ସୁରକ୍ଷା
ଗଛ ବଞ୍ଚିଥିଲେ ଆମେ ବଞ୍ଚିବା
ଗଛ ଧ୍ୱଂଶ ହେଲେ ଆମେ ବି ଯିବା
ଜଳ, ଜମି, ଆଉ ଜଙ୍ଗଲ ଆମ
ଏହାର ସୁରକ୍ଷା ଆମର କାମ୍ୟ"

*ପ୍ରଶାନ୍ତ କୁମାର ପ୍ରଧାନ* (ସେକ୍ରେଟାରୀ)
ଖଜୁରିପଡ଼ା, ଜି: କନ୍ଧମାଳ

ମହାଶୟା,

ଜିନ୍ଦାବାଦ,

ସଂଗ୍ରାମୀ ଅଭିନନ୍ଦନ ନେବେ । ତ୍ରୈମାସିକ ପତ୍ରିକା "ବନବାରତା"ର ସଂଖ୍ୟା ୩୯ ମୋର ହସ୍ତଗତ ହେଲା । ଏଥିରେ ଥିବା ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ବିଜ୍ଞାପନ ଚାତୁରୀ ଓ ଉପଭୋକ୍ତାବାଦୀ ଜୀବନଶୈଳି ପଢ଼ି ଖୁସି ହେଲି । ପ୍ରକୃତରେ ବର୍ତ୍ତମାନ ଯୁବସମାଜ ବିଜ୍ଞାପନକୁ ଦେଖି ନିଜର ଜୀବନକୁ ଭୂଲି ଯାଇ ବହୁରାଷ୍ଟ୍ରୀୟ କମ୍ପାନୀ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜର ପାରମ୍ପାରିକ ଜୀବନ ଶୈଳୀରୁ ଦୂରେଇ ଯାଉଛନ୍ତି ଯାହାକି ବର୍ତ୍ତମାନ ସମାଜ ଅବନତିକର କାରଣ ଓ ଜୀବନ ପ୍ରତି ମଧ୍ୟ ବିପଦ ଶଙ୍କୁଳ ଅଟେ । ଏହି ଦିଗରେ ଯେଉଁ ସଚେତନାତ୍ମକ, ବିଶ୍ଳେଷଣ ଓ ଗବେଷଣା କରି ଲେଖାଯାଇଛି । ଏହା ଉଚ୍ଚକୋଟୀର ଓ ଉପାଦେୟ ଅଟେ ।

ଉକ୍ତ ସଚେତନଶୀଳ ଓ ବିଶ୍ଲେଷଣ ଘଟଣା ଲେଖିବାକୁ ଅନୁରୋଧ ଏବଂ ପରିବେଶ ଓ ପ୍ରକୃତି ସୁରକ୍ଷା ତାଲିମ କାର୍ଯ୍ୟକ୍ରମେ ସାମିଲ କରିବାକୁ ଅନୁରୋଧ ।

*ଗୋଲାପ ନିଆଲ*
ସଂପାଦକ, ଗାଁ'ମୁକ୍ତି ସଂଗଠନ,

ସମ୍ମାନନୀୟା ସମ୍ପାଦିକା,

ମହାଶୟା,

ବନବରତା, ତ୍ରୈମାସିକ ସଂଖ୍ୟା ୪୦, ମାର୍ଚ୍ଚ ୨୦୦୮ ପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଏଥିର ସମ୍ପାଦକୀୟ ପଢ଼ି ମୁଁ ବହୁତ ଖୁସି ହେଲି । ଜାଟ୍ରୋଫା ଉପରେ ହୋଇଥିବା ଆଲୋଚନାକୁ ମନ ଯୋଗ ସହକାରେ ପଢ଼ିଲି । ଆମ ଦେଶର ଅଧିକାଂଶ କୃଷକ ଅଜ୍ଞ ପାଠୁଆ ବା ଅପାଠୁଆ କହିଲେ ଅତ୍ୟୁକ୍ତି ହେବନାହିଁ । ଆମ ପାଠୁଆ ବାବୁ ମାନେ ସେଇ କୃଷକମାନଙ୍କୁ କିପରି ବିଭ୍ରାନ୍ତ କରି ଅର୍ଥଲାଳସା ଦେଖାଇ ପାରମ୍ପାରିକ ଚାଷରୁ ଓହରାଇ ନେଇ ସର୍ବଶ୍ୱାନ୍ତ କରନ୍ତି ଜାଟ୍ରୋଫା ଚାଷ ତାର ଏକ ନମୁନା । ଆଶାକରେ ଆପଣଙ୍କ ଲେଖାଟି କୃଷକମାନଙ୍କୁ ପଥପ୍ରଦର୍ଶନ ପୂର୍ବକ ନିଜର ପାରମ୍ପାରିକ ଚାଷପ୍ରତି ବିତସ୍ପୃହ ହେବାରୁ ଓ ଦିଗଭ୍ରଷ୍ଟ ହେବାରୁ ରକ୍ଷାକରିବ ।

ଏଥିସହ ମୋର ରଚିତ କବିତାଟିଏ ପଠାଉଛି ଆଶାକରେ ତାହା ଆପଣଙ୍କ ପତ୍ରିକାର ଆଗାମୀ ସଂଖ୍ୟାରେ କୃଷକମାନଙ୍କ ନିକଟକୁ ପହଞ୍ଚିବାର ସମର୍ଥ ହେବ ।

।। ଇତି ।।

ଆପଣଙ୍କର ବିଶ୍ୱସ୍ତ
**ଶ୍ରୀ ରତ୍ନାକର ସାହୁ**



# ବିଶ୍ୱ ଖାଦ୍ୟ ସଂକଟ ଓ ଭାରତ

ବିଶ୍ୱସ୍ତରରେ ଖାଦ୍ୟକୁ ନେଇ ଏକ ସଂକଟ ସୃଷ୍ଟି ହେଲାଣି, ଏ କଥାକୁ ନେଇ ଆମ ଦେଶରେ ଚର୍ଚ୍ଚା ଗତ ଏପ୍ରିଲ ମାସର ମଧ ଭାଗରୁ ହେବା ଆରମ୍ଭ କରିଛି। ବିଶେଷତଃ, କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ଚଳିତ ବର୍ଷର ବଜେଟ ଉପସ୍ଥାପିତ କରିବାର ଅଳ୍ପଦିନ ପରେ ଦେଶବ୍ୟାପୀ ଅତ୍ୟାବଶ୍ୟକ ଜିନିଷ, ଅଧିକନ୍ତୁ ଖାଦ୍ୟ ପଦାର୍ଥର ଦର ହୁ ହୁ ବଢିବାକୁ ଲାଗିଲା ଏବଂ ପ୍ରଧାନମନ୍ତ୍ରୀ କହିଲେ ଯେ ଦରଦାମ ବୃଦ୍ଧି ବା ମୁଦ୍ରାସ୍ଫିତ ଏକ ବିଶ୍ୱସ୍ତରୀୟ (ଗ୍ଲୋବାଲ) ସମସ୍ୟା ହୋଇଯାଇଛି। ଆନ୍ତର୍ଜାତିକ ବଜାରରେ ତୈଳଦରର ଅହେତୁକ ବୃଦ୍ଧିର ଚାପରେ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରିଛନ୍ତି ଏବଂ ଦେଶରେ ମୁଦ୍ରାସ୍ଫିତ ହାର ହ୍ରାସ ପାଇବାର ସୂଚନା ମିଳୁନାହିଁ। ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି, ଦରବୃଦ୍ଧିର ଏ ବୋଝକୁ ଟିକେ ସହିବାକୁ ହେବ।

ଗତ କିଛି ମାସ ହେଲା ଦୁନିଆଁର ଅନେକ ଦେଶରେ ଖାଦ୍ୟପଦାର୍ଥର ଅହେତୁକ ଦରବୃଦ୍ଧି ରୂପରେ ଏ କ୍ଷେତ୍ରରେ ଏକ ସଂକଟ ସୃଷ୍ଟି ହୋଇସାରିଥିବା କଥା ବିଭିନ୍ନ ତଥ୍ୟ ଓ ଘଟଣାବଳୀରୁ ସୂଚନା ମିଳୁଛି। ଜାତିସଂଘର ସଂସ୍ଥା 'ଖାଦ୍ୟ ଓ କୃଷି ସଂଗଠନ' (FOD) ର ଏକ ରିପୋର୍ଟ ଅନୁସାରେ ୬୦ ଟି କୃଷିଜାତ ଦ୍ରବ୍ୟର ଦର ଯାହା ୨୦୦୬ ରେ ହାରାହାରି ୧୪% ବୃଦ୍ଧି ହୋଇଥିଲା, ୨୦୦୭ରେ ୩୭% ଏବଂ ୨୦୦୮ ମାର୍ଚ୍ଚ ସୁଦ୍ଧା ୭୦% ବୃଦ୍ଧିହେଲାଣି। ମେକ୍ସିକୋ, ୟେମେନ୍, ସେନେଗାଲ, ଉଜବେକିସ୍ଥାନ, ମୋରୋକ୍କୋ, ହାଇତ୍, ପାକିସ୍ତାନ, ଗିନି ଆଦି ୨୦ଟି ଦେଶରେ ଗତ ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ଖାଦ୍ୟାଭାବ ଓ ଖାଦ୍ୟ ପଦାର୍ଥର ଦରବୃଦ୍ଧି କାରଣରୁ ବିକ୍ଷୋଭ ଓ ଦଙ୍ଗା ଦେଖାଦେଇଛି। ଇଟାଲୀ, ଚୀନ, ଭାରତ, ଇଜିପଟ୍ ଭଳି ଦେଶମାନଙ୍କରେ ଏହି ସଂକଟ ମୁକାବିଲା ପାଇଁ ନାନା କଟକଣା ଲାଗୁ କରିବାକୁ ବାଧ ହେଲେଣି।

ବିଶ୍ୱ ସ୍ତରରେ ଖାଦ୍ୟ ସଂକଟର ସ୍ୱରୂପ ଓ କାରଣକୁ ନେଇ ଅର୍ଥଶାସ୍ତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ମତ ପ୍ରକାଶ ପାଉଥିବା ବେଳେ ଗତ ଏପ୍ରିଲ ମାସରେ ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶଙ୍କର ଏବିଷୟକ ଏକ ମନ୍ତବ୍ୟକୁ କେନ୍ଦ୍ରକରି ବେଶ ଆଲୋଡନ ସୃଷ୍ଟି ହୋଇଅଛି। ଏହି ସଂକଟ ସଂକ୍ରାନ୍ତରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଯାଇ ପ୍ରଥମେ ଆମେରିକାର ବୈଦେଶିକ ସଚିବ କୋଣ୍ଡାଲିଜା ରାଇସ୍ ଏବଂ ପରେ ଖୋଦ ରାଷ୍ଟ୍ରପତି କହିଛନ୍ତି ଯେ, "ଭାରତ ଓ ଚୀନ ଦେଶ ଦ୍ୱୟରେ ମଧ୍ୟବିତ୍ତ ଶ୍ରେଣୀର ସମୃଦ୍ଧି ଏବଂ ଖାଦ୍ୟପଦାର୍ଥର ଚାହିଦା ବୃଦ୍ଧି କାରଣରୁ ବିଶ୍ୱସ୍ତରରେ ଏପରି ଖାଦ୍ୟପଦାର୍ଥର ଦରବୃଦ୍ଧି ଘଟୁଛି"। ଏପରି ଅଭିଯୋଗରେ କିଛି ସତ୍ୟତା ରହିଛି କି? ବିଶ୍ୱ ଖାଦ୍ୟ ସଂକଟ ନିମନ୍ତେ ଆମେରିକାର ରାଷ୍ଟ୍ରପତି ଭାରତ ଓ ଚୀନର ମଧ୍ୟବିତ୍ତ ଶ୍ରେଣୀକୁ ଦାୟୀ ବୋଲି କହିବାର ରହସ୍ୟ କଣ?

'ଖାଦ୍ୟ ଓ କୃଷି ସଂଗଠନ'ର ଏକ ରିପୋର୍ଟ ଅନୁସାରେ ୨୦୦୭-୦୮ ବର୍ଷରେ ଭାରତରେ ଅନ୍ନ ଜାତୀୟ ଖାଦ୍ୟ(ସିରିଏଲ) ର ମୋଟ ଉପଭୋଗ ୧୯୩.୧ ରୁ ୧୯୭.୩ ନିୟୁତ ଟନ ବା ୨.୨% ପ୍ରତିଶତ ଏବଂ ଚୀନରେ ୩୮୨.୨ ରୁ ୩୮୯.୦୧ ନିୟୁତ ଟନ ବା ୧.୮% ବୃଦ୍ଧି ପାଇଥିବା ବେଳେ ଆମେରିକାର ଏହି ଉପଭୋଗ ୨୭୭.୬ ରୁ ୩୧୦.୪ ନିୟୁତ ଟନ ବା ୧୨% ବୃଦ୍ଧି ପାଇଛି। ଏହି ବୃଦ୍ଧି ହାର ବିଷୟକ ତଥ୍ୟରୁ ଆମେରିକାର ରାଷ୍ଟ୍ରପତିଙ୍କର ଅଭିଯୋଗ ବା ଦୋଷାରୋପଣ ଯେ ଭିତ୍ତିହୀନ ତଥା ଉଦ୍ଦେଶ୍ୟ ପ୍ରଣୋଦିତ ଏକଥା ସ୍ପଷ୍ଟ। ଦ୍ୱିତୀୟତଃ, ଜଣେ ବ୍ୟକ୍ତିର ଜୀବନସ୍ତର ବା ଉପଭୋଗ କ୍ଷମତା ବଢ଼ିଲେ ଯେ ଖାଦ୍ୟ ଶସ୍ୟ ତୁଳନାରେ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଅଧିକ ଖର୍ଚ୍ଚକରିବା ଏକ ସାଧାରଣ ନିୟମ।

ତାହେଲେ ଏପରି ଦୋଷାରୋପଣର ଅଭିସନ୍ଧି କଣ? ୨୦୦୫ରୁ ଆମେରିକା ସରକାର ଗହମ, ମକା, ଆଖୁ, ଚାଉଳ ଆଦି ଖାଦ୍ୟଶସ୍ୟରୁ ପେଟ୍ରୋଲିୟମ ଜାତ ତୈଳର ବିକଳ୍ପ ଇନ୍ଧନ ହିସାବରେ ଇଥନଲ ତଥା ବାୟୋଡିଜେଲ ପ୍ରସ୍ତୁତ କରିବାର ଏକ ନୀତି ଆରମ୍ଭ କରିଛନ୍ତି। ଏଥିସକାଶେ ସେଠିକାର ସରକାରଙ୍କ ତରଫରୁ ପ୍ରଚୁର ସବସିଡି ପ୍ରଦାନ କରୁଛନ୍ତି। ଗତବର୍ଷ ଆମେରିକାର ଉତ୍ପାଦିତ ମକାର ୨୫% ଏବଂ ଅନ୍ୟାନ୍ୟ ଶସ୍ୟର ୨୦% ଏହି ଉଦ୍ଦେଶ୍ୟରେ ବିନିଯୋଗ ହୋଇଥିଲା। ଚଳିତ ବର୍ଷ (୨୦୦୮) ଏହି ଦେଶରେ ୩୬ ବିଲିୟନ ଲିଟର ଇଥାନଲ ଓ ବାୟୋଡିଜେଲ ପ୍ରସ୍ତୁତ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୨ ସୁଦ୍ଧା ଏହାର ବାର୍ଷିକ ପରିମାଣକୁ ୧୩୬ ବିଲିୟନ ଲିଟରକୁ ବୃଦ୍ଧି କରାଯିବାକୁ ଯୋଜନା ଚାଲିଛି। ଏପରି ନୀତି ୟୁରୋପୀୟ ଦେଶ ମାନଙ୍କରେ ମଧ୍ୟ ଚାଲିଛି। ମଣିଷର ବଞ୍ଚିବା ପାଇଁ ଆବଶ୍ୟକ ଖାଦ୍ୟ ଶସ୍ୟର ଯଦି ଏହି ଗତିରେ ଯାନବାହାନ ଚଳାଇବା ପାଇଁ ବିନିଯୋଗ ହେବ, ତେବେ ଖାଦ୍ୟ ସଂକଟ ଉତ୍କଟ ହେବା ଅବଶ୍ୟମ୍ଭାବୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମେରିକାର ଜନସଂଖ୍ୟା ବିଶ୍ୱଜନସଂଖ୍ୟାର ମାତ୍ର ୫% ହୋଇଥିଲେ ସୁଦ୍ଧା ସାରାପୃଥିବୀରେ ବ୍ୟବହୃତ ମୋଟ ପେଟ୍ରୋଲିୟମ ସାମଗ୍ରୀର ୨୫% ଏହି ଦେଶରେ ଉପଭୋଗ କରାଯାଇଥାଏ। ଭାରତରେ ପେଟ୍ରୋ-

ତୈଳର ଉପଭୋଗ ବର୍ଷକୁ ମୁଣ୍ଡପିଛା ୧୧୭ କିଲୋ ଲିଟର ହୋଇଥିବା ବେଳେ ଆମେରିକାରେ ୩୪୨୧ କିଲୋଲିଟର ଅର୍ଥାତ ୨୭ ଗୁଣ।

ଏକ ହିସାବ ଅନୁସାରେ ଜଣେ ହାରାହାରି ଭାରତୀୟ ବର୍ଷକୁ ୧୭୮ କି.ଗ୍ରା. ଅନ୍ନ (ଗହମ, ଚାଉଳ, ମକା ଆଦି) ଜାତୀୟ ଖାଦ୍ୟଶସ୍ୟ ଏବଂ ଜଣେ ଚୀନ ବାସୀ ୨୯୧ କି.ଗ୍ରା. ଉପଭୋଗ କରୁଥିବା ବେଳେ ଜଣେ ଆମେରିକାବାସୀ ୧୦୪୬ କି.ଗ୍ରା. ଉପଭୋଗ କରିଥାଏ। ଜଣେ ହାରାହାରି ଆମେରିକାବାସୀ ବର୍ଷକୁ ଜଣେ ହାରାହାରି ଭାରତୀୟ ଠାରୁ ୫ ଗୁଣ, ଚୀନବାସୀ ଠାରୁ ୩ ଗୁଣ ଏବଂ ୟୁରୋପୀୟବାସୀ ଠାରୁ ୨ ଗୁଣ ଅଧିକ ଖାଦ୍ୟ ଖାଇଥାଏ।

ଏପରି ଏକ ତୁଳନାତ୍ମକ ତଥ୍ୟ ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତିଙ୍କର ଭାରତ ଓ ଚୀନର ମଧ୍ୟବିତ୍ତ ଶ୍ରେଣୀର ଖାଦ୍ୟ ଚାହିଦାକୁ ଦାୟୀକରି ଦୋଷାରୋପଣର ମୂଳକାରଣ କଣ ? ବିଭିନ୍ନ କାରଣରୁ ବିଶ୍ୱ ସ୍ତରରେ ଖାଦ୍ୟଶସ୍ୟର ଉତ୍ପାଦନ ଗତ କିଛି ବର୍ଷ ହେଲା ହ୍ରାସ ପାଉଥିବା ବେଳେ ଆମେରିକାରେ ମଣିଷ ପାଇଁ ଉଦ୍ଦିଷ୍ଟ ଖାଦ୍ୟରୁ ଇଥାନଲ ଓ ବାୟୋଡିଜେଲ ପ୍ରସ୍ତୁତିର ବ୍ୟାପକ ଯୋଜନାକୁ ସବୁ ସ୍ତରରେ ସମାଲୋଚନା କରାଯାଉଛି। ଗତ ବର୍ଷ ଅଗଷ୍ଟ ମାସରେ କ୍ୟୁବାର ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋ ଏପରି ଉଦ୍ୟମକୁ ମାନବ ସମାଜର ଅସ୍ତିତ୍ୱ ପ୍ରତି ଏକ ବଡ ବିପଦ ବୋଲି ଅବିହିତ କରି ବିରୋଧ କରିବାକୁ ବିଶ୍ୱବାସୀଙ୍କୁ ଆହ୍ୱାନ ଜଣାଇଥିଲେ।

ଆମେରିକାର ଶାସକ ଶ୍ରେଣୀ ନିଜଦେଶର ଲୋକ ମାନଙ୍କର ଭୋଗ ବିଳାସକୁ ସାମାନ୍ୟ ହ୍ରାସ କରିବା କଥା ମଧ୍ୟ ଚିନ୍ତାକରୁନାହିଁ। ଏକଥା କହିବା ବାହୁଲ୍ୟ ଯେ ଦୁନିଆଁର ବହୁ ଦେଶରେ ପ୍ରାକୃତିକ ସଂପଦର ଲୁଣ୍ଠନ ଏବଂ ଏକ ମୁକ୍ତ ବଜାର ବିଶ୍ୱବ୍ୟବସ୍ଥା କାଏମ କରି ଆମେରିକା ଏତେ ସମୃଦ୍ଧି ହାସଲ କରିପାରିଛି। ସାରା ଦୁନିଆଁର ଏକ ଚତୁର୍ଥାଂଶ ପେଟ୍ରୋ- ତୈଳ ଉପଭୋଗ କରୁଥିଲେ ସୁଦ୍ଧା ତାକୁ ନେଇ ଅପରାଧ ବୋଧ ନାହିଁ ସେ ଦେଶରେ। ପୃଥିବୀର ମାଟିତଳୁ ପେଟ୍ରୋଲିୟମର ଭଣ୍ଡାର ସମାପ୍ତ ହେବା ଜଳ ଜଳ ହୋଇ ଦେଖାଯାଉଥିବା ବେଳେ ଆମେରିକା ତାହାର ଉପଭୋଗର ମାତ୍ରାକୁ କମ୍ କରିବା କଥା ଚିନ୍ତା କରୁନାହିଁ। ତା ବଦଳରେ ମଣିଷ ବଞ୍ଚିବା ପାଇଁ ଆବଶ୍ୟକ ଖାଦ୍ୟ ଶସ୍ୟରୁ ତାର ବିକଳ୍ପ ପ୍ରସ୍ତୁତିରେ ଉପଭୋଗର ସ୍ତରକୁ ଯଥାବତ ରଖିବା ଯୋଜନା କରାଯାଉଛି। ଏହି ଗୁରୁତର ମାନବତା ବିରୋଧି ଅପରାଧ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶକୁ ପାଲଟା ଜବାବ ଦେବାପାଇଁ ଜର୍ଜ ବୁଶ ଏପରି ଦୋଷାରୋପଣ କରୁଛନ୍ତି, ତାହା ମିଥ୍ୟା କଥାର ଆଶ୍ରୟ ନେଇ।

ବିଶ୍ୱ ସ୍ତରରେ ଖାଦ୍ୟ ସମସ୍ୟା ୨୦୦୮ ରେ ଏକ ସଂକଟରୂପ ଧାରଣ କରିବାର ନିମ୍ନୋକ୍ତ କେତେକ ପ୍ରମୁଖ କାରଣ କଥା ଏ ବିଷୟକ ବିଶେଷଜ୍ଞମାନେ ଚର୍ଚ୍ଚା କରୁଛନ୍ତି।

(୧) ଆନ୍ତର୍ଜାତିକ ବଜାରରେ ପେଟ୍ରୋଲିୟମର ଦର ହୁ ହୁ ବଢି ଚାଲିଛି। ୨୦୦୩ ମସିହାରେ ବ୍ୟାରେଲ ପ୍ରତି ତୈଳ ଦର ଥିଲା ୨୫ ଆମେରିକାନ ଡଲାର। ଚଳିତ ବର୍ଷ ଆରମ୍ଭରେ ୧୨୫ ଡଲାରରେ ପହଞ୍ଚି ଏବେ ୧୩୯ ଡଲାର ହେଲାଣି। ଏବର୍ଷ ଶେଷ ସୁଦ୍ଧା ଏହି ଦର ୨୦୦ ଡଲାର ହେବାର ଆଶଙ୍କା ପ୍ରକାଶ ପାଉଛି। ଆଧୁନିକ କୃଷି ବ୍ୟବସ୍ଥାରେ କୃଷି ଯନ୍ତ୍ର ପାତିର ଊର୍ଜା ଓ ରାସାୟନିକ ସାରର ସ୍ରୋତ ହେଉଛି ପେଟ୍ରୋଲିୟମ। ତେଣୁ ଏହି ଦରବୃଦ୍ଧି ଖାଦ୍ୟଶସ୍ୟର ଦରବୃଦ୍ଧିକୁ ତ୍ୱରାନ୍ୱିତ କରୁଛି।

(୨) ପୃଥିବୀର ଉତ୍ତାପ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଖାଦ୍ୟ ଉତ୍ପାଦନ ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ଅଷ୍ଟ୍ରେଲିଆ ପୃଥିବୀର ସର୍ବାଧିକ ଗହମ ରପ୍ତାନକାରୀ ଦେଶ, ମାତ୍ର ଗତ ୪ ବର୍ଷ ହେଲା ସେଠାରେ ଲଗାତର ମରୁଡ଼ି କାରଣରୁ ଗହମ ଉତ୍ପାଦନ ଯଥେଷ୍ଟ କମିଯାଇଛି। ଗତବର୍ଷ ବଙ୍ଗଳା ଦେଶରେ ମହାବାତ୍ୟା ଯୋଗୁଁ ସେଠିକାର ୭୦୦ ନିୟୁତ ଡ଼ଲାର ମୂଲ୍ୟର ଧାନ ଫସଲ ନଷ୍ଟ ହୋଇଗଲା। ଗତ ବର୍ଷ ଅସ୍ୱାଭାବିକ ଥଣ୍ଡା ଓ ବରଫ ଯୋଗୁଁ ଚୀନର ଉତ୍ତର କେନ୍ଦ୍ରାଞ୍ଚଳରେ ମରୁଡି ପରିସ୍ଥିତି ହେଲା। ଏଇ ସବୁ ପ୍ରାକୃତିକ କାରଣରୁ ଗହମ ଓ ଚାଉଳ ଦରରେ ଅହେତୁକ ବୃଦ୍ଧି ଘଟିଛି।

(୩) ଅନେକ ଦେଶରେ ଶିଳ୍ପାୟନ ଓ ବିକାଶ ନାଁରେ କୃଷିଯୋଗ୍ୟ ଜମିକୁ ବ୍ୟାପକ ଭାବରେ ଅଣ-କୃଷି ଉଦ୍ଦେଶ୍ୟରେ ବିନିଯୋଗ ରୋକିବା କାରଣରୁ ମଧ୍ୟ କୃଷି ଉତ୍ପାଦନ ହ୍ରାସ ପାଉଛି। ଗତ ୭ ବର୍ଷ ଭିତରେ ଚୀନରେ ୭ ନିୟୁତ ଏକର ଏବଂ ଭିଏତନାମରେ ୭ ଲକ୍ଷ ଏକର ଚାଷ ଜମିରେ ଏପରି କାରଣରୁ ଚାଷ ବନ୍ଦ ହୋଇ ଧାନ ଉତ୍ପାଦନ ଯଥେଷ୍ଟ କମିଛି।

(୪) ଗତ କିଛି ବର୍ଷ ହେଲା ମାଂସର ଚାହିଦା ବଢିବା ସାଂଗକୁ ପଶୁପାଳନ ନିମନ୍ତେ ଖାଦ୍ୟ ଶସ୍ୟ ଚାହିଦା ମଧ୍ୟ ବଢିଛି।

(୫) ଅନେକ ଦେଶମାନଙ୍କର ଖାଦ୍ୟ ଶସ୍ୟ ଆମଦାନୀ ବଢିଛି।

(୬) ଖାଦ୍ୟଶସ୍ୟର ଆନ୍ତର୍ଜାତିକ ବଜାର ଉପରେ ମୁଷ୍ଟିମେୟ କଂପାନୀମାନେ ନିୟନ୍ତ୍ରଣ ଓ ସଟ୍ଟା ବଜାରର ପ୍ରାଦୁର୍ଭାବ।

ବିଶ୍ୱ ସ୍ତରରେ ଖାଦ୍ୟ ସଂକଟର ଉପରୋକ୍ତ କାରଣ ଗୁଡିକୁ ଠିକ୍ ଭାବରେ ବିଶ୍ଳେଷଣ କରି ଭାରତକୁ ନିଜସ୍ୱ ରଣନୀତି ପ୍ରସ୍ତୁତ କରିବାକୁ ହେବ। ବିଶ୍ୱ ବାଣିଜ୍ୟ ସଂଗଠନରେ ସଦସ୍ୟ ଭୁକ୍ତ ହେବା ସାଂଗକୁ ଭାରତରେ ଯେଉଁ ଜଗତୀକରଣ ଅର୍ଥନୀତି ପ୍ରଚଳନ କରାଯାଉଛି ତାହାର ପରିଣତି ଭୟାବହ ହୋଇ ଚାଲିଛି। କିନ୍ତୁ ବିଡମ୍ବନାର କଥା ହେଉଛି ଯେ ଦେଶର ଶାସକ ଶ୍ରେଣୀ ଏହି ଐତିହାସିକ ସତ୍ୟ ସ୍ୱୀକାର

କରିବାକୁ ପ୍ରସ୍ତୁତ ନୁହଁ । ଏହି ନୀତିର ପ୍ରବକ୍ତା ସାଜିଥିବା ଅର୍ଥଶାସ୍ତ୍ରୀମାନେ ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶଙ୍କର ଉପରୋକ୍ତ ମନ୍ତବ୍ୟକୁ ଭାରତର ଉଦୀୟମାନ ଅର୍ଥନୀତି ପ୍ରତି ପ୍ରଶଂସା ସୂଚକ ବୋଲି ମତ ଦେଉଛନ୍ତି । ଭାରତର ମଧ୍ୟବିତ୍ତ ଶ୍ରେଣୀର ସମୃଦ୍ଧିକୁ ଆମେରିକାର ରାଷ୍ଟ୍ରପତି ମଧ୍ୟ ସ୍ୱୀକାର କଲେ । ଭାରତର ସମୃଦ୍ଧିରେ ଆମେରିକା ଈର୍ଷାନ୍ୱିତ ହେଉଅଛି । ଏପରି ମନ୍ତବ୍ୟ ଦେବାକୁ ମଧ୍ୟ କେତେକ ପଛାଉନାହାନ୍ତି ।

ଭାରତରେ ମଧ୍ୟବିତ୍ତ ଶ୍ରେଣୀର ଜନସଂଖ୍ୟା କେତେ ହେବ ?

ସର୍ବମୋଟ ୧୧୦କୋଟି ଜନସଂଖ୍ୟାରୁ ଏହି ଶ୍ରେଣୀର ସଂଖ୍ୟା ବେଶୀ ହେଲେ ପ୍ରାୟ ୨୫ କୋଟି ହେବ । ପ୍ରଚଳିତ ଅର୍ଥବ୍ୟବସ୍ଥାରେ ଏହି ଶ୍ରେଣୀର ଜୀବନ ଧାରଣର ମାନ ହୁଏତି ବଢ଼ି ବଢ଼ି ଚାଲିଛି । ହେଲେ ଜାଣିବାକୁ ହେବ ଯେ ଏହି ଶ୍ରେଣୀର ଜୀବନର ମାନ ବଢିଲେ ସେମାନଙ୍କର ଖାଦ୍ୟ ଚାହିଦାର ଚରିତ୍ର ବଦଳି ଥାଏ । ଅନ୍ନ ଜାତୀୟ (ସିରିଏଲ୍) ଖାଦ୍ୟର ଚାହିଦା କମି ଅନ୍ୟ ଜାତୀୟ ଖାଦ୍ୟର ଚାହିଦା ବଢିଥାଏ ।

କିନ୍ତୁ ଦେଶର ଅନ୍ୟ ବହୁ ସଂଖ୍ୟକ ଲୋକଙ୍କ ଅବସ୍ଥା କଣ ?

ଡାଃ. ଅର୍ଜୁନ ସେନ୍‌ଗୁପ୍ତାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନର ନିଷ୍କର୍ଷ ହେଉଛି ଯେ ଭାରତର ୭୭ ପ୍ରତିଶତ ଲୋକ (ପ୍ରାୟ ୮୩ କୋଟି) ଦୈନିକ ୨୦ ଟଙ୍କାରୁ କମ୍ ଅର୍ଥର ଉପଭୋଗ କରି ଜୀବନ ଯାପନ କରିଥାନ୍ତି । ଏହା ହେଉଛି ଦେଶର ୭୭ ଭାଗ ଲୋକଙ୍କର ଜୀବନମାନ ପ୍ରତିଫଳନ । ବଂଚିବା ପାଇଁ ଆବଶ୍ୟକ ନିମ୍ନତମ ଖାଦ୍ୟ ପଦାର୍ଥ ସେମାନେ କିଣିପାରୁ ନାହାନ୍ତି । ପ୍ରଚିଳିତ ଅର୍ଥବ୍ୟବସ୍ଥାରେ ସେମାନଙ୍କର ଜୀବନର ମାନରେ ଦ୍ରୁତ ଅବନତି ଘଟିଚାଲିଛି । ସେମାନଙ୍କର ଚାହିଦା କ୍ରୟଶକ୍ତିର ଘୋର ଅଭାବ କଥା ଦେଶର ଶାସକ ଶ୍ରେଣୀ ଏବଂ ଏହି ଅର୍ଥନୀତିର ସ୍ତାବକ ମାନଙ୍କ ପାଇଁ ଉଦ୍‌ବେଗର ବିଷୟ ନୁହେଁ । କାରଣ ସେମାନେ 'ନବ-ଉଦାରବାଦୀ' !

ବିଗତ ଦେଢ ଦଶନ୍ଧିରୁ ଉର୍ଦ୍ଧ୍ୱ ହେଲା 'ନବ-ଉଦାରବାଦୀ'ର ଦ୍ୱାହି ଦେଇ ସବ୍‌ସିଡ୍ ହ୍ରାସ ନାମରେ ସରକାର କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରି ଚାଲିଛନ୍ତି ଏବଂ ଗରିବ ଲୋକମାନଙ୍କ ଖାଦ୍ୟ ସୁରକ୍ଷାର ଆଧାର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅକାମୀ କରି ଚାଲିଛନ୍ତି । (ଯଦିଓ ଏହି ନୀତିର ସୂତ୍ରଧର ଧନୀ ପୁଞ୍ଜିପତି ଦେଶମାନେ ନିଜ ନିଜ ଦେଶରେ କୃଷି କ୍ଷେତ୍ରକୁ ବିପୁଳ ପରିମାଣରେ ସବ୍‌ସିଡ୍ ବଢାଇ ଚାଲିଛନ୍ତି) । ରପ୍ତାନୀ ଭିତ୍ତିକ କୃଷିକୁ ପ୍ରଗତୀର ବାଟ ବୋଲି ଗ୍ରହଣ କରି ଖାଦ୍ୟ ଶସ୍ୟ ଉତ୍ପାଦନକୁ ନିରୁତ୍ସାହିତ କରାଯାଉଛି । ବିଡମ୍ବନାର ବିଷୟ ହେଉଛି ଯେ ୨୦୦୫-୨୦୦୭ ଭିତରେ ଭାରତ ସରକାର ଅନେକ ଥର ଅତ୍ୟାବଶ୍ୟକ ବୋଲି ଯୁକ୍ତି ଦର୍ଶାଇ ଦେଶର କୃଷକମାନଙ୍କୁ ଦେଉଥିବା ଦରଠାରୁ ଅଧିକ ଦରରେ ବିଦେଶରୁ ଗହମ ଆମଦାନୀ କଲେ । ପରିବର୍ତ୍ତିତ ନୀତି ବଳରେ କୃଷିଜାତ ଦ୍ରବ୍ୟର ବଜାର କାରବାରରେ ବଡ ବଡ କଂପାନୀମାନଙ୍କର ଆଧିପତ୍ୟ ବଢିଚାଲିଛି । କୃଷି କ୍ଷେତ୍ରରେ କଂପାନୀମାନଙ୍କ ପ୍ରତ୍ୟକ୍ଷ ପ୍ରବେଶ ପାଇଁ ଠିକା ଚାଷ ଆଇନ ପ୍ରଣୟନ କରାଗଲା । ଦ୍ରୁତ ଶିଳ୍ପାୟନ ନାଁରେ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଂଚଳ ପ୍ରତିଷ୍ଠା ପାଇଁ ଦେଶର ବ୍ୟାପକ କୃଷିଜମିକୁ ଅଣ-କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି । ଜୈବିକ ଇନ୍ଧନ ଉତ୍ପାଦନ ନିମନ୍ତେ ଦେଶର ବ୍ୟାପକ ଅଂଚଳରେ ଜାଟ୍ରୋଫା ଚାଷ ପାଇଁ ପ୍ରସ୍ତୁତି ଚାଲିଛି । ଏହି ସବୁ ନୀତି ସବୁ ଜାରି ରହେ ତେବେ ଭାରତରେ ମଧ୍ୟ କୃଷି ଉତ୍ପାଦନ ଆହୁରି ଦୃତ ଗତିରେ ହ୍ରାସ ପାଇବ ଏବଂ ଖାଦ୍ୟ ସଂକଟ ଅସମ୍ଭାଳ ରୂପଧାରଣ କରିବ । 'ନବ-ଉଦାରବାଦ'ର କପଟତାପୂର୍ଣ୍ଣ ନୀତିର ଦ୍ୱାହି ଦେଇ ଧନୀ ପୁଞ୍ଜିବାଦି ଦେଶମାନଙ୍କ ଦ୍ୱାରା ସୃଷ୍ଟ ଚକ୍ର ବ୍ୟୁହରୁ ବାହାରି ଭାରତ ଯେତେ ଶୀଘ୍ର ଏକ ଆତ୍ମନିର୍ଭରଶୀଳ ଅର୍ଥବ୍ୟବସ୍ଥା ନିର୍ମାଣର ସଂକଳ୍ପ ନେବ, ଦେଶର ଜନଗଣଙ୍କ ପାଇଁ ସେତେ ମଙ୍ଗଳ । ଅନ୍ୟଥା ଆମ ଦେଶରେ ମଧ୍ୟ ଆଉକିଛି ବର୍ଷ ପରେ ମେକ୍ସିକୋ, ସେନେଗଲ ଦେଶ ମାନଙ୍କ ଭଳି ଖାଦ୍ୟପାଇଁ ଦଙ୍ଗା ପରିସ୍ଥିତି ସୃଷ୍ଟି ହେବ । ଏଣୁ ୨୦୦୮ ବିଶ୍ୱ ଖାଦ୍ୟ ସଂକଟର ଚେତାବନୀରୁ ଭାରତ ଶିକ୍ଷାଲାଭ କରିବା ଜରୁରୀ ।

*ଲିଙ୍ଗରାଜ*

# ବିକଳ୍ପ କ'ଣ ସବୁବେଳେ ସମସ୍ୟାର ସମାଧାନ ?

***"ଖଣିଜ ଇନ୍ଧନର ବିକଳ୍ପ କେତେକାଂଶରେ ଜୈବ ଇନ୍ଧନ ହୋଇପାରେ, ମାତ୍ର ତାହା ସମସ୍ୟାର ସମାଧାନ ନୁହେଁ ବରଂ ଭିନ୍ନ ଏକ ସମସ୍ୟାର କାରଣ ହୋଇପାରେ"***



ସାମାନ୍ୟ ବିଳମ୍ବରେ ହେଲେ ସୁଦ୍ଧା ଜାଟ୍ରୋଫାର ହାୱା ନୟାଗଡ଼କୁ ମଧ ଛୁଇଁଲା । ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ପଞ୍ଚାୟତର କୋମୋଣ୍ଡା ଗ୍ରାମରେ ୨୦ଏକରରୁ ଉର୍ଦ୍ଧ୍ୱ ଜମିରେ ଜାଟ୍ରୋଫାର ନର୍ସରୀ କରାଯାଇଛି । ଆହୁରି ଅଧିକ ଜମିରେ ନର୍ସରୀ କରିବା ପାଇଁ ମଞ୍ଜି



ଗଚ୍ଛିତ ରହିଛି । ଏଥିରୁ ଅନୁମାନ କରାଯାଇପାରେ ଯେ ପରବର୍ତ୍ତୀ ସମୟରେ କେତେ ବ୍ୟାପକ ଅଞ୍ଚଳରେ ଏହାର ରୋପଣ ହେବ ।

ମିଶନ ବାୟୋଫୁଏଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିଃ, ନୟାଗଡ଼ ଜିଲ୍ଲାରେ ଜାଟ୍ରୋଫା ରୋପଣକୁ କାର୍ଯ୍ୟକାରୀ କରୁଛନ୍ତି । ଚେଢ଼େଇଆପଲ୍ଲୀର ତ୍ରିନାଥ ସାହୁଙ୍କ ୧୨ଏକର ଜମି ଓ ହରେକୃଷ୍ଣ ଦୋରାଙ୍କ ୫ ଏକର ୨୫ ଡିସମଲ ଜମିକୁ କଂପାନୀ ତିନିବର୍ଷ ପାଇଁ ଲିଜ୍‌ରେ ନେବାପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି । ଧାନଚାଷ ଉପଯୋଗୀ ହରେକୃଷ୍ଣ ଦୋରାଙ୍କ ଚାଷ ଜମିରେ ନର୍ସରୀ ହୋଇଥିବା ସମୟରେ ପନିପରିବା ଚାଷ ହେଉଥିବା ତ୍ରିନାଥ ସାହୁଙ୍କ ମୋଟ ୧୨ଏକର ଜମିକୁ ଜାଟ୍ରୋଫା ନର୍ସରୀ ପାଇଁ ଚୁକ୍ତିବଦ୍ଧ କରାଯାଇଛି ।



ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ଦୋରା କୁହନ୍ତି "ଆମ ଅଞ୍ଚଳରେ ଚାଷ ମଜୁରୀର ଅଭାବ ଯୋଗୁଁ ଜମିକୁ ଭାଗଚାଷ ପାଇଁ ଦେବାକୁ ବାଧ ହୋଇଥିଲି । ଭାଗଚାଷୀ ଧାନ ସହିତ ସେହି ଜମିରେ ଚାଷ କରୁଥିବା ମୁଗ ବିରିରୁ ମଧ କିଛି ଭାଗ ମିଳୁଥିଲା । ମାତ୍ର ଜାଟ୍ରୋଫା କଂପାନୀ ଆସି ଏକର ପିଛା ୪ହଜାର ଟଙ୍କା ଦେବାକୁ କହିବାରୁ ତିନିବର୍ଷ ପାଇଁ ଲିଜ୍‌ରେ ଦେଇଦେଲି । ମାତ୍ର ଏହି ଚାଷ ଯେ ପରିବେଶ ଓ ଚାଷୀ ପାଇଁ ଖରାପ ଏ ଧାରଣା ମୋର ନଥିଲା" ।

ଚୁକ୍ତିପତ୍ରର ସ୍ୱଷ୍ଟତାକୁ ନେଇ ତାଙ୍କ ମନରେ ସନ୍ଦେହ ରହିଛି । ପ୍ରଥମେ ସେ କହିଲେ କଂପାନୀ ଅଧିକାରୀ ଏହାକୁ ଗୁପ୍ତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନର୍ସରୀ କରିବା ସମୟରେ କଂପାନୀ ଅଧିକାରୀ କହିଥିଲେ ତିନିମାସ ପରେ ଚାରାକୁ ଜମିରୁ କାଢ଼ିନେବା ପରେ ଆପଣ ନିଜ

ଜମିରେ ଚାଷ କରିପାରିବେ। ମାତ୍ର ଏବେ ଶୁଣିବାକୁ ମିଳୁଛି କଂପାନୀ ତରଫରୁ ସେଠାରେ ପୁନର୍ବାର ଚାଷ ହେବ। ଏଭଳି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ହରେକୃଷ୍ଣ ଦୋରା  କଂପାନୀ ଠାରୁ କିପରି ଜମି ଫେରି ପାଇବେ ସେହି ଭାବନାରେ ଅଛନ୍ତି।

ଚଢ଼େଇଆପଲ୍ଲୀରେ ତ୍ରିନାଥ ସାହୁ କହନ୍ତି, " ମୋ ଜମିରେ କଂପାନୀ ନର୍ସରୀ କରିସାରିଛନ୍ତି ମାତ୍ର ଜମି ବାବଦକୁ ଟଙ୍କା ମୁଁ ପାଇନାହିଁ। କଂପାନୀ ଠାରୁ ଟଙ୍କା ମିଳିବା ପରେ ସୁଝିଦେବି ଭାବି ୩୫ ହଜାର ଟଙ୍କାରେ ମୋଟର ଓ ପାଇପ କିଣି ଦେଇଛି। ଲୋନ୍ ସୁଝିବାପାଇଁ କଂପାନୀକୁ ଚାହିଁ ବସିଛି"। ଜାଟ୍ରୋଫା ନିମନ୍ତେ ଜମି ଦେବା ପୂର୍ବରୁ ସେଠାରେ କ'ଣ ଚାଷ କରୁଥିଲେ  ପଚାରିବାରୁ ସେ ଉତ୍ତର ଦେଇଥିଲେ "ଦୁଇବର୍ଷ ତଳେ ବାପା ମରିଗଲେ ତାପରେ ମୁଁ ଚାଷବାସକୁ ମନ ଦେଇପାରିଲି ନାହିଁ। ଆଗ ସେହି ଜମିରୁ ପ୍ରତ୍ୟେକ ଦିନ ଗୋଟିଏ ୪୦୭ ଲୋଡ଼ ଟମାଟେ ବାହାରକୁ ପଠାଉଥିଲି। ଗୋଟିଏ ପରିବା ଋତୁରେ ୫ ଲକ୍ଷରୁ ଅଧିକ ରୋଜଗାର କରୁଥିଲି। ମାତ୍ର ଦୁଇବର୍ଷ ହେଲା ଚାଷରେ ମନ ଦେଲିନି କଂପାନୀ ବି ଆସିଲା ଜମି ସବୁ ଦେଇଦେଲି। ମୂର୍ଖ ଲୋକ ଆଜ୍ଞା 'ଡିଜେଲ ଗଛ' କ'ଣ ଭଲ କି ମନ୍ଦ ଆମକୁ ଜଣାନାହିଁ।"



ତ୍ରିନାଥ ସାହୁଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ହାତିଆ ବେହେରା ଓ ବୁଦ୍ଧିଆ ଦୋରାଙ୍କ ୪ ଏକର ଜମିରେ ମଧ୍ୟ ଜାଟ୍ରୋଫା ନର୍ସରୀ ହୋଇଛି। ନୂଆନନ୍ଦପୁର ଗାଁ'ରେ ମଧ୍ୟ ନର୍ସରୀ ହୋଇଛି।

ନର୍ସରୀକୁ ବାଦ ଦେଲାପରେ ଏହି ଅଞ୍ଚଳର ଅନେକ ଗ୍ରାମରେ ଚାଷୀଙ୍କ ଜମିରେ ଏହାକୁ ଚାଷ କରିବା ପାଇଁ ବ୍ୟକ୍ତିଗତ ଜମିର ପଟ୍ଟା ଓ ଚକଡିର ନକଲ ନେବା ସହିତ ଚାଷୀକୁ ବିଭିନ୍ନ ପ୍ରଲୋଭନ ଦେଖାଇଛନ୍ତି। ପଙ୍କାଳବାଡ଼ି, ତୋରିବାରି, ଡଣାଝରି, କୋମୋଣ୍ଡା, କେଶପାନିଆ, ଗୋଛା, ଗୁଣ୍ଡୁରିବାଡ଼ି, ଡମସାହି,ବନ୍ଧମୁଣ୍ଡା ପଞ୍ଚାୟତର ୨୪ଟି ଗ୍ରାମରେ ଏହାକୁ ଚାଷ କରିବା ପାଇଁ କଂପାନୀର ଅଭିଯାନ ଜାରି ରହିଛି।



ଜାଟ୍ରୋଫା ଚାଷର ଏହି ଅଭିଯାନରେ କେଶପାନିଆ ଗ୍ରାମର ୭ଜଣ ପିଲା ଯେଉଁ ବିପଦର ସାମ୍ନା କରିଛନ୍ତି ତାହା ଗ୍ରାମବାସୀଙ୍କୁ ଭୟଭୀତ କରିଦେଇଛି। ଏହି ପିଲାମାନେ ହେଲେ ବିଶିଆ ବେହେରାଙ୍କ ପୁଅ ବାଦଲ ବେହେରା, ରାଜୁ ପରିଡାଙ୍କ ପୁଅ ରୁଦ୍ର ପ୍ରତାପ ପରିଡ଼ା, ପଠାଣି ଦାସଙ୍କ ପୁଅ ସିଦ୍ଧାନ୍ତ ଦାସ (ଅନ୍ୟମାନଙ୍କ ଖବର ଆମର ହସ୍ତଗତ ହୋଇନାହିଁ)। ୩ ରୁ ୫ଟି ଜାଟ୍ରୋଫା ମଞ୍ଜି ଖାଇ ମୃତ୍ୟୁ ମୁଖରୁ ଅଳ୍ପକେ ବଞ୍ଚିଯାଇଛନ୍ତି। ରୁଦ୍ରପ୍ରତାପ ପରିଡ଼ା କହିବା ଅନୁସାରେ, ରାସ୍ତାରେ ସେମାନେ ଖେଳୁଥିବା ସମୟରେ ଜାଟ୍ରୋଫା ମଞ୍ଜି ବୋଝେଇ ଟ୍ରକ ସେହି ରାସ୍ତାରେ ଯାଉଥିଲା ଓ ସେଥିରୁ ପଡ଼ିଥିବା ମଞ୍ଜିକୁ କୌତୂହଳ ବଶତଃ ସେମାନେ ଖାଇଥିଲେ। ଝାଡ଼ା ବାନ୍ତି ହୋଇ ସେମାନଙ୍କ ଅବସ୍ଥା ଶୋଚନୀୟ ହେବାପରେ ଗୋଡ଼ିପଡ଼ାରେ ଫାରମାସିଷ୍ଟ ରାଜକିଶୋର ଦଳେଇଙ୍କ ନିକଟରେ ସେମାନେ ଚିକିତ୍ସିତ ହୋଇଥିଲେ। ୩୦୦ ରୁ ୪୦୦ ଟଙ୍କା ଖର୍ଚ୍ଚ କରି ବାପା ମା ମାନେ ସେମାନଙ୍କ ପିଲାଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଥିଲେ। ଏଭଳି ବିଷାକ୍ତ ବୃକ୍ଷର ରୋପଣକୁ ନେଇ ଗ୍ରାମବାସୀମାନେ ଆତଙ୍କିତ ହୋଇପଡ଼ିଛନ୍ତି।

ଜାଟ୍ରୋଫା ରୋପଣକୁ ନେଇ ଗୋଡ଼ିପଡ଼ା ପଞ୍ଚାୟତରେ କିଛି ମାସ ହେଲା ଚାଲିଥିବା ପ୍ରତିକ୍ରିୟାର ଏହା ଏକ ସଂକ୍ଷିପ୍ତ ସୂଚନା। ଜଙ୍ଗଲ ସୁରକ୍ଷାର ପୁରୁଣା ପରମ୍ପରାକୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲୁ ରଖିଥିବା ଓ କୃଷିକୁ ମୁଖ୍ୟ ଜୀବିକା ଭାବରେ ଗ୍ରହଣ କରିଥିବା ଏହି ଅଞ୍ଚଳବାସୀଙ୍କ ଉପରେ ଜାଟ୍ରୋଫାର ବ୍ୟାପକ ଚାଷର ପ୍ରଭାବ କ'ଣ ହେବ ତାକୁ ଗଭୀର ଭାବରେ ଚିନ୍ତା କରିବା ଆବଶ୍ୟକ।

ଜଙ୍ଗଲ ଓ କୃଷିକୁ ଏଠାରେ  ଉଲ୍ଲେଖ କରିବାର ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଜୀବନ ଜୀବିକା ପାଇଁ ଏଠାରେ ଆଦିବାସୀ ଓ ଦଳିତ ଗ୍ରାମବାସୀ ଜଙ୍ଗଲ ଉପରେ ନିର୍ଭରଶୀଳ ତଥା କୃଷିକୁ ମାଧ୍ୟମ କରି

ଏଠାରେ ସଂଖ୍ୟାଧିକ ସମୁଦାୟ ବଞ୍ଚିଆସୁଛନ୍ତି। ଜାଟ୍ରୋଫା ରୋପଣ ଉଭୟ କ୍ଷେତ୍ରକୁ ବିପର୍ଯ୍ୟସ୍ତ କରିବ। କୃଷି କ୍ଷେତ୍ରକୁ ଯଦି ପ୍ରାଥମିକତା ଦିଆଯାଏ ତେବେ ଏହାର ଚାଷ ଲୋକଙ୍କ ଖାଦ୍ୟ ନିରାପତ୍ତା ଉପରେ ପ୍ରଭାବ ପକାଇବ। ଧାନ, ପନିପରିବା, ଆଖୁ, ତଥା ଡାଲିଜାତୀୟ ଫସଲ ଏହି ଅଞ୍ଚଳରେ ମୁଖ୍ୟତଃ ଉତ୍ପାଦିତ ହୋଇଥାଏ। ଜଳସେଚନର ବିଶେଷ ସୁବିଧା ନଥିବା ଯୋଗୁଁ ବର୍ଷକ ଖାଦ୍ୟ ପାଇଁ ସେମାନେ ଗୋଟିଏ ଫସଲ ଓ ସାମାନ୍ୟ ଜମି ଉପରେ ନିର୍ଭରଶୀଳ। ଅନ୍ୟ ଜିଲ୍ଲା ତୁଳନାରେ ଅନାବାଦି ଜମିର ପରିମାଣ (ସମଗ୍ର ଜିଲ୍ଲାରେ ମୋଟ ୧୨୦୦୦ହେକ୍ଟର) ଏଠାରେ ସାମାନ୍ୟ ମାତ୍ର। କେଶପାନିଆ ଗାଁ ଲୋକଙ୍କ ସହିତ ଆଲୋଚନା ସମୟରେ ସେମାନେ କହୁଥିଲେ "ଆମ ଗାଁ'ରେ ଚାଷ ଜମିକୁ ବାଦ ଦେଇ ଜମି ଥିଲେ ସିନା ଜାଟ୍ରୋଫା ଚାଷ କରିବୁ" ଏହା ସ୍ପଷ୍ଟ କରୁଥିଲା କୃଷି ଜମିର ଗୁରୁତ୍ୱ ସେମାନଙ୍କ ପାଇଁ କେତେ ଅଧିକ ଓ ଖାଦ୍ୟ ଉତ୍ପାଦିତ ଜମିକୁ ଅନ୍ୟ ଉତ୍ପାଦନ ପାଇଁ ସେମାନେ ବ୍ୟବହାର କରିପାରିବେ ନାହିଁ। ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ସେହି ଗ୍ରାମରେ ଅଧିକ । ଅନ୍ୟ ପକ୍ଷରେ ଯେଉଁ ଲୋକ ସେମାନଙ୍କର ଜମି ପଟ୍ଟା କଂପାନୀକୁ ଦେଇଛନ୍ତି ସେହି ଗ୍ରାମ ଗୁଡ଼ିକ ବିଶେଷ କରି ଜଙ୍ଗଲ ନିକଟବର୍ତ୍ତୀ ଓ ସହର (ବ୍ଲକ କାର୍ଯ୍ୟାଳୟ) ଠାରୁ ମଧ୍ୟ ଦୂରରେ ରହୁଛି। ଆଦିବାସୀ ପରିବାର ଗୁଡ଼ିକର ଚାଷ ଜମି ତଥା ପନିପରିବା ଚାଷ ପାଇଁ ରଖିଥିବା ପଦା ଜମିକୁ ସେମାନେ ଜାଟ୍ରୋଫା ଚାଷ ପାଇଁ କଂପାନୀକୁ ଦେବାକୁ ରାଜି ହୋଇଛନ୍ତି। ବଜାର ବ୍ୟବସ୍ଥା ଠାରୁ ଦୂରରେ ବିକ୍ରିବଟା ସେମାନଙ୍କ ପାଇଁ ସବୁ ସମୟରେ ସମସ୍ୟା ହୋଇ ରହିଥିବା ବେଳେ କଂପାନୀ ଦ୍ୱାରା ମୁହଁରୁ ଉତ୍ପାଦନକୁ କିଣି ନେବାର ବ୍ୟବସ୍ଥା ସେମାନଙ୍କୁ ହୁଏତ ଉତ୍ସାହିତ କରୁଛି। ମାତ୍ର କଂପାନୀକୁ ଜମି ଦେଉଛନ୍ତି ମାନେ ସେମାନେ ଯେ ବଡ଼ ଚାଷୀ ଏହା ବାସ୍ତବତା ନୁହେଁ। ଏହି କ୍ଷେତ୍ରରେ ଖାଦ୍ୟ ଶସ୍ୟ ଉତ୍ପାଦିତ ଜମି ଲୋକଙ୍କ ହାତରୁ ଚାଲିଯିବ ଓ ଜାଟ୍ରୋଫା ଭଳି ଅଣଖାଦ୍ୟ ଉତ୍ପାଦନ ସେହି ଅଞ୍ଚଳରେ ବ୍ୟାପିବ।

ଏହି ଅଞ୍ଚଳର କୃଷି ଉତ୍ପାଦନ ବିଶେଷକରି ଧାନ, ଆଖୁ, ମୁଗ, ବିରି ଓ ପନିପରିବା ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୁରଣ କରିବା ସହିତ ରାଜ୍ୟର ଅନ୍ୟ ଅଞ୍ଚଳକୁ ରପ୍ତାନି ହୋଇଥାଏ। ନୟାଗଡ଼ର ଗୁଡ଼, ମୁଗ, ବିରି ଓ ବାଇଗଣ ରାଜ୍ୟରେ ତାର ସ୍ୱତନ୍ତ୍ର ନାଁ ମଧ୍ୟ କରିଛି। ପାରମ୍ପରିକ ଏହି ପ୍ରକ୍ରିୟା ଜାଟ୍ରୋଫା ରୋପଣ ଦ୍ୱାରା ସଂପୂର୍ଣ୍ଣ ବାଧାପ୍ରାପ୍ତ ହେବ। ଦେଶୀ ବିହନ ଓ ପାରମ୍ପରିକ ଚାଷକୁ ବଞ୍ଚାଇ ରଖିଥିବା ଏହି ଅଞ୍ଚଳ ଖୁବ୍ ଶୀଘ୍ର କଂପାନୀ ଚାଷ ବ୍ୟବସ୍ଥାରେ ସାମିଲ ହୋଇଯିବ।

ଖଣିଜ ତୈଳର ସୀମିତତା ଓ ଦରବୃଦ୍ଧି ଜୈବ ଇନ୍ଧନର ଉତ୍ପାଦନକୁ ଅଧିକ ପ୍ରୋତ୍ସାହିତ କରୁଛି। ବିଶ୍ୱ ସ୍ତରରେ ଏହାକୁ ନେଇ ପ୍ରକାଶ ପାଉଥିବା ଆଗ୍ରହରୁ ଆମ ଦେଶ ମଧ୍ୟ ବାଦ ଯାଉନାହିଁ। ନୀତି ପ୍ରଣୟନକାରୀ ଦେଶର ଶାସକବର୍ଗ ଏହାର ବ୍ୟାପକ ଉତ୍ପାଦନକୁ ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ସାଧାରଣ ଲୋକଙ୍କ ଧାରଣା ଯଦି ସରକାର ଏହାକୁ କରାଉଛନ୍ତି ତେବେ ସେଥିରେ ଅସୁବିଧା ନଥିବ। ସାଧାରଣ ଜନତାର ଏହି ବିଶ୍ୱାସ କୋମୋଣ୍ଡାର ଜଣେ ଚାଷୀଙ୍କ ମୁହଁରୁ ସ୍ପଷ୍ଟ ଅସିଥିଲା। ସେ କହିଲେ "ଆଞ୍ଜା ଡିଜେଲଗଛ ଚାଷ ଯଦି ବିପଦ ତେବେ ସରକାର କାହିଁକି ଏହାକୁ କରାଉଛନ୍ତି ? ପୁରୁଣା ଲୋକ କଥା "ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ" । ବର୍ତ୍ତମାନ ତାକୁ ସାମାନ୍ୟ ବଦଳାଇ ସାଧାରଣ ଲୋକେ ବୋଧେ ଭାବୁଛନ୍ତି "ସରକାର ଯାହା କରନ୍ତି ଜନତାର ମଙ୍ଗଳ ପାଇଁ।" ଯେମିତି ନୂଆଁପଡ଼ା ଅଞ୍ଚଳର ଗ୍ରାମବାସୀମାନେ ଜାଟ୍ରୋଫା ଚାଷକୁ ସରକାରଙ୍କ NREGA ଭଳି ଏକ ଯୋଜନା ବୋଲି ଭାବିନେଇଛନ୍ତି। ମାତ୍ର ଆଗାମୀ ଦିନରେ ଏହାର ଭୟାବହ ପ୍ରଭାବକୁସେମାନେ ନିଜ ସ୍ତରରେ ଚନ୍ତା କରୁନାହାଁନ୍ତି ଓ କଂପାନୀ ତରଫରୁ ଦେଖାଯାଉଥିବା ପ୍ରଲୋଭନ ବର୍ତ୍ତମାନ ସେମାନଙ୍କୁ ପ୍ରଲୋଭିତ କରୁଛି।

ସରକାରଙ୍କର ମଙ୍ଗଳମୟ ପଦକ୍ଷେପ ଉପରେ ବିଶ୍ୱାସ ରଖିଥିବା ଜନତାର ବିଶ୍ୱାସକୁ ଖଣ୍ଡନ କରି ସରକାରଙ୍କର ଏକ ଛୋଟ ପଦକ୍ଷେପକୁ ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ।

ବିଶ୍ୱସ୍ତରରେ ବର୍ତ୍ତମାନ ବ୍ୟାପକ ଭାବରେ ଅନୁଭବ ହେଉଥିବା ଖାଦ୍ୟ ଶଙ୍କଟ ସମୟରେ ମହାରାଷ୍ଟ୍ର ସରକାର ଆନ୍ତର୍ଜାତୀୟ ବଜାରୁ ଆମଦାନୀ କରିଥିବା ୩୦,୦୦୦ଟନ୍ ଲାଲ ଗହମକୁ ନଷ୍ଟ କରିବାକୁ ବାଧ ହେଉଛନ୍ତି। 'ଡାଉନ୍ ଟୁ ଆର୍ଥ'ର ଜୁନ୍ ୨୦୦୮ ସଂଖ୍ୟାରେ ଉଲ୍ଲେଖ କରିଥିବା ତଥ୍ୟ ଅନୁସାରେ, ୨୦୦୭ ଅକ୍ଟୋବର ୩୧ ତାରିଖ ସୁଦ୍ଧା ମହାରାଷ୍ଟ୍ର ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା ମଧ୍ୟମରେ ଏହି ୩୦,୦୦୦ ଟନ୍ ଗହମକୁ ବିତରଣ କରିବାର ବ୍ୟବସ୍ଥା କରିଥିଲେ। ମାତ୍ର ନଭେମ୍ବର ମାସରେ ସେହି ଗହମ ନିମ୍ନ ମାନର ତଥା ଖାଦ୍ୟ ଅନୁପଯୋଗୀ ବୋଲି ଅଭିଯୋଗ ହେବାପରେ ସରକାର ତାକୁ ଫେରାଇବାକୁ ବାଧ ହୋଇଥିଲେ। ସରକାରୀ ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିବା ଏହାର ୨୬୫ଟି ନମୂନାରୁ ୨୨୯ଟି ନମୂନାରୁ ସ୍ପଷ୍ଟ ହୋଇଥିଲା ଯେ ଏହା ଖାଦ୍ୟ ଅନୁପଯୋଗୀ ।

ଆନୁମାନିକ ହିସାବରେ ୨୦,୦୦୦ଲୋକଙ୍କର ଗୋଟିଏ ବର୍ଷର ଖାଦ୍ୟ ରାଜ୍ୟର ୩୦ଟି ଗୋଦାମରେ ପଡ଼ି ରହିଛି। ସେଥିମଧ୍ୟରୁ ୧୮,୦୦୦ଟନ ଗହମକୁ କୌଣସି ପ୍ରକାରେ ମଣିଷର ଖାଦ୍ୟ ଓ

୧୦,୦୦୦ଟନକୁ ପଶୁ ଖାଦ୍ୟ ଭାବରେ ଗ୍ରହଣ କରି ନିଆଯାଇଛି । ବଳକା ଗହମ ସଂପୂର୍ଣ୍ଣ ନଷ୍ଟ କରିବା ପାଇଁ ନିଷ୍ପତ୍ତି ହୋଇଛି । ସରକାର ୧୮,୦୦୦ଟନ ଗହମକୁ ଖୋଲା ନିଲାମରେ ବେକରୀ ମାଲିକଙ୍କୁ ୬.୭୦ ପଇସା ଦରରେ ବିକ୍ରୀ କରିବା ପାଇଁ ସ୍ଥିର କରିଛନ୍ତି । ଯାହାକୁ ଆନ୍ତର୍ଜାତୀୟ ବଜାରରୁ ସରକାର ଏହାର ଦୁଇଗୁଣା ଦରରେ କ୍ରୟ କରିଥିଲେ । ବଳକା ୧୦,୦୦୦ଟନ ଗହମ ପଶୁ ଖାଦ୍ୟ ଭାବରେ କୁକୁଡ଼ା ଫାର୍ମକୁ ବିକ୍ରି କରାଯାଇଛି ।

ଏହାକୁ ଉପସ୍ଥାପନ କରିବାର କାରଣ ହେଲା ଯଦି ଆମ ଦେଶ ଖାଦ୍ୟ ଶସ୍ୟ ପାଇଁ ବାହାର ରାଷ୍ଟ୍ର ଉପରେ ନିର୍ଭରଶୀଳ ତେବେ ବୁଝିବାକୁ ହେବ ଯେ ଆମ ଦେଶର ଉତ୍ପାଦନ ଆମ ପାଇଁ ପର୍ଯ୍ୟାପ୍ତ ନୁହେଁ । (ଆନ୍ତର୍ଜାତୀୟ ବଜାରରୁ ଖାଦ୍ୟ ଶସ୍ୟ କ୍ରୟ କରିବାକୁ ସରକାର ବାଧ ହେବାର କାରଣ କ'ଣ ? ତାହା ଅନ୍ୟ ଏକ ଗମ୍ଭୀର ବିଷୟ) ତେବେ ଦେଶର ବ୍ୟାପକ ଜମିକୁ ଯଦି ଜାଟ୍ରୋଫା ଚାଷରେ ବିନିଯୋଗ କରାଯାଏ ତେବେ ଖାଦ୍ୟ ଉତ୍ପାଦନର ସ୍ଥିତି କ'ଣହେବ ସହଜରେ ଅନୁମେୟ । ଦେଶରେ ଏହାକୁ ପ୍ରୋତ୍ସାହିତ କରି ବ୍ୟାପକ ଜମିକୁ ଜାଟ୍ରୋଫା ଚାଷ ପାଇଁ ବ୍ୟବହାର କରାଯାଇ ଖାଦ୍ୟ ଶଙ୍କଟକୁ ଆମନ୍ତ୍ରଣ କରିବା କାରଣ କ'ଣ ? ସଂବାଦପତ୍ରର ତଥ୍ୟ ଅନୁଯାୟୀ ଆନ୍ଧ୍ରପ୍ରଦେଶରୁ ଉତ୍ପାଦିତ ଜୈବ ଇନ୍ଧନକୁ ୟୁରୋପୀୟ ଦେଶକୁ ରପ୍ତାନି କରାଯାଉଛି । ବାର୍ଷିକ ରପ୍ତାନିର ପରିମାଣ ଏକ ଲକ୍ଷ ଟନ ରଖାଯାଇଛି । ନିକଟରେ କାକିନାଡ଼ାରୁ ଦଶ ହଜାର ଟନ ଜୈବ ତେଲ ଯାହାର ମୂଲ୍ୟ ୫୦କୋଟି ଟଙ୍କା ୟୁରୋପୀୟ ଦେଶକୁ ରପ୍ତାନି ହୋଇ ସାରିଛି । ଲକ୍ଷ ଲକ୍ଷ ହେକ୍ଟର ଜମିରେ ଜାଟ୍ରୋଫା ଉତ୍ପାଦନ କରି ଜୈବ ତେଲକୁ ବିଦେଶକୁ ରପ୍ତାନି କରାଯିବ ଓ ଅନ୍ୟ ପକ୍ଷରେ ଦେଶକୁ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରାନଯାଇ ବିଦେଶରୁ ଖାଦ୍ୟ ଶସ୍ୟ ଆମଦାନୀ କରାଯିବ, ସାଧାରଣ ଜନତା ପ୍ରତି ସରକାରଙ୍କର ଏହା ପ୍ରତାରଣା ବା ତିକ୍ତ ଉପହାସ ଛଡ଼ା ଆଉ ହୋଇପାରେ ।

ବିଶ୍ୱ ମାନଚିତ୍ରରେ ନୟାଗଡ଼ ଜିଲ୍ଲା ଗୋଟିଏ ବିନ୍ଦୁ ହୋଇପାରେ ମାତ୍ର ବିଶ୍ୱ ସ୍ତରର ସମସ୍ତ ପ୍ରକାର ପରିବର୍ତ୍ତନ ସେହି ଛୋଟ ବିନ୍ଦୁକୁ ମଧ ପ୍ରଭାବିତ କରିବ ଏହା ନିଶ୍ଚିତ । ବିପର୍ଯ୍ୟୟର ଶିକାର ହେଉଥିବା ଏଭଳି ଛୋଟ ଛୋଟ ଅଞ୍ଚଳ ଦେଶର ବିପର୍ଯ୍ୟୟ ପାଇଁ ଦାୟୀ ହେବ । ପାରମ୍ପରିକ କୃଷି ଓ ପାରମ୍ପରିକ ଫସଲ ବିବିଧତାକୁ ବଞ୍ଚାଇ ରଖିଥିବା ନୟାଗଡ଼ ଭଳି ରାଜ୍ୟର ଅନେକ ଅଞ୍ଚଳ ଜାଟ୍ରୋଫା ଚାଷର ଚକ୍ରବ୍ୟୁହ ମଧରେ ପ୍ରବେଶ କରୁଛନ୍ତି । କିଛି ଅଞ୍ଚଳକୁ ଏହା ଛୁଇଁ ସାରିଛି ଅନ୍ୟ ଅଞ୍ଚଳକୁ ଛୁଇଁବାକୁ ବାକି ଅଛି ।

***ପୁଷ୍ପାଞ୍ଜଳି ଶତପଥି***

# ସ୍ୱାସ୍ଥ୍ୟ

ବଇଁଶୀଟା ସିନା ବାଉଁଶ ତିଆରି ସ୍ୱର ବାଉଁଶର ନୁହେଁ,
ଯେ ଫୁଙ୍କି ମୁଖରେ ଆଙ୍ଗୁଳି ଚଳାଏ ସ୍ୱର ତାର ଶୁଣାଯାଏ ।

କିଣିନିଅ ଧାନ, ଛାଡ଼ି ଦିଅ ଋଣ ଏତ ଚାଷୀ ଭାଷା ନୁହେଁ,
ରାଜନେତା ଫୁଙ୍କି ଚାଷୀ ବଇଁଶୀକି ନିଜମନ ଗୀତ ଗାଏ ।

ଚାଷୀ ମାରଣାର ଚକ୍ରାନ୍ତ ଏ ସିନା ଚାଷୀ ପାରେ ନାହିଁ ବୁଝି,
ଭାଙ୍ଗିଛି ତା ଅଣ୍ଟା ପାରେ ନାହିଁ ବୁଝି ତେଣୁ ପାରେ ନାହିଁ ଜୁଝି ।

ଚାଷୀ ଉତ୍ପାଦନ ମୁଖ୍ୟ ଅଟେ ଧାନ ତା ମୂଲ୍ୟ ଏକକ କରି,
ଦରମା ମଜୁରୀ ହାର କଲେ ସ୍ଥିର ଫେରିବ ଚାଷୀର ଶିରୀ ।

ଚାଷୀ ଉତ୍ପାଦନ ଶସ୍ତାରେ ଯୋଗାଣ ଚାଲିଥିବ ଯେତେ ଦିନ
ବୁଡ଼ିଯିବ ଚାଷୀ ବୁଡ଼ି ଯିବ କୃଷି ଦେଶ ହେବ ଶିରୀ ହୀନ ।

ଗରିବ ନାଁ'ରେ ନାଟକ ଚାଲିଛି ଶସ୍ତାରେ ଚାଉଳ ଦିଅ,
ହେଲେ ଚାଷୀ ଅନ୍ତ ହେବେ ହନ୍ତସନ୍ତ ଯେତେବାବୁ ପରଖିଆ ।
ମାଓବାଦୀ କହେ ତୁଟିବ ଅଖଡ଼ା ଖଡ଼ାବାରି ଯିବ ମରି
ପେଟକୁ ନିଅଣ୍ଟ ଭାଙ୍ଗି ନେବ ଅଣ୍ଟ ବୁଡ଼ିଯିବ ବାବୁଗିରୀ ।

ଶୁଣ ଚାଷୀକୁଳ ଡ଼ିଙ୍କି ଆମବଳ ତାକୁ ସ୍ନେହେଁ ରଖ ଘରେ,
ଢ଼ିଙ୍କି ନେବ ସ୍ୱାସ୍ଥ୍ୟ ଢ଼ିଙ୍କି ନେବ ଧନ ଢ଼ିଙ୍କି ବିନା ଚଷାମରେ ।

ବନ୍ଦ କର କିଣା ବିଦେଶୀ ବିହନ, ବନ୍ଦ କରି ସାରବିଷ
ଦେଶୀ ଗାଈ ପୋଷ, ଖତ ଦେଇ ଚଷ, ଘରେ ବସି ମୋଡ଼ ନିଶ ।

ରୋଗପୋକ ଦାଉ ନବଢ଼ିବ ଆଉ ନିଜେ ହେବ ସ୍ୱାସ୍ଥ୍ୟବାନ୍
ସ୍ୱାସ୍ଥ୍ୟ ହିଁ ସମ୍ପଦ, ସ୍ୱାସ୍ଥ୍ୟ ହିଁ ସୁଖଦ ସ୍ୱାସ୍ଥ୍ୟ ପାଇଁ ଦିଅ ଧ୍ୟାନ ।

***ରତ୍ନାକର ସାହୁ,***
***ଖଣ୍ଡ ସମଲଇ***

# ଜୈବ ଇନ୍ଧନ ଖଣିଜ ଇନ୍ଧନରୁ ଅଧିକ ଭୟାବହ



ଖଣିଜ ଇନ୍ଧନ ଅଭାବର ଦୂରିକରଣ, ଏହାଯୋଗୁଁ ହେଉଥିବା ବାୟୁମଣ୍ଡଳୀୟ ପ୍ରଦୂଷଣର ନିୟନ୍ତ୍ରଣ ତଥା ବିଶ୍ୱର ପ୍ରତ୍ୟେକ ଦେଶ ଇନ୍ଧନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଇତ୍ୟାଦି ବହୁମୁଖୀ ସମସ୍ୟାର ଏକମାତ୍ର ସମାଧାନର ସୂତ୍ର ଭାବରେ ଜୈବ ଇନ୍ଧନକୁ ଧରି ନିଆଯାଇଛି। ମାତ୍ର ଜୈବ ଇନ୍ଧନ ଯେ ସମସ୍ୟାର ସମାଧାନ ନୁହେଁ ଏହା ପ୍ରମାଣିତ ହୋଇସାରିଛି। ବୈଜ୍ଞାନିକ ଭିତ୍ତିକ ତଥ୍ୟ ହିଁ ଏହାକୁ ପ୍ରମାଣ କରିଛି। ଏହା କହିବାର କାରଣ ହେଉଛି ବିକାଶଶୀଳ ଦେଶର ନିର୍ଦ୍ଦେଶରେ ହେଉଥିବା ନୀତି ନିର୍ଦ୍ଧାରଣରେ ସାଧାରଣ ଲୋକଙ୍କର ପାରମ୍ପରିକ ଜ୍ଞାନ ବା ସେଭଳି ତଥ୍ୟର କୌଣସି ମୂଲ୍ୟ ନଥାଏ ଅଥବା ନିର୍ଦ୍ଧାରିତ ହେଉଥିବା ନୀତି ନିୟମ ସେମାନଙ୍କ ଉପରେ କିଭଳି ପ୍ରଭାବ ପକାଇବ ତାକୁ ମଧ୍ୟ ଗୁରୁତ୍ୱ ଦିଆଯାଇ ନଥାଏ। ତେଣୁ କେବଳ ବିଜ୍ଞାନ ଭିତ୍ତିକ ତଥ୍ୟକୁ ଏଠାରେ ଉପସ୍ଥାପନ କରାଯାଇଛି। ଜୈବ ଇନ୍ଧନଯେ ସମସ୍ତ ସମସ୍ୟାର ସମାଧାନ ଆଣିଦେବ, ଏହାର ସତ୍ୟାସତ୍ୟ ପାଇଁ ଯେତିକି ଅନୁଧ୍ୟାନ କରାଯାଇଛି, ତା'ର ଫଳାଫଳ ଅନେକ ବିଷୟକୁ ସ୍ପଷ୍ଟ କରିଛି।

ଜୈବ ଇନ୍ଧନ ସାଧାରଣତଃ ଦୁଇ ପ୍ରକାର, ଇଥନଲ ଯାହା ମକା, ଆଖୁରୁ ପ୍ରସ୍ତୁତ ହୋଇଥାଏ ଓ ଜୈବ ତେଲ ଯାହା ତୈଳ ବୀଜରୁ ଉତ୍ପର୍ଣ୍ଣ ହୁଏ। ଉଭୟ ଇନ୍ଧନର ଉତ୍ପାଦନ ପାଇ ଏହି ସମସ୍ତ ଫସଲର ବ୍ୟାପକ ଚାଷ କରିବା ଆବଶ୍ୟକ ଅଛି ଏବଂ ସେଥିପାଇଁ ଜଙ୍ଗଲ ଓ ତୃଣଭୂମି ସଫା ହେବ। ଏହା ଦ୍ୱାରା ବହୁ ପରିମାଣର କାରବନ ଡାଇଅକ୍ସାଇଡ୍ ବାୟୁମଣ୍ଡଳକୁ ନିଷ୍କାସିତ ହେବ ଯାହା ବିଶ୍ୱ ତାପମାତ୍ରା ବୃଦ୍ଧି ତଥା ପ୍ରଦୂଷଣର ମୂଖ୍ୟ କାରଣ ହେବ। ଖଣିଜ ଇନ୍ଧନରୁ ନିଷ୍କାସିତ ହେଉଥିବା କାର୍ବନ ଡାଇଅକ୍ସାଇଡ୍ ବୃକ୍ଷ ଜଗତ ଦ୍ୱାରା ଶୋଷିତ ହୋଇଥାଏ। ଯାହା ପରିବେଶର ସନ୍ତୁଳନ ରକ୍ଷା କରିବାରେ ମୂଖ୍ୟ ଭୂମିକା ଗ୍ରହଣ କରିଥାଏ। ମାତ୍ର ବର୍ତ୍ତମାନର ଅନୁଧ୍ୟାନ ଏହା ପ୍ରମାଣ କରିଛି ଯେ ଏହି ସମିକରଣରେ ସମସ୍ୟା ସୃଷ୍ଟି ହେବ। ଯାହାର ମୂଖ୍ୟ କାରଣ ଜୈବ ଇନ୍ଧନର ବର୍ଜ୍ୟଗ୍ୟାସ କର୍ବନ ଡାଇଅକ୍ସାଇଡ୍ କୁ ପ୍ରାକୃତିକ ରୂପେ ଶୋଷଣ କରୁଥିବା ବୃକ୍ଷର ବ୍ୟାପକ ବିନାଶ। ସାଇନ୍ସ ଜରନାଲର ମାର୍ଚ୍ଚ ୨୦୦୮ ସଂଖ୍ୟାରେ ଏହା ପ୍ରକାଶିତ ହୋଇଛି।



ଗବେଷଣାକାରୀମାନେ କହିଛନ୍ତି ୨୦୧୬ ମସିହା ସୁଦ୍ଧା ଆମେରିକା ୫୬ ବିଲିୟନ ଲିଟର ଜୈବ ଇନ୍ଧନ ଉତ୍ପାଦନ କରିବ ଯାହାର ଉତ୍ପାଦନ ପାଇଁ ୧୦.୮ ବିଲିୟନ ହେକ୍ଟର ଅତିରିକ୍ତ ଜମି ଆବଶ୍ୟକ ହେବ। ଜୈବ ଇନ୍ଧନ ନିମନ୍ତେ ଫସଲ ଉତ୍ପାଦନ ପାଇଁ ଯେଉଁ ଜଙ୍ଗଲ ଓ ତୃଣଭୂମି ନଷ୍ଟ କରାଯିବ ତାହା କ୍ଷୟ ହେବାଦ୍ୱାରା କାର୍ବନ ଡାଇଅକ୍ସାଇଡ୍ର ନିଷ୍କାସନ ଜୀବଜଗତ ପ୍ରତି ବିପଦର କାରଣ ହେବ। ଅନୁଧ୍ୟାନକାରୀ ଦଳର ମୂଖ୍ୟ ଟି.ସରଚିଙ୍ଗର ଏହି ଆଶଙ୍କା ପ୍ରକାଶ କରିଛନ୍ତି।

'ପାମତେଲରୁ ପ୍ରସ୍ତୁତ ଜୈବ ତେଲର ବ୍ୟବହାର ବିଶ୍ୱତାପମାତ୍ରା ବୃଦ୍ଧିକୁ ରୋକିପାରିବ' ଏଭଳି ଯୁକ୍ତି କରୁଥିବା ଗୋଷ୍ଠୀକୁ ଲିସେନ୍ସ୍ଟର ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଗବେଷଣାତ୍ମକ ତଥ୍ୟ ଭୁଲ ପ୍ରମାଣିତ କରିଛି। ପାମଗଛର ରୋପଣ ନିମନ୍ତେ ଯେଉଁ ମାତ୍ରାରେ

ବୃକ୍ଷ ଜଗତ ନଷ୍ଟ କରାଯିବ ଓ ବର୍ଜ୍ୟବସ୍ତୁ କ୍ଷୟ ହେବ ସେଥିରେ କାର୍ବନ ଡାଇଅକ୍ସାଇଡ୍ ନିଷ୍କାସନର ପରିମାଣ ବୃଦ୍ଧି ପାଇବ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ଆକଳନ ଅନୁସାରେ ୨୫ବର୍ଷ ମଧ୍ୟରେ ପ୍ରତି ଏକ ଟନ ପାମତେଲ ଉତ୍ପାଦନ କରିବାକୁ ଯାଇ ୧୫ ରୁ ୭୦ଟନ୍ କାର୍ବନ ଡାଇଅକ୍ସାଇଡ୍ ଉତ୍ପାଦନ କରାଯିବ।

ନ୍ୟାସନାଲ ଏକାଡେମି ଅଫ୍ ସାଇନ୍ସ ଦ୍ୱାରା ୧୦ମାର୍ଚ୍ଚ ୨୦୦୮ରେ ପ୍ରକାଶିତ ତଥ୍ୟ ଅନୁସାରେ ୨୦୧୬ ସୁଦ୍ଧା ଆମେରିକାର ଇଥନଲ ଆବଶ୍ୟକତାର ପୂରଣ ପାଇଁ ମେକ୍ସିକୋ ଉପସାଗର ଅଞ୍ଚଳରେ ହେବାକୁ ଥିବା ମକା ଉତ୍ପାଦନ ସେଠାକାର ସ୍ଥିତିକୁ ଅଧିକ ଭୟାବହ କରିବ। ମେକ୍ସିକୋ ଉପସାଗରର ଡେଡ୍‌ଜୋନରେ ଅମ୍ଳଜାନର ମାତ୍ରା ଅତି ନିମ୍ନ ସ୍ତରରେ ରହିଛି। ସେହି ଅଞ୍ଚଳରେ ପ୍ରବାହିତ ମିସିସିପି ଓ ଆଚାଫାଲାୟା ନଦୀର ନାଇଟ୍ରୋଜେନ ପ୍ରଦୂଷଣ ମାତ୍ରା ମଧ୍ୟ ଅଧିକ। ବହୁଳ ମାତ୍ରାରେ ହେବାକୁ ଥିବା ମକା ଚାଷ ଓ ସେଥି ସହିତ ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଏହି ପ୍ରଦୂଷଣ ସ୍ତରକୁ ଆହୁରି ୧୫ ରୁ ୩୫ ପ୍ରତିଶତ ବୃଦ୍ଧି କରିବ। (Down to Earth, April 15 to 30)

ବିଦେଶରୁ ଇନ୍ଧନ ଆମଦାନୀ କମ୍ କରିବା ପାଇଁ ଆମେରିକାର ରାଷ୍ଟ୍ରପତି ଜର୍ଜବୁଶଙ୍କ ନିର୍ଦ୍ଦେଶ ଅନୁସାରେ ୨୦୧୭ ସୁଦ୍ଧା ୧୩୨ ଶହକୋଟି (ବିଲିୟନ) ଲିଟର ଜୈବ ଇନ୍ଧନ ଉତ୍ପାଦନ କରିବାର ଲକ୍ଷ୍ୟ ରହିଛି। ମକାରୁ ପ୍ରସ୍ତୁତ ଇଥନଲର ବ୍ୟବହାରକୁ ଆମେରିକା ପ୍ରାଥମିକତା ଦେଇଛି । ବ୍ରାଜିଲ ବର୍ତ୍ତମାନ ଆଖୁରୁ ପ୍ରସ୍ତୁତ ଇଥନଲ ଉତ୍ପାଦନରେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଳ୍ପ କିଛି ବର୍ଷରେ ଆମେରିକାର ଘରୋଇ ମକା ଉତ୍ପାଦନର ଅର୍ଦ୍ଧେକ ପରିମାଣ ଇଥନଲ ପାଇଁ ବ୍ୟବହୃତ ହେବର ସ୍ଥିର ହୋଇଛି।

ୟୁରୋପରେ ପରିବେଶ ସଚେତନତାର ଅନନ୍ୟ ଦୃଷ୍ଟାନ୍ତ ଦେଖାଇ ନିଷ୍ପତ୍ତି ନିଆଯାଇଛି ଯେ ୨୦୧୦ ସୁଦ୍ଧା ଯାନବାହାନରେ ଇନ୍ଧନର ବ୍ୟବହାର ଜୈବ ଇନ୍ଧନ ଦ୍ୱାରା ୬ ପ୍ରତିଶତ ପୂରଣ କରାଯିବ ଓ ୨୦୨୦ ପର୍ଯ୍ୟନ୍ତ ଏହା ୧୦ ପ୍ରତିଶତକୁ ବୃଦ୍ଧି ପାଇବ। ତାପମାତ୍ରା ବୃଦ୍ଧି ତଥା ପରିବେଶ ପ୍ରଦୂଷଣକୁ ରୋକିବାର ଏହି ଅଭିଯାନ ଯେ ଭ୍ରାନ୍ତିମୂଳକ ତାହା ପ୍ରମାଣିତ ହେବା ସତ୍ତ୍ୱେ ସେହି ଦେଶରେ ତୈଳବୀଜ (Rape Seed) ଉତ୍ପାଦନ ବୃଦ୍ଧି କରାଯାଇଛି ଓ ବ୍ରାଜିଲ ତଥା ଆର୍ଜେଣ୍ଟିନାରୁ ସୋୟାବିନ ତେଲ ଆମଦାନୀର ଯୋଜନା ରହିଛି।

ଆଖୁ, ମକା, ସୋୟାବିନ, ପାମ ତେଲ ଇତ୍ୟାଦି ବହୁଳ ପରିମାଣରେ ଜୈବ ଇନ୍ଧନ ପାଇଁ ବ୍ୟବହୃତ ହେବା ଫଳରେ ବିଶ୍ୱ ସ୍ତରରେ ଖାଦ୍ୟ ବଜାରରେ ଅସନ୍ତୁଳନ ଦେଖା ଦେଇଛି। ବିଶାରଦମାନଙ୍କ ମତ ଅନୁସାରେ ଆଗାମୀ ଦିନରେ ଖାଦ୍ୟ ସଂକଟ ଦରଦାମ ବୃଦ୍ଧି ଆହୁରି ଅଧିକ ଜଟିଳତା ସୃଷ୍ଟି କରିବ।

ଏହାର ଦୃଷ୍ଟାନ୍ତ ବିଶ୍ୱର ବିଭିନ୍ନ ଦେଶରେ ଦେଖା ଦେଲାଣି। ମେକ୍ସିକୋରେ ବିଗତ ବର୍ଷ ମକାର ଦର ୨ଗୁଣରୁ ଅଧିକ ହେବା ଫଳରେ ସେମାନଙ୍କର ମୁଖ୍ୟ ଖାଦ୍ୟ 'ଟରଟିଲା'(tortilla)ର ଦାମ ମଧ୍ୟ ଅଧିକ ହୋଇଥିଲା ଓ ଏହାର ବିରୋଧରେ ହୋଇଥିବା ଆନ୍ଦୋଳନକୁ 'ଟରଟିଲା ଯୁଦ୍ଧ' କୁହାଯାଇଥିଲା। ଆମେରିକା ଦ୍ୱାରା ନିୟନ୍ତ୍ରିତ ହୋଇଥିବା ସେମାନଙ୍କ ଖାଦ୍ୟ ବଜାର ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଥିଲା।

ଖଣିଜ ତୈଳର ପ୍ରଦୂଷଣ ଯୋଗୁଁ ଜଳବାୟୁ ପରିବର୍ତ୍ତନର କାରଣ ଦେଖାଇ ଜୈବ ଇନ୍ଧନ ପଛରେ ଯେଉଁ ବାଚାଳତା ଦେଖାଦେଇଛି ତାର ଫଳାଫଳ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ। ଖାଦ୍ୟ ସମସ୍ୟା ସେଥିରେ ମୁଖ୍ୟ ସ୍ଥାନ ଅଧିକାର କରିବ। ଆକଳନରୁ ଏହା ସ୍ପଷ୍ଟ ହୋଇଛି ଯେ ଆମେରିକାରେ ଉତ୍ପାଦନ ହେଉଥିବା ସମସ୍ତ ମକା ଫସଲକୁ ଯଦି ଇଥନଲ ପାଇଁ ବ୍ୟବହାର କରାଯାଏ ତେବେ ତାହା ଆମେରିକାର ମାତ୍ର ୧୨ ପ୍ରତିଶତ ଇନ୍ଧନ ଆବଶ୍ୟକତା ପୂରଣ କରିପାରିବ। ଏଥିରୁ ଅନୁମାନ କରାଯାଇ ପାରିବ ଯେ ଇନ୍ଧନ ଖାଦ୍ୟ ସମସ୍ୟା ସୃଷ୍ଟି କରିବାରେ କେତେଦୂର ଦାୟୀ ହେବ।

ମିଳିତ ଜାତିସଂଘର ରେକର୍ଡ଼ ଅନୁସାରେ ବିଶ୍ୱସ୍ତରର ଦରଦାମ ବୃଦ୍ଧି ୨୦୦୨ ପର୍ଯ୍ୟନ୍ତ ଧିରେ ଧିରେ ୩୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାର ଦୃତ ଅଭିବୃଦ୍ଧି ହୋଇ ୬୫ ପ୍ରତିଶତରେ ପହଞ୍ଚି ସାରିଛି, ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥାର ଆକଳନ ଅନୁସାରେ କେବଳ ୨୦୦୭ ବର୍ଷରେ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ୮୦ ପ୍ରତିଶତ ହୋଇଥିବା ସମୟରେ ଶସ୍ୟ ଜାତୀୟ ଫସଲର ମୂଲ୍ୟ ୪୨ ପ୍ରତିଶତ ବୃଦ୍ଧି ଘଟିଛି। ବିଶ୍ୱ ସ୍ତରରେ ହେଉଥିବା ଏହି ବ୍ୟାପକ ପରିବର୍ତ୍ତନ ଗରିବ ତଥା ବିକାଶଶୀଳ ରାଷ୍ଟ୍ରକୁ ଅଧିକ ପ୍ରଭାବିତ କରୁଛି। ମୂଲ୍ୟ ବୃଦ୍ଧିର ବୋଝକୁ ସହ୍ୟ କରିବା ଦୂରୁହ ହେଉଥିବା ସମୟରେ ସ୍ଥାନୀୟ ଖାଦ୍ୟ ଉତ୍ପାଦନକୁ ନିୟନ୍ତ୍ରିତ କରାଯାଇ ଜୈବ ତେଲ ନିମନ୍ତେ ତୈଳବୀଜ ବିଶେଷକରି ଜାଟ୍ରୋପା ଚାଷ କରିବା ପାଇଁ ସାଧାରଣ ଲୋକଙ୍କୁ ବାଧ୍ୟ କରାଯାଉଛି। ଯାହା ଦେଶ ମଧ୍ୟରେ ଖାଦ୍ୟ ସଙ୍କଟ ସମସ୍ୟାକୁ ଆହୁରି ଉତ୍କଟ କରୁଛି।

ଭାରତର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ନିକଟରେ ଜୈବ ଇନ୍ଧନ ନିମନ୍ତେ ଖାଦ୍ୟ ଶସ୍ୟକୁ ବ୍ୟବହାର କରାଯାଉଥିବା ବିଷୟକୁ ତିକ୍ତ ସମାଲୋଚନା କରିଥିଲେ ଓ ବିଶ୍ୱର ଖାଦ୍ୟ ପଦାର୍ଥର ଦରଦାମ ବିଶ୍ୱ ସ୍ତରରେ ବୃଦ୍ଧି ହେବାର କାରଣ ବୋଲି ଦର୍ଶାଇଥିଲେ । ସେ କହିଛନ୍ତି "ଖାଦ୍ୟକୁ ଇନ୍ଧନରେ ପରିବର୍ତ୍ତିତ କରିବା ସ୍ୱାର୍ଥପରତା ଛଡ଼ା ଅନ୍ୟ କିଛି ନୁହେଁ। ମୁଁ ଭାବୁଛି ମାନବଜାତିର ଏହା ସବୁଠାରୁ ବଡ଼ ବୋକାମୀ। ଏହା ଭୟଙ୍କର ଅନୈତିକ କାର୍ଯ୍ୟ ଓ ନିଶ୍ଚିତ ଭାବରେ ଦଣ୍ଡନୀୟ"।

ଆମେରିକା ତଥା ୟୁରୋପ ଦେଶକୁ ସମାଲୋଚନା କରାଯାଉଥିବା ବେଳେ ସେହିମାନଙ୍କ ନିର୍ଦ୍ଦେଶରେ ଆମଦେଶ ତଥା ଆମଭଳି ବିକାଶଶୀଳ ଓ ତୃତୀୟ ବିଶ୍ୱରାଷ୍ଟ୍ର ଗୁଡ଼ିକରେ ଜୈବତେଲ ଉତ୍ପାଦନ ପାଇଁ ଖାଦ୍ୟ ଉତ୍ପାଦନ ହେଉଥିବା ଜମିକୁ ବ୍ୟବହାର କରାଯାଉଛି। ସେଠାରେ ହୁଏତ ଖାଇବା ଯୋଗ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଉନାହିଁ ମାତ୍ର ଜାଟ୍ରୋପା ଭଳି ଅଣଖାଦ୍ୟ ଫସଲ ଉତ୍ପାଦିତ କରାଯାଉଛି । ତେବେ ଫରକ୍ ରହିଲା କେଉଁଠି ? ଗୋଟିଏ ସ୍ଥଳରେ ଜମି ବ୍ୟବହୃତ ହେଉଛି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଓ ତାକୁ ଜୈବ ଇନ୍ଧନରେ ପରିବର୍ତ୍ତିତ କରାଯାଉଛି ଅନ୍ୟ ଏକ ସ୍ଥଳରେ ସେହି ଜମି ବ୍ୟବହାର କରାଯାଉଛି ଅଣଖାଦ୍ୟ ଫସଲ ପାଇଁ ଉଭୟ କ୍ଷେତ୍ରରେ ଜମିର ଆବଶ୍ୟକତା ରହିଛି ତାହା ଖାଦ୍ୟ ପାଇଁ ହେଉ ବା ଅଖାଦ୍ୟ ପାଇଁ ହେଉ, ଅପରାଧ ସମାନ । ଯେହେତୁ ଉଭୟ କ୍ଷେତ୍ରରେ ଲୋକ କୃଷି ଓ କୃଷି ଜମି ହରାଉଛନ୍ତି।

"ଖାଦ୍ୟ ଶସ୍ୟକୁ ଇନ୍ଧନରେ ପରିବର୍ତ୍ତିତ କରିବା ମାନବ ସମାଜ ପ୍ରତି ଏକ ଅପରାଧ" ପି. ଚିଦାମ୍ବରମ୍‌ଙ୍କ ଏହି ମନ୍ତବ୍ୟର ପ୍ରତ୍ୟୁତ୍ତରରେ ଆମେରିକା ରାଷ୍ଟ୍ରପତି ପ୍ରତିକ୍ରିୟା ପ୍ରଦର୍ଶନ କରି କହିଥିଲେ ଭାରତର ମଧ୍ୟବିତ୍ତ ପରିବାରର ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ଖାଦ୍ୟ ଚାହିଦା ଯୋଗୁଁ ବିଶ୍ୱ ବଜାରରେ ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧି ଘଟିଛି। ପୂନର୍ବାର ଅଶୋଧିତ ତେଲର ମୂଲ୍ୟ ୧ ୨ ୧ ଡଲାର ପ୍ରତି ବ୍ୟାରେଲ ହେବାପରେ ଏହାକୁ ନେଇ ଭାରତ ଓ ଚୀନ୍ ଦାୟୀ ବୋଲି ଆମେରିକା ସରକାର ଅଭିଯୋଗ କରିଛନ୍ତି। ବିଶ୍ୱର ପରିସ୍ଥିତି ଜଟିଳରୁ ଜଟିଳତର ହୋଇ ଚାଲିଥିବା ସମୟରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଏଭଳି ଦୋଷାରୋପ କରିବାର ମନୋବୃତ୍ତି ସମସ୍ୟାର ସମାଧାନ କରୁନାହିଁ। ଆହୁରି କୌତୁହଳ ବିଷୟ ଏହି ଯେ ରାଷ୍ଟ୍ରପତିଙ୍କ ଖାଦ୍ୟ ଉପରେ ଥିବା ଟିପ୍ପଣୀକୁ ତଥ୍ୟ ଭିତ୍ତିକ ଢ଼ଙ୍ଗରେ ବିରୋଧ କରି ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ (FAO)ର ତଥ୍ୟକୁ ଆଧାରକରି ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ଦର୍ଶାଇଛି ଯେ ଆମେରିକୀୟମାନେ ଭାରତୀୟମାନଙ୍କ ଠାରୁ ୫ ଗୁଣ ଅଧିକ ଖାଦ୍ୟ ଗ୍ରହଣ କରିଥାନ୍ତି। ତେବେ ବର୍ତ୍ତମାନ ସମୟ ଆସିଛି ବିଶ୍ୱସ୍ତର ସମସ୍ୟାକୁ ଗମ୍ଭୀରତାର ସହିତ ଚିନ୍ତା କରିବାରେ କେବଳ କଥା କଥାରେ ଆକ୍ରମଣ ପ୍ରତି ଆକ୍ରମଣ ସବୁ ବିଷୟକୁ ସୁଧାରିବ ନାହିଁ। ତାହା ଖାଦ୍ୟ ହେଉ ବା ଇନ୍ଧନ ହେଉ ବା ଅନ୍ୟ କିଛି, ସବୁ ସମସ୍ୟା ପରସ୍ପର ସହିତ ଯୋଡ଼ି ହୋଇ ରହିଛି।

ଖଣିଜ ଇନ୍ଧନର ଅଭାବ ଓ ପ୍ରଦୂଷଣକୁ ଦୂରେଇବା ପାଇଁ ଜୈବ ଇନ୍ଧନକୁ ବିକଳ୍ପ ଭାବେ ନିଆଗଲା । ଜୈବ ଇନ୍ଧନ ସମସ୍ୟାକୁ ସୁଧାରିବାକୁ ଯାଇ ଖାଦ୍ୟ ସଂକଟକୁ ଆମେ ଡାକି ଆଣିଛୁ, ତା'ପରେ ଖାଦ୍ୟ ସମସ୍ୟାକୁ ଦୂର କରିବାକୁ ଯାଇ ଗୁଣସୂତ୍ର ପରିବର୍ତ୍ତିତ ବିହନ (ଜେନେଟିକାଲି ମୋଡ଼ିଫାଏଡ଼େ ସିଡ଼୍)କୁ ଆମନ୍ତ୍ରଣ କରିବା, ଯୁକ୍ତି ବାଢ଼ିବା ଏହା ଖାଦ୍ୟ ଉତ୍ପାଦନକୁ ଆଶାତୀତ ଭାବରେ ବୃଦ୍ଧି କରିବ। ତା'ପରେ ସୃଷ୍ଟି ହେବ ସ୍ୱାସ୍ଥ୍ୟ ସମସ୍ୟା ପୁଣି ତାପରେ........

***ପୁଷ୍ପାଞ୍ଜଳି ଶତପଥି***

# ଲଗେଇଦେ ଗଛ ଗୋଟେ କରି ଯତନ

ରେ ଅବୁଝା ମନ ଲଗେଇଦେ ଗଛ ଗୋଟେ କରି ଯତନ
ବୃକ୍ଷଲାଗି ହୁଏ ସିନା ବରଷା ଶୀତ
ବୃକ୍ଷଲାଗି ଜଳ ସିନା ହୁଏ ଅମୃତ
ବୃକ୍ଷଲାଗି ସିନା ବହେ ମୃଦୁ ପବନ
ବୃକ୍ଷଲାଗି ଚଞ୍ଚଳ ଏ ଛାର ଜୀବନ
ବୃକ୍ଷସିନା ସାକ୍ଷୀ ଏକା ଜନ୍ମ ମରଣ
ରେ ଅବୁଝା ମନ ଲଗେଇଦେ ଗଛ ଗୋଟେ କରି ଯତନ
ଦିଏ ସିନା ନିଏ ନାହିଁ ମହତ ଗୁଣ
ସହିଯାଏ ମଣିଷର ସବୁ କଷଣ
ଓଡ଼ିଆ ପୁଅର ସେ ପଖାଳ କଂସା
ଗଛ ଲଗାଇବା ହେଉ ପ୍ରଥମ ନିଶା
ଭୋକିଲା ପେଟକୁ ଦିଏ ଭୂରି ଭୋଜନ
ରେ ଅବୁଝା ମନ ଲଗେଇଦେ ଗଛ ଗୋଟେ କରି ଯତନ
କୁଆଁ କୁଆଁ ରାବ ଦେଲୁ ଜନମ ବେଳେ
କାଠହୋଇ ଜଳି ଥିଲା ଏଣ୍ଡୁଡ଼ି ଶାଳେ
ଠୁକୁ ଠୁକୁ ଚାଲିଥିଲୁ ଶଗଡ଼ ଗାଡ଼ି
ପଲଙ୍କରେ ଶୋଇଲୁତୁ ସେଜ ସଜାଡ଼ି
କେ ସୁଝିବ କହବନ୍ଧୁ ତାହାରି ଋଣ
ରେ ଅବୁଝା ମନ ଲଗେଇଦେ ଗଛ ଗୋଟେ କରି ଯତନ
ବାଟୋଇର ଭରଷା ସେ ପକ୍ଷୀର ବସା
ଭିକାରୀ ବୁଢ଼ୀମାଆର ସକଳ ଆଶା
କଥା ଅଛି ବାଇ ଚଢ଼େଇର କି ଯାଏ
ବାଆ କଲେ ପରା ବସା ଦୋହଲୁ ଥାଏ
ଧରାକୁ ସୁନ୍ଦର କରେ ସହି କଷଣ
ରେ ଅବୁଝା ମନ ଲଗେଇଦେ ଗଛ ଗୋଟେ କରି ଯତନ
ମହୁ ଝୁଣା ଫଳ ମୂଳ ଲାଖ ଔଷଧ
ଚୁଲିରେ ଜଳି ପରସେ ନାନା ପ୍ରସାଦ
ତା ପତରେ ହୁଏ ପୁରୀ ଅବଢ଼ା ବଢ଼ା
ଦାରୁ ରୂପେ ଜଗନ୍ନାଥ ଚନ୍ଦନେ ଗଢ଼ା
ଜୀବଗଲେଯାଏ ସାଥେ ହୁଏ ଦହନ
ରେ ଅବୁଝା ମନ ଲଗେଇଦେ ଗଛ ଗୋଟେ କରି ଯତନ

***ସୁବାଷ ଚନ୍ଦ୍ର ନାୟକ,***
***ନୟାଗଡ଼***

# ଜଡ଼ିବୁଟି



ଜ୍ୟେଷ୍ଠ ପୂର୍ଣ୍ଣିମା ଆସିଯାଇଛି । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହେବ । ଆଦିମ ଶବରମାନେ ଶ୍ରୀଜଗନ୍ନାଥଙ୍କର ଆଦି ସେବକ ଥିଲେ ବୋଲି ପଣ୍ଡିତ ମାନେ କହନ୍ତି । ସେଇ ଶବରଙ୍କ ବଂଶଧର ଦଇତାମାନେ ଅନବସର ପନ୍ଦରଦିନ ମହାପ୍ରଭୁଙ୍କର ସେବା କରିବେ । ଲୋକଙ୍କ ବିଶ୍ୱାସ ଯେ ସ୍ନାନଯାତ୍ରାରେ ମହାସ୍ନାନ କରି ଠାକୁରମାନଙ୍କୁ ଜ୍ୱର ହୋଇଯାଏ ଏବଂ ସେମାନେ ବିଶ୍ରାମ ନିଅନ୍ତି । ପ୍ରିୟ ପରିଜନ ତାଙ୍କର ସେବାରେ ଲଗନ୍ତି । ଜଡ଼ିବୁଟି ଖୁଆଇ ଠାକୁରଙ୍କୁ ସୁସ୍ଥ ସବଳ କରିଦିଅନ୍ତି ଯେ ଜୀଉମାନେ ନବଯୌବନ ଧାରଣ କରି ରତ୍ନସିଂହାସନରେ ବିରାଜମାନ ହୁଅନ୍ତି । ଠାକୁରମାନଙ୍କର ଆତ୍ମୀୟ ଶବରକୁଳ ଜଡ଼ିବୁଟିରେ କୁଶଳୀ । ଜଙ୍ଗଲର ଚେରମୂଳ ଚିହ୍ନି ଔଷଧିରେ ତାକୁ ବ୍ୟବହାର କରନ୍ତି । ସେଇ ଚେରମୂଳର ପାଚନ ପାଣି ପିଆଇ ଠାକୁରଙ୍କୁ ପୀଡ଼ା ଉପଶମର ବନ୍ଦୋବସ୍ତ କରିଥାନ୍ତି । ତାଙ୍କର ଆତ୍ମୀୟ ଶବରମାନେ ଏଇ ଲୋକବିଶ୍ୱାସ ଭିତରେ ଆଦିମ ଶବରମାନେ ଯେ ଚେରମୂଳ ଜଡିବୁଟି ସଂଗ୍ରହ ଓ ପ୍ରୟୋଗରେ ପାରଙ୍ଗମ ଥିଲେ । ଏଇ କଥାଟି ସଂକେତାତ୍ମକ ଭାବରେ ପ୍ରଚ୍ଛନ୍ନ ରହିଛି । କିଛି ବର୍ଷତଳେ ସହର ବଜାରମାନଙ୍କରେ ଘରଘର ବୁଲି ଶବର ସଂପ୍ରଦାୟର ଲୋକମାନେ ଝୁଲା ମୁଣାଟିଏ କାନ୍ଧରେ ପକାଇ ଚେରମୂଳି ବିକୁଥିବା ପ୍ରଥା ଏବେ ଆଉ ଦୃଷ୍ଟି ଗୋଚର ହେଉନାହିଁ । ସହର ବଜାରର ରାସ୍ତାକଡ଼ରେ କେହି କେହି ଶବର ଚେରମୂଳିର ପସରା ପକାଇ ବିକ୍ରି କରୁଥିବାର ଦୃଶ୍ୟ ଅଳ୍ପଦିନ ଭିତରେ ଅନ୍ତର୍ହିତ ହୋଇ ଯାଇଛି । ଲୋକ ବିଶ୍ୱାସରେ ଏଇ କଥାଟି ଥାଏ ଯେ ଶବରମାନେ ଗୁଣିଗେରଡ଼ି ଜାଣନ୍ତି ଏବଂ ନାନା ପ୍ରକାର ଔଷଧିରେ ସେମାନେ ଧୂରୀଣ । ବଣରୁ ପରି ପରିକା ଗୁଣକାରୀ ଗୁଳ୍ମଲତା ଚିହ୍ନି ତାର ସଂଗ୍ରହ କରି ରଖିଥାନ୍ତି । ତାକୁ ବୁଲି ବୁଲି ବିକି ସେମାନେ ଅତୀତରେ ଜୀବିକା ନିର୍ବାହ କରିଥିବା କଥା ଅନେକ ବୟସ୍କ ବ୍ୟକ୍ତିଙ୍କର ଉପଲବ୍ଧିରେଥିବ ।

ସମୁଦ୍ର ତ ରତ୍ନାକର, ପୃଥିବୀ ରତ୍ନଗର୍ଭା, ତହିଁରୁ ଅଜସ୍ର ରତ୍ନ ସଂଗୃହୀତ ହେଲାପରି ଅରଣ୍ୟ ଅଶେଷ ଔଷଧିର ଗନ୍ତାଘର । ବନରୁ ପ୍ରାପ୍ତ ଔଷଧି ବନୌଷଧି ନାମରେ ପରିଚିତ । ପ୍ରକୃତି ପରିପୁଷ୍ଟ ସମଗ୍ର ଜୀବ ଜଗତ ପାଇଁ ପ୍ରକୃତିଭିତରେ ବଂଚିବାର ସମସ୍ତ ଉପାଦାନ ଭରି ରହିଛି । ଏବେର ମଣିଷ ଏଇ ସରଳ ତତ୍ତ୍ୱଟିକୁ ଉପେକ୍ଷା କରି ପ୍ରକୃତିକୁ ମାତୃଜ୍ଞାନରେ ତାର ସୁରକ୍ଷା, ସଂରକ୍ଷଣ କରିବା ପରିବର୍ତ୍ତେ ତାକୁ ସମସ୍ତ ସୁଖସୁବିଧାର ଉତ୍ସ ମନେ କରି ମାତ୍ରାଧିକ ଦୋହନରେ ଲାଗିଛି । ଆପଣାର ଏହି ଆତ୍ମଘାତୀ କ୍ରିୟାର ପରିଣାମ ସ୍ୱରୂପ ମଣିଷ ଯେଉଁ ସଂକଟର ସମ୍ମୁଖୀନ ହେବାକୁ ଯାଉଛି ତାର ସାମ୍ଭାବ୍ୟ ଚିତ୍ର ବିଜ୍ଞଲୋକମାନେ ଉପସ୍ଥାପନ କରିଥାନ୍ତି । ହେଲେ ହେଁ ଅପରିଣାମଦର୍ଶୀ ମଣିଷ କ୍ଷଣିକ ସୁଖ କାମନାରେ ଅନ୍ଧହୋଇ ଏଥିରୁ କ୍ୱଚିତ୍ ନିବୃତ୍ତ ହେଉଛି । ଜୀବମଣ୍ଡଳରେ ସ୍ୱାଭାବିକ ବିବିଧତା ସଂପ୍ରତି ବହୁଧା ବ୍ୟାହତ। ଜୈବ ବିବିଧତା (Biodiversity) ରେ ସନ୍ତୁଳନ ବ୍ୟାହତ ହେବାର ପରିଣତି ସ୍ୱରୂପ ବହୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷ କରି ବୃକ୍ଷ ପ୍ରଗତିରେ ବିଲୟ ପ୍ରକ୍ରିୟା ମାତ୍ରାଧିକ ହେବା କାରଣରୁ ବହୁ ନୂତନ ବ୍ୟାଧି ଦେଖାଦେଉଛି ଏବଂ ସେଗୁଡିକର ଉପଶମ ଉପାୟ ସୁଲଭ ହେଉନାହିଁ । ଏତିକି ବେଳେ ଆତ୍ମରକ୍ଷା ପାଇଁ ମଣିଷ ଉଦ୍ୟମ କରିବା ଉଚିତ୍ ହେବ ।

ଗତ ଶତାବ୍ଦୀର ପ୍ରାୟ ଦ୍ୱିତୀୟାର୍ଦ୍ଧରେ ଜନସଂଖ୍ୟାର ଅଭୂତ ପୂର୍ବ ବୃଦ୍ଧି ଘଟିବା ଆରମ୍ଭ କଲା । ଗତ ଦୁଇଶତାବ୍ଦୀ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଗମନାଗମନ ଓ ଯୋଗାଯୋଗାଦି କ୍ଷେତ୍ରରେ ଯେଉଁ ସୁଖସୁବିଧା ଉପଲବ୍ଧ ହେଲା ତାହା ଜନସଂଖ୍ୟା ବୃଦ୍ଧିକୁ ପ୍ରୋତ୍ସାହିତ କଲା । ପରିଣତି ସ୍ୱରୂପ ବର୍ଦ୍ଧିତ ଜନସଂଖ୍ୟାକୁ ଆହାର ଯୋଗାଇବା ପାଇଁ ଅଧିକ କୃଷି କ୍ଷେତ୍ର ଓ ଅଧିକ ବାସସ୍ଥାନର ସୃଷ୍ଟି, ଶିକ୍ଷାୟତନ

ପ୍ରତିଷ୍ଠା, ରାସ୍ତାଘାଟ ନିର୍ମାଣ, ନଦୀବନ୍ଧ ନିର୍ମାଣ ସର୍ବୋପରି ଜାଳେଣି ସଂଗ୍ରହ ଓ କୋଠାବାଡି ତଥା ଗୃହୋପକରଣ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ସଂଗ୍ରହ ଓ କୋଠାବାଡି ତଥା ଗୃହୋପକରଣ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ସଂଗ୍ରହ କାରଣରୁ ବନଭୂମି ସ୍ୱଳ୍ପ ସମୟଭିତରେ ଦ୍ରୁତ ବେଗରେ କ୍ଷୟ ହୋଇଗଲା । ଏହି ପ୍ରକ୍ରିୟା ଅଦ୍ୟାବଧି ଲାଗି ରହିଛି । ଏହାଦ୍ୱାରା ସହସ୍ର ବର୍ଷର ବିବର୍ତ୍ତନ ଦେଇ ସୃଷ୍ଟି ଅସଂଖ୍ୟ ପ୍ରଜାତିର ବୃକ୍ଷଲତା, ବନ୍ୟପ୍ରାଣୀ, କୀଟପତଙ୍ଗ ଲୁପ୍ତ ପ୍ରାୟ । ପ୍ରାରମ୍ଭିକାବସ୍ଥାରେ ବନଭୂମିର କ୍ଷୟଜନିତ ପରିଣତି ସଂପର୍କରେ ମଣିଷ ସଚେତନ ଥିଲେ । ସଂପ୍ରତି ମଣିଷର ଅବବୋଧ ହୋଇଛି କି ପ୍ରକୃତିରେ ସଂଘଟିତ ବିପର୍ଯ୍ୟୟ ଜନିତ ଏକ ବିରାଟ ସଂକଟର ସେ ସମ୍ମୁଖୀନ ହେବାକୁ ଯାଉଛି । ତେଣୁ ପ୍ରକୃତିର ସୁରକ୍ଷା ପାଇଁ ବିଭିନ୍ନ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ ।

ବନଭୂମି କ୍ଷୟ ଯୋଗୁଁ ଯେତେ ଯାହା କ୍ଷୟକ୍ଷତି ଘଟିଲା ତାର ଆଲୋଚନା ଏଠାରେ ଅପ୍ରାସଙ୍ଗିକ, ତେବେ ଦୁଇଟି ବଡ କ୍ଷତି ଏହା ଦ୍ୱାରା ଘଟିଲା । ଅସୁମାରୀ ବନୌଷଧି ଲୋପ ପାଇଗଲା ଏବଂ ଏହି ବନୌଷଧିର ସଂରକ୍ଷକ ଶବର ସଂପ୍ରଦାୟର ଜୀବିକା ବୁଡ଼ିଗଲା । ପୂର୍ବେ ଆମର ବନବାସୀମାନଙ୍କୁ ଶବର, କରାତ, ନିଷାଦ, ପୁଳିନ୍ଦ ପ୍ରଭୃତି ନାମରେ ନାମିତ କରାଯାଇଛି । ଏବେ ଏଥିପାଇଁ 'ଆଦିବାସୀ' ଶବ୍ଦଟି ବ୍ୟବହାର କରାଯାଉଛି । ଅତଏବ ଶବର କହିଲେ ସବୁଗୋଷ୍ଠିର ଆଦିବାସୀଙ୍କୁ ବୁଝିବାକୁ ହେବ । ବନଭୂମିହିଁ ଆଦିବାସୀର ଜୀବନ ଜୀବିକାର ପ୍ରାଣକେନ୍ଦ୍ର ଥିଲା । ସେମାନଙ୍କ ସାମାଜିକ ସଂସ୍କୃତିକ ପରମ୍ପରା, ଅର୍ଥନୈତିକ ଭୟ ବିପର୍ଯ୍ୟସ୍ତ ହେଲା । ପରିଣତି ସ୍ୱରୂପ ବନୌଷଧିର ଯେଉଁ ବିଲୋପ ସାଧନ ଘଟିଲା ତାହାକୁ ମାନବ ଜାତିର ସର୍ବଶ୍ରେଷ୍ଠ କ୍ଷତି ରୂପେ ବିଚାର କରାଯାଇପାରେ କାରଣ ତହିଁରେ ମଣିଷର ସହସ୍ରବର୍ଷର ସାଧନା ଓ ଉପଲବ୍ଧ ସିଦ୍ଧି ନିହିତ ଥିଲା ।

ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସାଧାରା ଓ ନାନାବିଧ ଔଷଧର ଆବିଷ୍କାର ହେବା ପର୍ଯ୍ୟନ୍ତ ଭାରତ, ଚୀନ ଓ ମଧ୍ୟପ୍ରାଚ୍ୟର ଦେଶ ସମୂହରେ ପ୍ରାଚୀନକାଳରୁ ପ୍ରଚଳିତ ଚିକିତ୍ସା ପଦ୍ଧତି ଓ ଔଷଧ ପ୍ରସ୍ତୁତି ପ୍ରଣାଳୀ ଅନୁସୃତ ହେଉଥିଲା । ଭାରତ ଭଳି ପ୍ରାଚୀନ ସଂସ୍କୃତି ସଂପନ୍ନ ଭୂଖଣ୍ଡରେ ବହୁ ପରୀକ୍ଷା ନିରୀକ୍ଷା ହୋଇ ନିର୍ଦ୍ଦିଷ୍ଟ ପନ୍ଥାରେ ସ୍ଥିରୀକୃତ ହୋଇଥିଲା । ଏହି ଧାରା ପ୍ରାକ୍ ଐତିହାସିକ କାଳରୁ ପୁରୁଷାନୁକ୍ରମେ ଗଢ଼ି ଆସିଥିବା ଜଣାଯାଏ । ପ୍ରକୃତିଭିତରେ ଉପଲବ୍ଧ ଅସଂଖ୍ୟ ବୃକ୍ଷ, ଗୁଳ୍ମଲତାର ସନ୍ଧାନ କରି, ସେଗୁଡିକୁ ନାମିତ କରି, ସେଗୁଡିକର ଗୁଣାବଳୀ ସହ ପରିଚିତ ହେବା ପ୍ରକ୍ରିୟା ଏହି ପ୍ରାଚୀନ ଭୂଖଣ୍ଡରେ କ୍ରମାଗତ ଚାଲିଥିଲା । ମଧ୍ୟଯୁଗରେ ସମ୍ଭବତଃ ବିଶେଷ ମାତ୍ରାରେ ବାହ୍ୟପ୍ରଭାବ ହେତୁ ଏହି ପରମ୍ପରା ମନ୍ଥର ଓ ସ୍ଥଳବିଶେଷରେ ଲୁପ୍ତପ୍ରାୟ ହୋଇଗଲା । ପ୍ରାଚୀନ ଭାରତ ଚରକ ସୁଶ୍ରୁତ ଭଳି ଚିକିତ୍ସାବିଜ୍ଞାନୀଙ୍କ ଅପୂର୍ବ କୃତିର ବହୁ ଦୃଷ୍ଟାନ୍ତ ସଂସ୍କୃତ ସାହିତ୍ୟରେ ଉପଲବ୍ଧ ହୁଏ । ଏହି ଭୂଖଣ୍ଡରେ ଆୟୁର୍ବିଜ୍ଞାନ ଏକ ବିଶେଷ ବେଦ ରୂପେ ସମ୍ମାନିତ । ଏହା ଆୟୁର୍ବେଦ ଯାହାକୁ ବେଦଚତୁଷ୍ଟୟ ସାଙ୍ଗରେ ପଞ୍ଚମ ବେଦରୂପେ ଗ୍ରହଣ କରାଯାଏ । ଚତୁର୍ବେଦ ମଧ୍ୟରୁ ଅଥର୍ବବେଦରେ ଚିକିତ୍ସା ଶାସ୍ତ୍ରର ଆଲୋଚନା ହୋଇଥିବା ଦେଖିବାକୁ ମିଳେ । ତେବେ ଆୟୁର୍ବେଦକୁ ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତିରୂପେ ପରବର୍ତ୍ତୀ କାଳରେ ଗ୍ରହଣ କରାଯାଇଛି । ଯାହା ସଂପୂର୍ଣ୍ଣ ରୂପେ ଭାରତୀୟ । ତେବେ ଏଥିରେ ବୃକ୍ଷଲତାର ପଞ୍ଚାଙ୍ଗର (ଚେର, ପତ୍ର, ଛେଲି, ଫୁଲ ଓ ଫଳ) ବିନିଯୋଗ ବ୍ୟତୀତ ଅନ୍ୟାନ୍ୟ ବହୁ ଦ୍ରବ୍ୟ ଯଥା- ଘୃତ, କ୍ଷୀର, ମହୁ, ଧାତୁ, ଲବଣ, ମାଟି, କେତେକ ବିଶେଷ ବିଶେଷ ଜୀବଜନ୍ତୁଙ୍କର ଦେହାଂଶ ସମେତ ନାନା ରାସାୟନିକର ଆବଶ୍ୟକତା ରହିଥାଏ । ଏହା ଏକ ପୂର୍ଣ୍ଣାଙ୍ଗ ଚିକିତ୍ସା ଶାସ୍ତ୍ର ହୋଇ ଥିବାରୁ ଏହାର ନିଜସ୍ୱ ଧାରା ଅନୁସୃତ ହୋଇଥାଏ । ତେବେ ଆଧୁନିକ କାଳରେ ବୈଜ୍ଞାନିକ ଧାରାରେ ପ୍ରସ୍ତୁତ ଔଷଧ ଓ ଚିକିତ୍ସା ପଦ୍ଧତିର ପ୍ରସାର ଫଳରେ ପ୍ରାଚୀନ ପଦ୍ଧତିଗୁଡିକରେ ଭଟ୍ଟା ପଡିଗଲା । ସେଥିରେ ଆଉ ପରୀକ୍ଷା ନିରୀକ୍ଷା ହେଲା ନାହିଁ । ଚିକିତ୍ସକ ମାନେ ତହିଁରେ ଧ୍ୟାନ ଦେଲେ ନାହିଁ କାରଣ ଏହି ଧାରା ସ୍ଥଳବିଶେଷରେ ଭାରି କଠିନ ବିବେଚିତ ହେଲା । ପାଶ୍ଚାତ୍ୟ ପଦ୍ଧତିରେ ପ୍ରସ୍ତୁତ ପେଟେଣ୍ଟ ମେଡିସିନ୍ ସର୍ବତ୍ର ଶସ୍ତାରେ ସୁଲଭ ହେଲା । ବୈଜ୍ଞାନିକ ରୀତିରେ ରୋଗର ନିରାକରଣ ସହଜ ହୋଇ ପଡିଲା । ଏପରି ନାନା କରାରଣରୁ ପ୍ରାଚୀନ ଭାରତୀୟ ଆୟୁର୍ବେଦର ଚର୍ଚ୍ଚା ସଂକୁଚିତ ହୋଇ ପଡିଲା । ଏପରି ସମୟ ଆସିଲା ବେଳେ ବନୌଷଧିମାନ ଆଉ ବ୍ୟବହାରରେ ଆସିଲା ନାହିଁ । ପରିଣାମରେ ଅନେକ ବୃକ୍ଷଲତା ଓ ଗୁଳ୍ମ ମଣିଷର ବ୍ୟବହାରର ବାହାରେ ରହିଗଲା । ଭାରତୀୟ ଜ୍ଞାନବିଜ୍ଞାନର ଅବକ୍ଷୟର କାହାଣୀ ଆଜିର ସୂଚନା ପ୍ରାବଧିକୀର ଅଭ୍ୟୁଦୟ କାଳରେ ଅତିଶୟ ଦୁଃଖଦ ମନେହୁଏ ।



ପ୍ରାଚୀନ ଭାରତରେ ସଂସ୍କୃତି ଅରଣ୍ୟ ଭିତ୍ତିକ ଥିଲା । ମୁନିଋଷିଗଣ ପ୍ରାୟତଃ ଅରଣ୍ୟ ବାସୀ ଥିଲେ । ବୈଦିକ ସାହିତ୍ୟର ଉତ୍ପତ୍ତିସ୍ଥଳ ଅରଣ୍ୟ । ପୌରାଣିକ ଆଖ୍ୟାନମାନଙ୍କରୁ ଜଣାଯାଏ ଯେ

ଭାରତର ମନୀଷୀଗଣ ଭାରତୀୟ ଅରଣ୍ୟରେ ଉପଲବ୍ଧ ସମସ୍ତ ବୃକ୍ଷଲତା ଓ ଗୁଳ୍ମାଦିର ଅଧ୍ୟୟନ କରିଥିଲେ । ଉଦ୍ଭିଦ ମାନଙ୍କର ଚିହ୍ନଟ, ଓ ସେମାନଙ୍କର ଗୁଣାଗୁଣର ପରୀକ୍ଷାନିରୀକ୍ଷା ଏବଂ ତଦନୁସାରେ ନାନାବିଧ ବ୍ୟାଧିରେ ସେଗୁଡ଼ିକରେ ପ୍ରୟୋଗ କରିବାରେ ପ୍ରାଚୀନ ଭାରତୀୟ ଋଷିଗଣ ଅସାମାନ୍ୟ ନିପୁଣତା ପ୍ରଦର୍ଶନ କରିଥିଲେ । ଚରକ ସଂହିତା ତଥା ଆୟୁର୍ବେଦ ଶାସ୍ତ୍ର ଏହାର ପ୍ରମାଣ । ପୁରାଣରେ ଚ୍ୟବନ ଋଷି ଓ ଅଶ୍ୱିନୀ କୁମାର ମାନଙ୍କ ପ୍ରସଙ୍ଗ ଅନେକ ସ୍ଥଳରେ ବର୍ଣ୍ଣିତ । ସେହିପରି ଭଗବାନ ଧନ୍ୱନ୍ତରୀଙ୍କ ଉପାଖ୍ୟାନ । ଏ ସମସ୍ତ କଥା କାହାଣୀ ଭିତରେ ସଂକେତ ସ୍ୱରୂପ ଭାରତୀୟ ଚିକିତ୍ସା ବିଜ୍ଞାନର ଧାରା ବଂଚି ରହିଛି । ତେବେ ଏଇଠି ଗୋଟିଏ କଥା ଉଲ୍ଲେଖନୀୟ ଯେ ଭାରତୀୟ ପ୍ରାଚୀନ ଚିକିତ୍ସା ପଦ୍ଧତିରେ ଯେତେ ସବୁ ଲିପିବଦ୍ଧ ହୋଇ ରହିଛି ତାଠାରୁ ବହୁ ଗୁଣରେ ଚିକିତ୍ସାଧାରା ଲିପିବଦ୍ଧ ନହୋଇ ରହିଯାଇଛି । ଏହି ସୂତ୍ରରେ ଭାରତରେ ଚିକିତ୍ସା କ୍ଷେତ୍ରରେ ଯେତେସବୁ ଧାରା ପ୍ରଚଳିତ ସେଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ପ୍ରଥମଟି ଗବେଷଣାରୁ ଉପଲବ୍ଧ ଜ୍ଞାନ ଜନିତ ଧାରା, ଦ୍ୱିତୀୟଟି ଅନୁଭୂତି ଓ ପାରମ୍ପରିକ ସିଦ୍ଧ ଧାରା - ଏଦୁଇଟି ଧାରାର ଲିପିବଦ୍ଧ ଶାସ୍ତ୍ର ରହିଛି ଏବଂ ଏଗୁଡ଼ିକ ସମସ୍ତ କ୍ରମେ ପରିମାର୍ଜିତ ଓ ପରିବର୍ଦ୍ଧିତ ହୋଇଛି । ତୃତୀୟ ଧାରାଟି କେବଳ ବ୍ୟକ୍ତିବିଶେଷଙ୍କ ଅନୁଭୂତିକୁ ଆଧାର କରି ପ୍ରଚଳିତ । ଏହି ମାର୍ଗରେ କୌଣସି ସହାୟକ ଶାସ୍ତ୍ର ନାହିଁ । ହେଲେହେଁ ପୁରୁଷାନୁକ୍ରମେ ଏହି ଧାରାଟି ଜଣେ ଗୁରୁଠାରୁ ଜଣେ ଶିଷ୍ୟ ବା ପୁତ୍ର ପାଖକୁ ସଂଚରିତ ହୋଇ ବଂଚିଛି । ଏହା ଆଦୌ ଲିପିବଦ୍ଧ ନୁହେଁ । ପୁଣି ଏହାର ପ୍ରଚାର ଏକବାରେ ସୀମିତ ଏବଂ ଦୁର୍ଭାଗ୍ୟ ଯେ ଏଇ ଧାରାଟି କ୍ରମଶଃ ଲୋପ ହେବାକୁ ବସିଛି । ଏହାର ପ୍ରଧାନ କାରଣ ଏହି ଧାରାଟିକୁ ଲୋକେ ଗୁହ୍ୟ ରଖି ଥାନ୍ତି । ପ୍ରଚାର କରିଦେଲେ ଏହା ଗୁଣ ହରାଇବସେ ବୋଲି କୁହାଯାଏ । ତେଣୁ ଜଣେ ଜାଣିଥିବା ଲୋକ ତାର ଶେଷ ଅବସ୍ଥାରେ ନିଜର ପୁଅକୁ ଅଥବା କେହି ଜଣେ ମାତ୍ର ଶିଷ୍ୟକୁ ବିଦ୍ୟାଟି ଶିଖାଇଦିଏ । କୌଣସି କାରଣବଶତଃ ସେହି ଲୋକଟି ଯଦି କାହାରିକୁ ନ କହି ନଶିଖାଇ ଦେହ ତ୍ୟାଗକରେ ତେବେ ତା'ସହିତ ତା'ପାଖରେ ଥିବା ବିଦ୍ୟାଟି ଚାଲିଯାଏ । ଏହି ରୀତିରେ କେତେଯେ ବିଦ୍ୟା ସମାଜରୁ ହଜିଛି, ତା'ର ହିସାବ ନାହିଁ । ତେବେ ଏଇ ଧାରାଟି ହେଉଛି ଆଦିବାସୀଙ୍କ ଭିତରେ ପ୍ରଚଳିତ ଜଡ଼ିବୁଟି, ଚେରମୂଳି ଚିକିତ୍ସା ଧାରା, ଗାଁର ବଇଦ ବା ଦିଶାରୀ ମାନେ ଏହି ବିଦ୍ୟାରେ ପୁରୁଷାନୁକ୍ରମେ ପାରଦର୍ଶିତା ଅର୍ଜନ କରିଥାନ୍ତି । ଆଦିବାସୀଙ୍କର ଏଇ ଦିଶାରୀଙ୍କ ଭିତରେ କେହି କେହି ଏତେ କଥା ଜାଣିଥାନ୍ତି, ଏତେ ବୃକ୍ଷଲତାର ଗୁଣ ସେମାନଙ୍କୁ ଜଣା ଯେ ଶୁଣିଲେ ଆଶ୍ଚର୍ଯ୍ୟଲାଗେ ବୃକ୍ଷଲତା ଜଗତରୁ ଓ ମହୌଷଧି ସବୁ ମଣିଷଙ୍କ ପ୍ରତି ଇଶ୍ୱରଙ୍କ ଅବଦାନ କିନ୍ତୁ ବନଭୂମିର ଆକସ୍ମିକ କ୍ଷୟ ହେତୁ ମଣିଷର ଏଇ ଔଷଧୀୟ ବିଭବର ସର୍ବାଧିକ କ୍ଷତି ଘଟୁଛି । ଆୟୁର୍ବେଦ ଶାସ୍ତ୍ରରେ ବହୁ ଗୁଳ୍ମଲତା ଓ ସେଗୁଡ଼ିକର ଔଷଧୀୟ ଗୁଣ ଲିପିବଦ୍ଧ ହେଇଛି । ତେବେ ଆଦିବାସୀଙ୍କ ଦିଶାରୀଙ୍କଠାରେ ଯେଉଁ ଔଷଧୀୟ ଜ୍ଞାନଟି ଅଛି । ଯେଉଁ ଚିକିତ୍ସାଧାରଟି ସଂଜୀବିତ ଅଛି ତାହା ସଂପୂର୍ଣ୍ଣରୂପେ ବ୍ୟକ୍ତି କୈନ୍ଦ୍ରିକ ।



ଆଧୁନିକ ଚିକିତ୍ସା ପଦ୍ଧତିର ବ୍ୟାପକତା, ଉପାଦେୟତା ଦୃଷ୍ଟିରୁ ଆଶଙ୍କା ଜନ୍ମିବା ସ୍ୱାଭାବିକ ଯେ ଦିଶାରୀଙ୍କଠାରେ ଉପଲବ୍ଧ ଚିକିତ୍ସା ରୀତିଟି ଉପେକ୍ଷିତ ହୋଇ ସମୟକ୍ରମେ ଆମ ଅଜ୍ଞାତ ସାରରେ ସଂପୂର୍ଣ୍ଣ ବିଲୁପ୍ତ ହୋଇ ପଡ଼ିବ । ଏହା ଦ୍ୱାରା ଆମ ପ୍ରାଚୀନ ସମାଜର ଏକ କଲ୍ୟାଣକାରୀ ରୀତିରୁ ଆମ ଉଭୟ ପୁରୁଷେ ବଂଚିତ ହେବେ । ଏହା ଏପରି ଏକ ରୀତି ଯାହାକୁ ଭରସା କରି ମଣିଷ ହଜାର ହଜାର ବର୍ଷଧରି ବଂଚି ଆସିଛି । ଏବେ ଅବଶ୍ୟ ମଣିଷ ପାଖରେ ବହୁ ସୁଖ ସୁବିଧା ଉପଲବ୍ଧ ତିଥାପି ପୁରୁଣା ଭିତରେ ବି ମହାର୍ଘତା ଲୁଚି ରହିଥାଏ । ତାର ଅନୁସନ୍ଧାନ ଅବଶ୍ୟକ ନୁହେଁ କି ?

ଆୟୁର୍ବେଦ ଶାସ୍ତ୍ର ମାନଙ୍କରେ ବର୍ଣ୍ଣିତ ଅନେକ ଔଷଧିକୁ ଲକ୍ଷଣାନୁସାରେ ଚିହ୍ନି ସେଗୁଡ଼ିକର ସଂରକ୍ଷଣ ଓ ପ୍ରୟୋଗ ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଥିବା ଲକ୍ଷ୍ୟ କରାଯାଉଛି । ତେବେ ଯେଉଁ ବନସ୍ପତି ମାନଙ୍କ ସଂପର୍କରେ ଶାସ୍ତ୍ରରେ କିନ୍ତୁ ଉଲ୍ଲେଖ ନାହିଁ । କିମ୍ବା ଥିଲେ ହେଁ ଚିକିତ୍ସାରେ ତାର ଏକ ନିର୍ଦ୍ଦିଷ୍ଟ ପ୍ରୟୋଗ ବିଧାନର ଉଲ୍ଲେଖ ନାହିଁ । ସେପରି ସ୍ଥଳେ ଉକ୍ତ ବନସ୍ପତିମାନଙ୍କ ସଂରକ୍ଷଣ ପ୍ରତି ଦୃଷ୍ଟିଟି ଦେବା ହୁଏତ ସହଜ ବ୍ୟାପାର ନୁହେଁ । ବନସ୍ପତିଟି ଥାଇ ସୁଦ୍ଧା ତାର ପ୍ରୟୋଗ ବିଧାନ ହୁଏତ ଅଜ୍ଞାତ ହେଇ ପଡ଼ିଲାଣି ଏପରିସ୍ଥଳେ ଏହି ବନସ୍ପତିମାନେ ଅବହେଳିତ ହୋଇ ଲୋପ ପାଇଯିବା ସମ୍ଭାବନା ରହିଥାଏ । ଏପରିଭାବରେ ବୃକ୍ଷଲତା ସାଙ୍ଗକୁ କେତେଯେ ପ୍ରାଚୀନ ବିଜ୍ଞାନ ବିଭବ ଲୋପ ପାଇ ଯାଉଛି ତାର ଇୟତ୍ତା ନାହିଁ । ଅତ୍ୟାଧୁନିକ ଜୀବନ ଧାରାରେ ଯେଉଁମାନେ ଆହୁରି ଅଭ୍ୟସ୍ତ

ହୋଇଯାଆନ୍ତି ସେଇ ମଣିଷ ଗୋଷ୍ଠିଙ୍କ ଭିତରେ ଏବେ ବି ଏଇ ଜ୍ଞାନ ବଂଚି ରହିଛି । ବର୍ତ୍ତମାନ ସେହି ବ୍ୟକ୍ତି ବିଶେଙ୍କର ସନ୍ଧାନ କରି ସେମାନଙ୍କଠାରୁ ଉକ୍ତ ଜ୍ଞାନ କୌଶଳଟିର ସଂଗ୍ରହ କରିବା ଏକ ମହତ୍ତ୍ୱ ପୂର୍ଣ୍ଣ ଜାତୀୟ କାର୍ଯ୍ୟ । ଅବଶ୍ୟ ଜାତୀୟସ୍ତରରେ କେତେକ ସଂସ୍ଥା ବହୁ ପୂର୍ବରୁ ଏଇ ଦିଗରେ ପଦକ୍ଷେପ ନେବା ଆରମ୍ଭ କରି ସାରିଛନ୍ତି । କିନ୍ତୁ ଆମ ଅଞ୍ଚଳରେ ସେପରି ଆଖିଦୃଶିଆ କାମ ଏ ଦିଗରେ ହୋଇନାହିଁ ।

ବନଭୂମିର ବିପୁଳ ଅବକ୍ଷୟ ସତ୍ତ୍ୱେ ଏବେ ମଧ କିଛି ଅଞ୍ଚଳରେ ସ୍ୱଳ୍ପ ହେଉପଛେ ବନଭୂମି ଅବଶେଷ ରହିଛି । ଆଜି ବି ହିମାଳୟ ଆସୁମାରୀ ଗୁଳ୍ମଲତାର ଭଣ୍ଡାର । ବିନ୍ଧ୍ୟାଚଳ ସମେତ ଭାରତର ସମସ୍ତ ପାର୍ବତ୍ୟାଞ୍ଚଳରେ ଏବେ ବି ଜଡିବୁଟି ଭିର ରହିଛି । କିନ୍ତୁ ଏଗୁଡିକ ଆଉ ବନୈଷଧିର ଅକ୍ଷୟ ଭଣ୍ଡାର ହୋଇ ରହିନାହିଁ । ବହୁ ବିରଳ ଔଷଧି ସଂପୂର୍ଣ୍ଣ ଲୋପ ପାଇଛି । ଯେଉଁ ହାରରେ ଅବକ୍ଷୟ ଘଟି ଚାଲିଛି । ସେଇ ରୀତିରେ ଏଇ ପ୍ରକ୍ରିୟା ଚାଲିଲେ ଆଶଙ୍କା ହେଉଛି ଆଗାମୀ ୧୦ବର୍ଷ ଭିତରେ ସବୁ ଔଷଧି ଲୋପ ହୋଇଯିବ ।

ସୌଭାଗ୍ୟ ବଶତଃ ପ୍ରକୃତି ଏମିତି କରିଛି ଯେ ବହୁ ବନୈଷଧି ଗୁଡିକ ଋତୁକାଳୀନ ନିର୍ଦ୍ଦିଷ୍ଟ ଋତୁରେ ଜନ୍ମି ଫୁଲ ଫଳ ଧାରଣ କରି ମରିଯାଏ । ପୁଣି ଋତୁ ଆସିଲେ ଗଜା ବାହାରି ଗୁଳ୍ମ ଦେଖାଯାଏ ।

ଏହି କାରଣରୁ ଏଗୁଡିକ କାଳ କାଳ ବଂଚି ରହନ୍ତି । ବନାଗ୍ନି ବନଭୂମିକୁ ବେଳେ ବେଳେ ଦଗ୍ଧ କରିଦେଲେହେଁ । ଦଗ୍ଧାଭୂମିରେ ଗୁଳ୍ମ ଗୁଡିକର ପୁଣି ଗଜା ବାହାରେ । ବନ୍ୟଜନ୍ତୁ ଏଗୁଡିକୁ ବେଳେ ବେଳେ ଖାଇ ବିଛିନ୍ନ କରିଦିଅନ୍ତି । କିନ୍ତୁ ସମୟ ଆସିଲେ ପୁନରପି ଭୂଇଁରୁ ଗଜା ଉଙ୍କିମାରେ । ଗୁଳ୍ମ ପୁଣି ଦେଖାଦିଏ । ପ୍ରକୃତିର ଏଇ ସ୍ୱାଭାବିକ ପ୍ରକ୍ରିୟା ଏଗୁଣିକୁ କାଳ କାଳ ସାଇତି ରଖିଛି । ପ୍ରାଣୀ ଜଗତର ହିତସାଧନ ପାଇଁ ନିଘଞ୍ଚ ଜଙ୍ଗଲ ମାନଙ୍କରୁ ମୂଲ୍ୟବାନ ଦ୍ରୁମରାଜି ସରିଯାଇଥିଲେହେଁ ଗୁଳ୍ମାବଳି ତଥାପି ବଂଚିଛନ୍ତି । କିନ୍ତୁ ସଂପ୍ରତି ଏଗୁଡ଼ିକୁ ସଂପୂର୍ଣ୍ଣ ବିଛିନ୍ନ କରିଦେଇ ତହିଁର ଚାଷବାସ ରାସ୍ତା ଘାଟ କୋଠାବାଡ଼ି କରିବା ଦ୍ୱାରା, ପୁଣି ଜଙ୍ଗଲ ସୃଷ୍ଟି କରିବା ପାଇଁ ଗୁଣବିଶେଷରେ ବଡ଼ ବଡ଼ ବୃକ୍ଷକୁ ଉଡାରିବାକୁ ଯାଇ ତଳେ ଥିବା ଗୁଳ୍ମାଦିକୁ ବାରମ୍ବାର ଚିକଣ କରିଦେବା ଦ୍ୱାରା ଅଥବା ଭୂମିକୁ ନିର୍ମଳ କରି ଚାଷକରି ତହିଁରେ ବୃକ୍ଷରୋପଣର ଆୟୋଜନ କରିବା ଦ୍ୱାରା ବନୈଷଧି ବିୟୋଗ ହୋଇଯାଏ ।

ପୁଣି ଉଲ୍ଲେଖ କରା ଯାଇପାରେ କି ସବୁ ଅଞ୍ଚଳରେ ସବୁ ପ୍ରଜାତିର ଗୁଳ୍ମଲତା ହୁଏ ନାହିଁ । ଜଳବାୟୁ ଓ ଭୂମିର ପ୍ରକୃତିକୁ ନେଇ ନିର୍ଦ୍ଦିଷ୍ଟ ଜଡ଼ିବୁଟି ନିର୍ଦ୍ଦିଷ୍ଟ ପରିବେଶରେ ଜନ୍ମେ । ଅବଶ୍ୟ ଉପଯୁକ୍ତ ପରିବେଶ ସୃଷ୍ଟି କରି କେତେକ ଗୁଳ୍ମକୁ ବଂଚାଇ ଦିଆ ଯାଇ ପାରେ । କିନ୍ତୁ ଅନୁକୂଳ ପରିବେଶ ସୃଷ୍ଟି କରି ଉଦ୍ୟାନରେ ଅସଂଖ୍ୟ ପ୍ରଜାତିର ଗୁଳ୍ମ ଲତାକୁ ବଂଚେଇବା ସହଜକଥା ନୁହେଁ । ସବୁ ପ୍ରଜାତି ପାଇଁ ଗୋଟିଏ ପରିବେଶ ଅନୁକୂଳ ହେବ କିପରି ? ଏଭଳି କ୍ଷେତ୍ରରେ ଔଷଧର ପରିମାଣ ସୀମିତ ହୋଇଯିବ । ପ୍ରକୃତରେ ଅସୀମ ଭଣ୍ଡାରକୁ ଛାରଖାର କରି କୃତ୍ରିମ ବ୍ୟବସ୍ଥା ମଧରେ ସୀମିତ ବନୌଷଧି ସୃଷ୍ଟି ଦ୍ୱାରା ସୀମିତ ଲୋକ ଉପକୃତ ହୋଇ ପାରନ୍ତେ । ଆଉ ଗୋଟିଏ ବଡ଼କଥା ହେଲା । ମଣିଷ ଯେଉଁଠି ବଂଚେ ସେଇ ସ୍ଥାନର ବାତାବରଣହିଁ ତା'ପାଇଁ ଅନୁକୂଳ ହୋଇଥାଏ । ସ୍ଥାନୀୟ ଚେର ମୂଳିରେହିଁ ଆରୋଗ୍ୟତା ନିହିତ ଅଛି । ଏଇ ଧ୍ରୁବ ସତ୍ୟଟି ଉପରେ ମଣିଷ ବିଶ୍ୱାସ ହରାଇ ହଇରାଣ ହେଉଛି । ପରିବେଶରେ ଅସନ୍ତୁଳନ ଉପୁଯିବା ହେତୁ ଏଇ ପ୍ରାକୃତିକ ରୀତିଟି ମଧ ବ୍ୟାହତ ହୋଇ ପଡ଼ିଛି । ପୁଣି ଆଜିର ମଣିଷ ପାଇଁ ବଂଚିବାର ମୂଳ ନିର୍ଦ୍ଦିଷ୍ଟ ନୁହେଁ । ଗୋଟିଏ ସ୍ଥାନରେ ଜନ୍ମିତ ମଣିଷ ଅନ୍ୟ ଏକ ସ୍ଥାନରେ ବହୁକାଳ କଟାଇ ପୁଣି ସ୍ଥାନାନ୍ତର ହେଉଛି । ଏପରି ସ୍ଥଳେ ତା'ର ସ୍ୱାଭାବିକ ସ୍ୱାସ୍ଥ୍ୟ ବ୍ୟାହତ ହେବା ସ୍ୱାଭାବିକ ।

ଆମ ଓଡିଶାରେ ବିଭିନ୍ନ ଅଞ୍ଚଳରେ ଗୁଳ୍ମାଦି ସଂକୁଳ ପାହାଡ଼ମାନ ରହିଛି । ଯଦିଚ ବଡ଼ ବଡ଼ ବୃକ୍ଷରାଜି ସେଠାରୁ ନିଚିହ୍ନ ହୋଇ ଯାଇଛନ୍ତି । ଏବେ ବୃକ୍ଷରୋପଣ, ବନୀକରଣ ନାଆଁରେ ଏଇ ଗୁଳ୍ମାଞ୍ଚଳକୁ ଚିକ୍କଣ କରିଦେଇ ସେଥିରେ ବଡ଼ ବଡ଼ ବୃକ୍ଷମାନଙ୍କର ଚାରାରୋପଣ କରିବାକୁ ଉଦ୍ୟମ କରାଯାଉଛି । ଏପରି ପ୍ରକ୍ରିୟାମଧ ଆତ୍ମଘାତୀ ବିବେଚିତ ହେବ । କୋରାପୁଟ ଭଳି ପାହାଡ଼ପର୍ବତ ପରିପୂର୍ଣ୍ଣ ବନଭୂମି ସମାକୀର୍ଣ୍ଣ ଅଞ୍ଚଳେରେ ବନୌଷଧିର ପ୍ରାଚୁର୍ଯ୍ୟ ଏ ଅଞ୍ଚଳର ଆଦିବାସୀ ଜୀବନରେ ପ୍ରାଣପ୍ରାଚୁର୍ଯ୍ୟ ଭରିଦେଉଥିଲା । ଏବେ ବନଭୂମି ଖଣ୍ଡିତ, ବିଲୁପ୍ତପ୍ରାୟ ହେଲେ ହେଁ ଏହି ଅଞ୍ଚଳରେ ପାହାଡ଼ଗୁଡିକ ଏବଂ ନାଁ କୁ ଥିବା ବନଭୂମି ଅଞ୍ଚଳ ନାନା ବନୌଷଧିରେ ଆଜି କି ପରିପୂର୍ଣ୍ଣ । ବର୍ଷା ଋତୁରେ ପ୍ରାରମ୍ଭରେ ଏଇଠି ଗୁଳ୍ମମାନ କଅଁଳି ପାହାଡ଼ ପର୍ବତକୁ ସବୁଜିମାରେ ଭରିଦିଏ । କୋରାପୁଟ ଠାରୁ ରାୟଗଡ଼ା ଯାଏଁ ଲମ୍ୱିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଯେଉଁ ପାହାଡ଼ମାନ ରହିଛି । ଆନ୍ଧ୍ର ଓ ଓଡ଼ିଶାର ସୀମାବର୍ତ୍ତୀ କୋଟିଆ ଅଞ୍ଚଳରେ ପାହାଡ଼ ସବୁ ଏପରିକୁ ଜୟପୁର ଘାଟି ଓ ସୁଙ୍କିଘାଟି, ସଲୁର ଘାଟିର ପାହାଡ଼ ପର୍ବତାଞ୍ଚଳ, ବାଲିମେଳା ଓ ଚିତ୍ରକୋଣ୍ଡା ଅଞ୍ଚଳ, ବାଲିମେଳାକୁ ଯାଇଥିବା ରାସ୍ତାର ଉଭୟ କଡ଼ରେ ଜୟପୁର ଠାରୁ ଗୋବିନ୍ଦ ପାଲ୍ଲୀ ଯାଏଁ ଲମ୍ୱିଥିବା ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ବିଖଣ୍ଡିତ ଅରଣ୍ୟଭୂମିରେ ଏବେ ବି ଭରି ରହିଛି ଅସଂଖ୍ୟ ଗୁଳ୍ମଲତା । ଏ ଅଞ୍ଚଳର ଆଦିବାସୀଙ୍କ ଭିତରେ ବୈଦ୍ୟ ଅଛନ୍ତି ଯେଉଁମାନେ ଏଗୁଡ଼ିକୁ ଚିହ୍ନଟ ଏବଂ ନାନା

ବ୍ୟାଧିରେ ସେଗୁଡ଼ିକର ପ୍ରୟୋଗ କରନ୍ତି । କୋଟିଆ ଯିବା ରାସ୍ତାରେ ବାମ ବାର୍ଶ୍ୱସ୍ଥ ପାହାଡ଼ରେ ସାଧାରଣ ଲୋକଙ୍କ ଦୃଷ୍ଟିରେ ପଡ଼ିଯାଏ ଶତାବରୀ ସୁଗନ୍ଧି, ଜୟପୁର ଘାଟି ସେହିପରି ଅସଂଖ୍ୟ ଗୁଳ୍ମର ଭଣ୍ଡାର । କିନ୍ତୁ ସେଗୁଡ଼ିକ ସଂରକ୍ଷଣ ଅଭାବରୁ କ୍ରମଶଃ ବିଲୟ ହେବାକୁ ଯାଉଛି ।

ସଂପ୍ରତି ସରକାରୀ ସ୍ତରରେ ଔଷଧିବୃକ୍ଷ (Herbal Plants) ରୋପଣ ଉପରେ ଗୁରୁତ୍ୱ ଦିଆଯାଉଛି । କିନ୍ତୁ କିଛି ପରିଚିତ ଔଷଧିୟ ବୃକ୍ଷର ତାଲିକାର ଅନ୍ତର୍ଭୁକ୍ତ ଏଇ ସବୁ ନୂଆ ରୋପିତ ହେଉଥିବା ବୃକ୍ଷ । ଏହା ଅବଶ୍ୟ କରଣୀୟ କିନ୍ତୁ ଥିବା ଔଷଧୀୟ ଗୁଳ୍ମ ମାନଙ୍କର ବିନିମୟରେ କଦାପି ନୁହେଁ । ଏତେଏବ ଯାହାସବୁ ଗୁଳ୍ମ ଅଛି ବିଭିନ୍ନ ସ୍ଥାନରେ ସେଗୁଡିକର ପ୍ରଥମେ ଚିହ୍ନଟ କରି ପଞ୍ଜୀକରଣ (Documented) କରାଯାଉ । ଆଦିବାସୀ ଅଞ୍ଚଳର ଜଡ଼ିବୁଟିରେ ଓସ୍ତାଦ ଆଦିବାସୀ ବୈଦ ଓ ଦିଶାରୀମାନଙ୍କୁ ଏକାଠି କରି ସେମାନଙ୍କ ଠାରୁ ଉପଲବ୍ଧ ଜ୍ଞାନକୁ ସଂଗ୍ରହ କରିବାର ଉଦ୍ୟମ କରାଯାଉ । ସେମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେଲେ ବହୁ ଗୁପ୍ତ ଜ୍ଞାନ ଲୋକଲୋଚନକୁ ଆସିବାର ସମ୍ଭାବନା ରହିଛି ।

ଏବେ ନାନା ଅଞ୍ଚଳରେ ଭରିରହିଥିବା ଗୁଳ୍ମ ଗୁଡ଼ିକର ସୁରକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ଏକ ବା ଅକାଧିକ ବିଶେଷଜ୍ଞ ଦଳଗଣ୍ଠି ରାଜ୍ୟର ବିଭିନ୍ନ ବନାଂଚଳ ତଥା ପାହାଡ଼ରେ ଉପଲବ୍ଧ ଗୁଳ୍ମଲତାର ସନ୍ଧାନପାଇଁ ସର୍ବେକ୍ଷଣ କରା ଯାଇପାରେ । କେଉଁ ଗୁଡ଼ିକର ସଂରକ୍ଷଣ ଆବଶ୍ୟକ । ତାହା ନିର୍ଣ୍ଣୟ କରିସାରିଲାପରେ ଅନାବଶ୍ୟକ ଅନାବାଦୀ ଜମିରେ ବୃକ୍ଷରୋପଣ ବା ଔଷଧି ବୃକ୍ଷଲତା ରୋପଣ ପାଇଁ ପଦକ୍ଷେପ ନିଆଯାଇ ପାରେ । ଗୁଳ୍ମଲତା ଗୁଡ଼ିକର ଚିହ୍ନଟ ଏବଂ ଔଷଧିଗୁଣ ସେଗୁଡିକର ପ୍ରୟୋଗ ଜାଣିବା ପାଇଁ ଆଦିବାସୀ ବୈଦ୍ୟ ତଥା ଚିକିତ୍ସକ ମାନଙ୍କର ସହାୟତା ନିଆଯାଇ ପାରେ । ଯେଉଁ ବୟସ୍କ ବୈଦ୍ୟ ମାନେ ଅଛନ୍ତି ସେମାନଙ୍କ ଅନ୍ତେ ପଞ୍ଜୀକୃତ, ଲିପିବଦ୍ଧ ହୋଇ କରେଇବା ଏଇ ଔଷଧିଜ୍ଞାନ ଲୋପ ହୋଇଯିବ । ତେଣୁ ବେଳେହୁଁ ପଦକ୍ଷେପ ଜରୁରୀ ମନେହୁଏ । ଏଥିପାଇଁ ଆଦିବାସୀ ବୈଦମାନଙ୍କର କର୍ମଶାଳାମାନ ଆୟୋଜନ କରାଯାଇପାରେ । ନୂଆ ଔଷଧିଉଦ୍ୟାନ କଳ୍ପନା କରିବା ପୂର୍ବରୁ ବର୍ତ୍ତମାନ ଉପଲବ୍ଧ ଔଷଧି ପରିପୂର୍ଣ୍ଣ ପ୍ରାକୃତିକ ବନଭୂମିର ଗୁଳ୍ମମାନଙ୍କୁ ସଂରକ୍ଷଣ କରାଯିବା ଅତ୍ୟନ୍ତ ଜରୁରୀ । ନଚେତ୍ ଆଗାମୀ କିଛି ବର୍ଷ ମଧ୍ୟରେ ସବୁ ପାହାଡ଼ ଟାଙ୍ଗରା ହୋଇଯିବ । ବନୌଷଧି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବ । ବନଔଷଧିୟ ଗୁଣ ଥିବା ଅତି ପରିଚିତ କିନ୍ତୁ ଗୁଳ୍ମ ମାତ୍ର ମଣିଷକୃତ କୃତ୍ରିମ ଔଷଧି ଉପଦ୍ୟାନର ଶୋଭା ମଣ୍ଡନ କରିଥିବେ ।

***ଉମାକାନ୍ତ ଦାଶ***
କୋରାପୁଟ

# ହଜିଯିବା ପୂର୍ବରୁ



ପୁରୁଣାକୁ ଫେରିଯିବା ବର୍ତ୍ତମାନ ଏକ ଫେସନ୍ ହେଲାଣି । ତାକୁ କେତେ ଆନ୍ତରିକତା ଓ ସମ୍ମାନର ସହିତ ଆମେ ଗ୍ରହଣ କରୁଛୁ ତାହା ତ ଭିନ୍ନ ବିଷୟ, ମାତ୍ର ଏହାର କାରଣ ଖୋଜିବାକୁ ଗଲେ ଜଣାଯାଏ ଆଧୁନିକତା ବା ଯାହାକୁ ବିଜ୍ଞାନ କହି ଆମେ ରକ୍ଷା ପାଇଯାଉ ତାହା ଦୀର୍ଘସ୍ଥାୟୀ ବିକାଶର ସୂତ୍ର ଦେବାରେ ଅକ୍ଷମ ହୋଇଛି । ଯେହେତୁ ସେହି ନାଁ'ରେ ପ୍ରକୃତିର ଚିରାଚରିତ ଧାରାରେ ଏତେ ମାତ୍ରାରେ ମଣିଷର ହସ୍ତକ୍ଷେପ ହେଉଛି ଯାହା ଭୟାନକ ଅସନ୍ତୁଳିତ ସୃଷ୍ଟି କରୁଛି । ରିଙ୍ଗମାଷ୍ଟର ନିର୍ଦ୍ଦେଶରେ ଚାଲିବାପାଇଁ ପ୍ରକୃତି ବାଧ୍ୟ ନୁହେଁ, ଏହାର ଫଳାଫଳ ବ୍ୟାପକ ଭାବରେ ଦେଖା ଦେଲାଣି । ତେଣୁ ପୁରୁଣାକୁ ଫେରିଯିବା ଛଡ଼ା ବିକଳ୍ପ ହିଁ ନାହିଁ । ବିନାଶର ନୂଆଁ ଦୌଡରେ ପୁରାତନ ପରମ୍ପରା ଓ ଜ୍ଞାନକୁ ଆମେ ହତାଦର କରି ଯେଉଁଭଳି ଭାବରେ ନଷ୍ଟ କରିବାର ସମସ୍ତ ପ୍ରକାର ସାଧନ ଅବଲମ୍ବନ କରିଆସିଛୁ ବର୍ତ୍ତମାନ ତାକୁ ପୁଣି ପୂନଃ ଫେରିପାଇବାର ପ୍ରଚେଷ୍ଟା ଅଧିକ କଷ୍ଟସାଧ୍ୟ ହୋଇ ପଡ଼ିଛି । ଆମର ଉପେକ୍ଷା ଓ ଅବହେଳା ଅଧିକ ବିପର୍ଯ୍ୟୟ ଆଣିବା ପୂର୍ବରୁ ସଜାଗ ହେବା ନିତାନ୍ତ ଜରୁରୀ ।

ପୁରାତନ ଶୈଳୀକୁ ଧରି ରଖିଥିବା ଆଦିମ ଅଧିବାସୀ ସହରୀ ସଭ୍ୟତାରୁ ଦୂରରେ ଆପଣାର ଅନନ୍ୟ ଜୀବନଧାରା, ସଂସ୍କୃତି, ପରମ୍ପରାକୁ ବଜାୟୀ ରଖିବାର ଚେଷ୍ଟା କରି ଆସିଛନ୍ତି । ଅନ୍ୟକୁ ଅନୁକରଣ କରିବା ଅପେକ୍ଷା ନିଜର ମୌଳିକତାରେ ସେମାନେ ଅଧିକ ବିଶ୍ୱାସ ରଖିଥାନ୍ତି । ଯାହା ସେମାନଙ୍କର ସ୍ୱାସ୍ଥ୍ୟ, କୃଷି, ବନଜାତ ଦ୍ରବ୍ୟ ସଂଗ୍ରହ ଓ ତାକୁ ସାଇତି ରଖିବାର ପ୍ରକ୍ରିୟା ତଥା ପ୍ରାକୃତିକ ସଂପଦର ସୁରକ୍ଷା ଇତ୍ୟାଦି କ୍ଷେତ୍ରରେ ଉପଯୋଗ କରିଆସିଛନ୍ତି । ପ୍ରଦୂଷଣରୁ ଦୂରରେ ପ୍ରକୃତିର ନିର୍ମଳ ପରିବେଶ ସେମାନଙ୍କୁ ସୁସ୍ଥ ଜୀବନ ବଞ୍ଚିବାରେ ସହାୟ ହୋଇଛି । ଯଦିବା ରୋଗ ବ୍ୟାଧିର ଶୀକାର କେବେ ସେମାନେ ହୋଇଥାନ୍ତି ତେବେ ସେଥିପାଇଁ ପ୍ରାକୃତିକ ପଦ୍ଧତିରେ ପ୍ରକୃତି ପ୍ରଦତ୍ତ ଔଷଧୀୟ ଗୁଣଯୁକ୍ତ ବୃକ୍ଷଲତାର ଉପଯୋଗ କରିଥାନ୍ତି, ଯାହା ସେମାନଙ୍କୁ ସାଧାରଣ ଅସୁସ୍ଥତାରୁ ଆରମ୍ଭ କରି ଗୁରୁତର ବ୍ୟାଧିରୁ ଉପସମ କରାଇଥାଏ । ସେମାନଙ୍କ ଚିକିତ୍ସା ପଦ୍ଧତି ପାରମ୍ପରିକ ଜ୍ଞାନକୁ ଭିତ୍ତିକରି ବିଜ୍ଞାନ ସମ୍ମତ ଓ ଉପଯୋଗୀ । ଆମର ଆଧୁନିକ ବିଜ୍ଞାନ ଠାରୁ ସେମାନେ କିଛି ଶିଖି ନାହାଁନ୍ତି ମାତ୍ର ସେମାନଙ୍କ ମୂଲ୍ୟବାନ ଔଷଧୀୟଜ୍ଞାନ ଆଜିର ମଣିଷକୁ ଚମତ୍କୃତ କରୁଛି ଓ ଯାହା ଶିକ୍ଷଣୀୟ ମଧ୍ୟ । ସୂକ୍ଷ୍ମ ଭାବରେ ଆନୁଧ୍ୟାନ କଲେ ଜଣାଯାଏ ଯେ ସେମାନଙ୍କ ଦ୍ୱାରା ପ୍ରଚଳିତ ପ୍ରାଚୀନ ପଦ୍ଧତିର ଜ୍ଞାନ କୌଶଳ ଆଜିର ଜ୍ଞାନ କୌଶଳ ସହିତ ସମାନ ବରଂ କେତେକ କ୍ଷେତ୍ରରେ ଉଚ୍ଚକୋଟୀର ଓ ଗ୍ରହଣଯୋଗ୍ୟ ।

ମାତ୍ର ପରିତାପର ବିଷୟ ଆଧୁନିକତା ନାଁ'ରେ ବର୍ତ୍ତମାନର ବିନାଶକାରୀ ପ୍ରକ୍ରିୟାର ଶୀକାର ସେମାନେ ହୋଇ ଚାଲିଛନ୍ତି । ସେମାନଙ୍କ ନିଜସ୍ୱ

ବାସସ୍ଥଳୀ, ପ୍ରାକୃତିକ ସଂପଦରୁ ସେମାନଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ନୂତନ ଧାରାରେ ନିଜକୁ ଖାପ ଖୁଆଇ ଚଳିବା ଯେହେତୁ ସେମାନଙ୍କ ପାଇଁ ସମ୍ଭବ ହୋଇପାରୁ ନାହିଁ ତେଣୁ ସେମାନଙ୍କ ସହିତ ସେମାନଙ୍କ ଜ୍ଞାନ ନଷ୍ଟ ଅଥବା ବିଲୁପ୍ତ ହୋଇ ଯାଉଛି। ସେମାନଙ୍କ ସେହି ଜ୍ଞାନକୁ ସାଇତି ରଖା ନଗଲେ ମାନବ ସମାଜ ବହୁମୂଲ୍ୟ ସଂପଦରୁ ବଞ୍ଚିତ ହୋଇ ରହିଯିବ।

ବନ୍ୟଜନ୍ତୁଙ୍କ ସହ ଏକାଠି ରହି ସେମାନଙ୍କୁ ସୂକ୍ଷ୍ମଭାବରେ ଅନୁଧ୍ୟାନ କରି ବନବାସୀ ସମୁଦାୟ ଅନେକ ଔଷଧର ସନ୍ଧାନ ସେମାନଙ୍କଠାରୁ ପାଇଛନ୍ତି ଓ ତାହାର ବ୍ୟବହାର କରି ଉପଯୋଗୀତାକୁ ଉପଲବ୍ଧି କରିଛନ୍ତି। ଯାହା ସେମାନଙ୍କ ପାରମ୍ପରିକ ଜ୍ଞାନ ଭାବରେ ରହିଆସିଛି। ଆଜିର ମଣିଷ ପକ୍ଷରେ ସେଭଳି ଅନୁଧ୍ୟାନ କରିବା ସମ୍ଭବ ନୁହେଁ ମାତ୍ର ଏହାର ମହତ୍ତ୍ୱକୁ ବୁଝି ସେହି ଜ୍ଞାନକୁ ସାଇତି ରଖିପାରିଲେ ଆଗାମୀ ପିଢ଼ି ପାଇଁ ଉପଯୋଗୀ ହେବ।

ଛୋଟ ଉଦାହରଣ କେତୋଟି କେଉଁଝର ଜିଲ୍ଲାର ଆଦିମ ଅଧିବାସୀ ଜୁଆଙ୍ଗ ମାନଙ୍କ ପାରମ୍ପରିକ ଚଳଣୀ ଓ ସେମାନଙ୍କ ଉପରେ ଲଦି ଦିଆଯାଉଥିବା ଆଧୁନିକତାର ବୋଝ ତଥା ସେମାନଙ୍କ ଔଷଧୀୟ ଜ୍ଞାନ ଓ ଉପଚାର ପଦ୍ଧତିକୁ ଅଧିକ ସ୍ପଷ୍ଟ କରିବ। ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଦୁଇଜଣଙ୍କ ସମ୍ମୁଖରେ ଘଟି ଯାଇଥିବା କେତୋଟି ଘଟଣାକୁ ଏଠାରେ ଉଲ୍ଲେଖ କରାଯାଇଛି। ଏହାର ଆନୁମାନିକ ସମୟ ୧୯୮୫ ରୁ ୧୯୮୮ ମସିହା ମଧ୍ୟରେ ହେବ।

ଖଣି ପ୍ରକଳ୍ପ ଦ୍ୱାରା କେଉଁଝରର ବର୍ତ୍ତମାନ ଯେଉଁ ସ୍ଥିତି ହେଲାଣି ୧୯୮୫-୮୮ ମସିହା ବେଳକୁ ସେତିକି ବିପର୍ଯ୍ୟସ୍ତ ହୁଏତ ହୋଇନଥିଲା। ଜୁଆଙ୍ଗ ଆଦିବାସୀ ଯେଉଁମାନେ ସରକାରୀ ରେକର୍ଡ଼ରେ ଆଦିମ ଅଧିବାସୀର ତାଲିକାଭୁକ୍ତ ସେମାନେ ମୁଖ୍ୟତଃ ଗୋନାସିକା, ବାଂଶପାଳ, ତେଲକୋଇ, ପାଲଲହଡ଼ା ଅଞ୍ଚଳରେ ବସବାସ କରି ଆସୁଛନ୍ତି। ଏଠାରେ ଉଲ୍ଲେଖ କରାଯାଇଥିବା ଘଟଣାଗୁଡ଼ିକ ଗୋନାସିକା ଅଞ୍ଚଳର। ସ୍ୱାଧିନତା ପରବର୍ତ୍ତୀ ସମୟରେ ସରକାରଙ୍କର ଆଦିବାସୀ କଲ୍ୟାଣ ତଥା ସେମାନଙ୍କ ଉନ୍ନତି ନିମନ୍ତେ ଜୁଆଙ୍ଗ ଉନ୍ନୟନ କର୍ତ୍ତୃପକ୍ଷ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରିବାର ଲକ୍ଷ୍ୟ ନେଇ ଆଗକୁ ଆହୁରି କିଛି କରିବାର ଯୋଜନା ମଧ୍ୟ ରହିଛି। ମାତ୍ର ସେମାନଙ୍କ ଆବଶ୍ୟକତା କ'ଣ ତାହା ଅନୁଧ୍ୟାନ କରାଯାଉଛି କି? ମୁଖ୍ୟଧାରାରେ ସାମିଲ କରିବାର ଉଦାରତା ଦେଖାଇ ସେମାନଙ୍କ ପରିସରରେ ଅନଧିକାର ପ୍ରବେଶ କରାଯାଉ ନାହିଁ ତ ? ସେମାନଙ୍କ ପାଇଁ ହେଉଥିବା ଯୋଜନାରେ ସେମାନଙ୍କର ମତାମତକୁ କେତେ ଗୁରୁତ୍ୱ ଦିଆଯାଉଛି ? ଯୋଜନା ପ୍ରସ୍ତୁତ କରିବା ସମୟରେ ଏହି ସବୁ ପ୍ରଶ୍ନ ଅଧିକ ମହତ୍ତ୍ୱ ରଖିଥାଏ, ହେଲେ ସରକାରୀ ଯୋଜନା ସେମାନଙ୍କ ଆବଶ୍ୟକତାର କେତେଦୂର ପରିପୂରକ ହୋଇପାରୁଛି, ନା ସହାୟତା ସୋମନଙ୍କ ପାଇଁ ବୋଝ ହେଉଛି ତାହାର ଗୋଟିଏ ଦୃଷ୍ଟାନ୍ତ ଏଠାରେ ଦିଆଯାଇଛି।

ଜୁଆଙ୍ଗ ଉନ୍ନୟନ କର୍ତ୍ତୃପକ୍ଷ ତରଫରୁ କେଉଁଝର ଜିଲ୍ଲାର ଗୋନାସିକା ଅଞ୍ଚଳରେ ଆଦିବାସୀମାନଙ୍କୁ ଆଧୁନିକ କୃଷି ପ୍ରଣାଳୀ ସହିତ ସାମିଲ କରି ଚାଷରେ ଉନ୍ନତି ଆଣିବାର ଯୋଜନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଟ୍ରାକ୍ଟର ଦ୍ୱାରା ଜମି ସମତଳ କରିବା ପାଇଁ ଗାଁ ଗୁଡ଼ିକରେ ଟ୍ରାକ୍ଟର ଦେବାର ବ୍ୟବସ୍ଥା ହୋଇଥିଲା,ମାତ୍ର ସରଳ ଆଦିବାସୀ ସରକାରଙ୍କର ଏହି ଉଦାରତାକୁ ବିଶ୍ୱାସରେ ନେଇପାରି ନଥିଲେ । ପାରମ୍ପରିକ ଭାବରେ ପାହାଡ଼ରେ ତଥା ସାମାନ୍ୟ ସମତଳ ଭୂମିରେ ଛୋଟ ଛୋଟ ଚାଷ ଜମିରେ ସେମାନେ ଚାଷ କରିବାରେ ଅଭ୍ୟସ୍ତ ଥିଲେ, ଯେଉଁଠି ଟ୍ରାକ୍ଟରର ଆବଶ୍ୟକତା ସେମାନଙ୍କ ପାଇଁ ନଥିଲା।

ଏଭଳି ସ୍ଥଳରେ ଅଯାଚିତ ଭାବରେ ଟ୍ରାକ୍ଟର ବଣ୍ଟନକୁ ସେମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ। ଯୋଜନାକୁ ସେହି ଅଞ୍ଚଳରେ କାର୍ଯ୍ୟକାରୀ କରୁଥିବା ଅଧିକାରୀଙ୍କ ପାଇଁ ଏହା ସମସ୍ୟାରେ ପରିଣତ ହେଲ। ଗାଁ ଲୋକଙ୍କୁ ବୁଝାଇ ରାଜି କରାଇବା ପାଇଁ ଗାଁ'ର ଜଣେ ଶିକ୍ଷିତ ଯୁବକର ସାହାଯ୍ୟ ଲୋଡ଼ିଲେ। ଆବଶ୍ୟକତା ବିହୀନ ଏଭଳି ସହାୟତା ସେ ଯୁବକଙ୍କ ପାଇଁ ମଧ୍ୟ ଅବୁଝା ରହିଗଲା ତେଣୁ ଗାଁ ଲୋକଙ୍କୁ ରାଜି କରାଇବା ତାଙ୍କ ପକ୍ଷରେ ସମ୍ଭବ ହେଲାନାହିଁ।

ଟ୍ରାକ୍ଟର ନେବାପାଇଁ ଜୁଆଙ୍ଗ ମାନଙ୍କୁ ପୋଲିସର ଭୟ ଦେଖାଗଲା। ଅବଶେଷରେ ଗାଁ'ରେ ଟ୍ରାକ୍ଟର ଦେବାପାଇଁ ସ୍ଥିର କରି ଅଧିକାରୀ ଜଣକ ଗ୍ରାମବାସୀଙ୍କୁ ସୂଚୀତ କଲେ। ମାତ୍ର ନିର୍ଦ୍ଦିଷ୍ଟ ଦିନ ଗାଁ'ରେ ପହଞ୍ଚିବା ସମୟରେ ଗାଁ'ଟି ପୁରୁଷ ଶୂନ୍ୟ ହୋଇଯାଇଥିଲା। ସ୍ୱାକ୍ଷର କରି ଟ୍ରାକ୍ଟରର ଅଧିକାରୀ ହେବା ଭୟରେ ସମସ୍ତ ପୁରୁଷ ଲୋକମାନେ ଭୋରରୁ ଜଙ୍ଗଲକୁ ଚାଲିଯାଇଥିଲେ, ଆଦିବାସୀ ମହିଳାମାନେ ଭୟାଳୁ ଦୃଷ୍ଟିରେ ସରକାରୀ ଅଧିକାରୀଙ୍କୁ ଚାହିଁ ରହିଥାନ୍ତି। ସେମାନଙ୍କ ନିକଟରୁ କୌଣସି ସମ୍ଭାବନା ନ ଦେଖି ସେ ଫେରି ଆସିଥିଲେ।

ଶୁଧାଂସୁ ଶେଖର ଶତପଥି, ଯାହାଙ୍କ ନିକଟରୁ ତଥ୍ୟ ସଂଗ୍ରହ କରାଯାଇଛି ସେ ସେହି ଅଞ୍ଚଳରେ ବହୁ ଦିନ ଧରି ବୁଲିଛନ୍ତି, ଜୁଆଙ୍ଗମାନଙ୍କୁ ନିକଟରୁ ଅନୁଧ୍ୟାନ କରିଛନ୍ତି। ସେ କୁହନ୍ତି " ଆଦିବାସୀମାନଙ୍କୁ ନିଜସ୍ୱ

ପରିବେଶରେ ସେମାନଙ୍କ ବଞ୍ଚିବାର ଶୈଳୀକୁ ବ୍ୟାଘାତ ନକରିବା ହିଁ ତାଙ୍କ ପାଇଁ ବଡ଼ ସହାୟତା ହେବ"।

ସେମାନେ କ'ଣ ଚାହୁଁଛନ୍ତି ତାହା ସେମାନଙ୍କ ଠାରୁ ଆସିଲେ ଓ ସେମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଗଲେ ହୁଏତ ବିକାଶର ଦିଗ ଭିନ୍ନ ହୁଅନ୍ତା। ମାତ୍ର ସରକାରୀ ଯୋଜନା ଏହାକୁ ଗୁରୁତ୍ୱ ଦିଏ ନାହିଁ। ସେମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଅଣୁ ଯୋଜନାରେ ଆଦିବାସୀ ସଭ୍ୟ ହୁଏତ ଖାତା କଲମରେ ଉପସ୍ଥିତ ଥାଆନ୍ତି ମାତ୍ର ବାସ୍ତବରେ ନିଷ୍ପତ୍ତି ଗ୍ରହଣ କରାଯାଏ ଅମଲାତାନ୍ତ୍ରୀକ ଅଧିକାରୀ ଦ୍ୱାରା। ଯେଉଁମାନଙ୍କୁ ଆଦିବାସୀ ଚଳଣୀ ଓ ପରମ୍ପରା ଉପରେ ସାମାନ୍ୟତମ ଧାରଣା ନଥାଏ।

ଯେମିତି ଭୂଇଁଆ ଉନ୍ନୟନ କର୍ତ୍ତୃପକ୍ଷ ତରଫରୁ ଅନୁଗୁଳ ଜିଲ୍ଲା ପାଲଲହଡ଼ା ସବ୍‌ଡିଭିଜନର ଯମରଡିହ ଗ୍ରାମରେ ଘୁଷୁରି ବାଣ୍ଟିବାର ଏକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଭୂଇଁଆ ଆଦିବାସୀମାନଙ୍କୁ ଘୁଷୁରି ଦିଆଯିବା ପରେ ସେମାନେ ଜଙ୍ଗଲ ବାର୍ହା ଭାବି ତାକୁ କିଛି ଦିନ ଘରେ ରଖିଥିଲେ ମାତ୍ର ପରେ ଘୁଷୁରି ବୋଲି ଜାଣିବା ପରେ ତାକୁ ଜଙ୍ଗଲକୁ ଛାଡ଼ିଦେଲେ କାରଣ ସେମାନଙ୍କ ଆଦିବାସୀ ଚଳଣୀରେ ଘୁଷୁରି ପାଳୁଥିବା ପରିବାରକୁ ନିଆଁପାଣି ବନ୍ଦ ବା ଏକଘରକିଆ କରିଦେବାର ପ୍ରଥା ରହିଛି। ସରକାରଙ୍କ ଏହି ଯୋଜନା ସେମାନଙ୍କ ପାଇଁ କେତେଦୂର ଉପଯୋଗୀ ହେଲା ତାର ଖବର ଆଉ କେହି ରଖିନାହାଁନ୍ତି।

ଅନ୍ୟ ପକ୍ଷରେ ସେମାନେ ଯେଉଁ ପରିବେଶରେ ରହିଆସିଛନ୍ତି ସେହି ପ୍ରାକୃତିକ ସଂପଦର ଦୀର୍ଘସ୍ଥାୟୀ ସୁରକ୍ଷା ଓ ସେଥିରୁ ଆବଶ୍ୟକତା ମେଣ୍ଟାଇବାର କୌଶଳ ସେମାନଙ୍କୁ ଭଲ ଭାବରେ ଜଣା। ସେଥି ମଧ୍ୟରେ ସେମାନେ ସମୃଦ୍ଧ କରିଥିବା ପାରମ୍ପରିକ ଜ୍ଞାନକୁ ମଧ୍ୟ ବଂଶାନୁକ୍ରମେ ସାଇତି ରଖିବାର ଚେଷ୍ଟା କରିଆସିଛନ୍ତି।

ସରକାରୀ ସ୍ୱାସ୍ଥ୍ୟ ସେବାରୁ ଅନେକ ଦୂରରେ ସେମାନେ କିଭଳି ସ୍ୱାସ୍ଥ୍ୟର ଯତ୍ନ ନେଇଥାଆନ୍ତି ଚିନ୍ତା କରିହୁଏ ନାହିଁ। ବଣ ପାହାଡ଼ର ଦୁର୍ଗମ ଅଞ୍ଚଳରେ ସେମାନଙ୍କର ଜୀବନଶୈଳୀ ଅଧିକ କଠିନ। ସେଥିରେ ଶାରୀରିକ ଅସୁସ୍ଥତା ନିଶ୍ଚିତ ଭାବରେ ବିରାଟ ସମସ୍ୟା ସୃଷ୍ଟି କରୁଥିବ। ମାତ୍ର ଅତ୍ୟନ୍ତ ସରଳ ଭାବରେ ନିଜସ୍ୱ ଜ୍ଞାନ ଓ ଅନୁଭୂତି ସେମାନଙ୍କ ବଞ୍ଚିବାକୁ ସହଜ କରିଥାଏ।

ଗୋନାଶିକା ନିକଟବର୍ତ୍ତୀ ଅଞ୍ଚଳର ଜୁଆଙ୍ଗ ଆଦିବାସୀଙ୍କ ବିଷୟ ଏଠାରେ ଉଲ୍ଲେଖ କରାଯାଇଛି। ଅଭ୍ୟାସ କୁହାଯାଉ ବା ଆବଶ୍ୟକତା ଆଦିବାସୀମାନେ କଠିନ ପରିଶ୍ରମୀ। ଆଦିବାସୀ ମହିଳାମାନେ ମଧ୍ୟ



ସେଥିରୁ ବାଦ ଯାଇ ନଥାନ୍ତି। ଶିଶୁ ଜନ୍ମ କରିବାର ଶେଷ ସମୟ ପର୍ଯ୍ୟନ୍ତ ତାର ନିତିଦିନିଆ କାର୍ଯ୍ୟରେ ସେ ବ୍ୟସ୍ତ ରହିଥାଏ। ଜଙ୍ଗଲରୁ ବନଜାତ ଦ୍ରବ୍ୟ ସଂଗ୍ରହ ଠାରୁ ଆରମ୍ଭ କରି କୃଷିକାର୍ଯ୍ୟ ପର୍ଯ୍ୟନ୍ତ ସମସ୍ତ କାମ ଏଥି ମଧ୍ୟରେ ଅନ୍ତର୍ଭୁକ୍ତ। ଗୋଷ୍ଠୀ ଜୀବନ ବିତାଉ ଥିବା ଜୁଆଙ୍ଗ ଆଦିବାସୀ ଜଙ୍ଗଲରୁ ବ୍ୟବହାର୍ଯ୍ୟ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ମିଳିତ ଭାବରେ ବଣକୁ ଯାଇଥାନ୍ତି। ଯେଉଁ ଦିନର ଘଟଣା ଏଠାରେ କୁହାଯାଉଛି, ସେହି ଦିନ ଜଣେ ଗର୍ଭବତୀ ମହିଳା ଜଙ୍ଗଲରୁ ଜାଳେଣୀକାଠ ସଂଗ୍ରହ ପାଇଁ ଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଦୁଇଜଣ ଜଙ୍ଗଲ ମଧ୍ୟରେ ବୋହି ଯାଉଥିବା ଝରଣା ନିକଟରେ ବସିଥାନ୍ତି। ହଠାତ୍ ସାମାନ୍ୟ କୋଳାହଳ ସେମାନଙ୍କ ଦୃଷ୍ଟିକୁ କାଠ ସଂଗ୍ରହ କରୁଥିବା ମହିଳା ମାନଙ୍କ ନିକଟକୁ ଟାଣି ନେଇଥିଲେ। ସେମାନେ ଦେଖିଲେ ସମସ୍ତ ମହିଳା କାଠ ସଂଗ୍ରହ ବନ୍ଦ କରି ଗୋଲାକାରରେ ଠିଆ ହୋଇ ଯାଇଛନ୍ତି ଓ ବ୍ୟସ୍ତତା ସମସ୍ତଙ୍କ ମୁହଁରେ ସ୍ପଷ୍ଟ ଦେଖାଯାଉଛି। ଏହି ସମୟରେ ଜଣେ ଆଦିବାସୀ ଲୋକ ଝରଣା ନିକଟକୁ ଦୌଡ଼ି ଆସି ଗୋଟିଏ ଛୋଟ ପଥରକୁ ଧାରୁଆ କରିବାରେ ଲାଗିଲା। ଝରଣାରୁ ସାମାନ୍ୟ ପାଣି ନେଇ ବଡ଼ ପଥର ଉପରେ ବାରମ୍ବାର ଘଷି, ଛୋଟ ପଥରକୁ ଯଥା ସମ୍ଭବ ଧାରୁଆ କଲା। କିଛି ସମୟ ପରେ ନବଜାତ

ଶିଶୁର କାନ୍ଦିବାର ଶବ୍ଦ ଶୁଣାଗଲା ଓ ପୁରୁଷ ଲୋକଟି ଧାରୁଆ କରିଥିବା ପଥରକୁ ଝରଣାରେ ପକାଇବା ପାଇଁ ଆସିଲେ। ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଦୁଇଜଣ ଜାଣିବାକୁ ପାଇଲେ ଯେ ସନ୍ତାନ ପ୍ରସବକାରୀ ଆଦିବାସୀ ମହିଳାର ସେ ହେଉଛନ୍ତି ସ୍ୱାମୀ ଓ ସେମାନଙ୍କ ପ୍ରଥା ଅନୁସାରେ ଶିଶୁର ନାହି କାଟିବା ପାଇଁ ତାଙ୍କୁ ପଥର ଧାରୁଆ କରିବାକୁ ପଡ଼ିଥିଲା। କିଛି ସମୟ ପରେ ସେମାନ ଦେଖିଲେ ଶିଶୁଟିକୁ ମା'ର ପିନ୍ଧିଥିବା ଲୁଗାରେ ସୁନ୍ଦର ଭାବରେ ବାନ୍ଧିଦେଇ ମହିଳାମାନେ ସୁରକ୍ଷିତ ଭାବରେ ଶିଶୁ ଓ ମା'କୁ ଗାଁ ଅଭିମୂଖେ ପାଦଚଲା ରାସ୍ତାରେ ନେଇଗଲେ। ମହିଳାଟି ସଂଗ୍ରହ କରିଥିବା ଜାଳେଣୀକାଠର ଭାରକୁ ମୁଣ୍ଡାଇ ଆଦିବାସୀ ପୁରୁଷ ସେମାନଙ୍କ ପଛରେ ଯାଇଥିଲେ।

ସମଗ୍ର ଘଟଣାଟି ଯେଉଁଭଳି ଭାବରେସେମାନଙ୍କ ସମ୍ମୁଖରେ ଘଟିଲା ତାହା ସେମାନଙ୍କୁ ଚମତ୍କୃତ କରିଥିଲା। ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଅନୁପସ୍ଥିତିରେ ସରଳ ଭାବରେ ଜଟିଳ ସ୍ଥିତିକୁ ସାମ୍ନା କରିବା ସେହିମାନଙ୍କ ଦ୍ୱାରା ସମ୍ଭବ । ସମୃଦ୍ଧ ପାରମ୍ପରିକ ଜ୍ଞାନ ଓ ଅନୁଭୂତି ସେମାନଙ୍କୁ ଏଥି ନିମନ୍ତେ ସହାୟକ ହୋଇଥାଏ। ସହରାଞ୍ଚଳରେ ସମସ୍ତ ପ୍ରକାର ସୁବିଧା ମଧ୍ୟରେ ରହି ପ୍ରସବ ସମୟରେ ମହିଳାମାନଙ୍କର ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥାଏ। ମାତ୍ର ଆଦିବାସୀଙ୍କ କ୍ଷେତ୍ରରେ ହେଉଥିବା ନିତି ଦିନିଆ କାମ ମଧ୍ୟରେ ସେମାନଙ୍କର ବ୍ୟାୟାମ ପ୍ରସବ ସମୟର ଯନ୍ତ୍ରଣାରୁ ସେମାନଙ୍କୁ ମୁକ୍ତି ଦେଇଥାଏ। ଯାହା ଡାକ୍ତରମାନେ ମଧ୍ୟ ମତ ଦେଇଥାନ୍ତି। ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଷ୍ଟେରେଲାଇଜ ହୋଇଥିବା ପରିଷ୍କାର ବ୍ଲେଡ୍ ଯାହା ଶିଶୁର ନାହି କାଟିବାରେ ବ୍ୟବହାର କରାଯାଏ। ଆଦିବାସୀର ପ୍ରଥାରେ ଛୋଟ ପଥରକୁ ମୁନିଆ କରିବା ପ୍ରକ୍ରିୟାରେ ଉତ୍ତାପ ସୃଷ୍ଟି ହୋଇ ପଥରଟିକୁ ନିଶ୍ଚିତ ଭାବରେ ଜୀବାଣୁମୁକ୍ତ କରି ପାରୁଛି। ସହରର ପ୍ରଦୂଷଣରୁ ଦୂରରେ ଜଙ୍ଗଲ ଓ ଝରଣାର ଉପସ୍ଥିତି ସେମାନଙ୍କ ପାଇଁ ଏକ ଉପଯୁକ୍ତ ବାତାବରଣ ସୃଷ୍ଟି କରିଥାଏ। ସେହି ପାଣି ଓ ପବନରେ ଥିବା ଜୀବନୀଶକ୍ତି ସେମାନଙ୍କର ନୂତନ ଉର୍ଜା ପ୍ରଦାନ କରେ।

ଅନ୍ୟ ଏକ ଘଟଣା ସେହି ଅଞ୍ଚଳର। ଜୁଆଙ୍ଗ ଆଦିବାସୀ ଜଣେ କାଠ କାଟୁଥିବା ସମୟରେ ଟାଙ୍ଗିଆର ଗୋଟିଏ ଚୋଟ ତାଙ୍କ ଗୋଡ଼ରେ ପଡ଼ିଗଲା। କ୍ଷତଟି ଗଭୀର ହୋଇଥାଏ। ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଦୁଇଜଣ ଏହା ଦେଖିବା ପରେ ବ୍ୟସ୍ତ ହୋଇ ତାଙ୍କ ନିକଟରେ ଥିବା ଏଲୋପ୍ୟାଥି ଔଷଧ ଲଗାଇବା ପାଇଁ ତାଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ଆଦିବାସୀ ଲୋକଟି ଔଷଧ ଲଗାଇବାକୁ ମନା କରିଥିଲେ। କ୍ଷତରୁ ବୋହୁଥିବା ରକ୍ତକୁ ବନ୍ଦ କରିବାପାଇଁ ତାକୁ ଶକ୍ତ ଭାବରେ ଗାମୁଛା ବାନ୍ଧିଦେଇ ଘରକୁ ଫେରି ଆସିଲେ। କୌତୁହଳ ବଶତଃ ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ଦୁଇଜଣ ମଧ୍ୟ ତାଙ୍କୁ ଅନୁସରଣ କରିଥିଲେ। ଆଦିବାସୀ ଲୋକଟି ଘରେ ପହଞ୍ଚିଲା ପରେ, ମହିଷି ଶିଙ୍ଘରେ ସୁରକ୍ଷିତ ଭାବରେ ରଖିଥିବା କିଛି ଗୁଣ୍ଡକୁ ସେହି କ୍ଷତରେ ଭଲ ଭାବରେ ଲଗାଇ ଦେଇଥିଲେ। ତାଙ୍କୁ ପଚାରି ବୁଝିବା ପରେ ଜଣାଗଲା ଜଙ୍ଗଲରେ ହେଉଥିବା ଏକ ପ୍ରକାର ଛତୁକୁ ସୁଖାଇ ସେମାନେ ଗୁଣ୍ଡ କରିରଖିଥାନ୍ତି, ଯାହା ସମସ୍ତ ପ୍ରକାର କ୍ଷତରେ ବ୍ୟବହାର ହୋଇଥାଏ। ଅନୁଧ୍ୟାନ କଲେ ଜଣାଯିବ ଆଧୁନିକ ପେନ୍‌ସିଲିନ୍ ମଲମ ମଧ୍ୟ 'ଫଙ୍ଗସ' ବା ଏଭଳି ଛତୁଜାତୀୟ ଉଦ୍ଭିଦରୁ ପ୍ରସ୍ତୁତ ହୋଇଥାଏ।

ତେବେ ଆଦିବାସୀମାନଙ୍କ ପାରମ୍ପରିକ ଔଷଧୀୟ ଜ୍ଞାନର ଏଭଳି ଅନେକ ଦୃଷ୍ଟାନ୍ତ ରହିଛି ଯାହାକୁ କେବଳ ସେମାନଙ୍କ ଠାରୁ ସଂଗ୍ରହ କରି ଉପଯୋଗ କରାଯାଇ ପାରେ। ବିଜ୍ଞାନ ସମ୍ମତ ଆଧୁନିକ ଚିକିତ୍ସା ପଦ୍ଧତିରୁ ଏହା ଭିନ୍ନ ନୁହେଁ। ଉପେକ୍ଷିତ ହୋଇଆସିଥିବା ଏହି ସଂପଦର ସୁରକ୍ଷା କରାନଗଲେ ହୁଏତ ସବୁ ଦିନ ପାଇଁ ଏହା ହଜିଯିବ। ସେହି ଜ୍ଞାନର ସୁରକ୍ଷା ଓ ତାର ଉପଯୋଗ ଆଜିର ଆଧୁନିକ ମଣିଷର ବଞ୍ଚିବାକୁ ହୁଏତ ସହଜ କରିଦେଇ ପାରେ, ତେଣୁ ପୁରୁଣାକୁ ଫେରିଯିବାର ଧାରାକୁ ଆହୁରି ଗମ୍ଭୀର ଭାବରେ ଗ୍ରହଣ କରିବାର ଅଛି। ତାହା ଫେସନ ନ ହୋଇ ଆଜିର ସମୟର ଆହ୍ୱାନ ବା ଆବଶ୍ୟକତା ବୋଲି ବିଚାର କରିବା ଠିକ୍ ହେବ।

***ପୁଷ୍ପାଞ୍ଜଳି ଶତପଥି***

# ଆଦିବାସୀର ପାରମ୍ପରିକ ଔଷଧୀୟ ଜ୍ଞାନ

## ନିୟମଗିରିରେ ଥିବା ଅରକିଡ୍‌ର ଏକ ବିସ୍ତୃତ ଅନୁଧ୍ୟାନ

ଓଡ଼ିଶାର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ନିୟମଗିରି ପର୍ବତମାଳା ପ୍ରାକୃତିକ ସମ୍ପଦ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ଏହା ଆଦିମ ଆଦିବାସୀ ଡୋଙ୍ଗରିଆ ଆଦିବାସୀମାନଙ୍କର ବାସସ୍ଥଳୀ ଭାବରେ ପରିଚିତ । ଉକ୍ତ ଗବେଷଣାତ୍ମକ ନିବନ୍ଧରେ ଡୋଙ୍ଗରିଆମାନେ ବ୍ୟବହାର କରି ଆସୁଥିବା ୨୦ଟି ପ୍ରଜାତିର ଅରକିଡ଼ର ଔଷଧୀୟଗୁଣ ଓ ସେଥିରୁ ପ୍ରସ୍ତୁତ ହେଉଥିବା ଔଷଧ ଦ୍ୱାରା ୩୩ ପ୍ରକାର ରୋଗର ନିରାକରଣ ତଥ୍ୟକୁ ଉପସ୍ଥାପନା କରାଯାଇଛି ।ଏହି ଅରକିଡ଼ ମଧ୍ୟରୁ ୧୬ଟି ପ୍ରଜାତି ବଡ଼ବୃକ୍ଷ ଉପରେ ଆଶ୍ରିତ ହୋଇ ବଢୁଥିବା ବେଳେ ଅନ୍ୟ ଚାରୋଟି ଭୂମି ଉପରେ ବଢ଼ିଥାନ୍ତି । ଏହା ବ୍ୟତିତ ଉକ୍ତ ନିବନ୍ଧରେ ନିୟମଗିରିରେ ମିଳୁଥିବା ଅରକିଡ୍‌ମାନଙ୍କ ପ୍ରତି ଦେଖାଯାଉଥିବା ବିପଦ ଓ ଏହାର ସଂରକ୍ଷଣ ସମ୍ବନ୍ଧରେ ସାମାନ୍ୟ ଆଲୋକପାତ କରାଯାଉଛି ।

**ଉପକ୍ରମ:** ଅରକିଡ଼ ଅରକିଟଡାସି ପରିବାରର ଏକ ଉଦ୍ଭିଦ । ବନ୍ୟ ପ୍ରଜାତିର ଅରକିଡ଼କୁ ବାଦ ଦେଇ, ସାରା ବିଶ୍ୱରେ ଏହା ଏକ ଶୋଭାବର୍ଦ୍ଧକ ରାଜକୀୟ ଉଦ୍ଭିଦ ଭାବରେ ଚାଷ ମଧ୍ୟ କରାଯାଉଛି । ବନ୍ୟ ପ୍ରଜାତି ଅରକିଡ୍ ସାଧାରଣତଃ ସୁସ୍ଥ ପରିବେଶର ନିଦର୍ଶକ ଅଟେ (ଶରତ ମିଶ୍ର, ୨୦୦୪) । ପୁରାତନ କାଳରୁ ଅରକିଡ଼ ଚିନ୍, ଅଷ୍ଟ୍ରେଲିଆ, ଆଫ୍ରିକା ତଥା ୟୁରୋପର କିଛି ଅଞ୍ଚଳରେ ପାରମ୍ପରିକ ଔଷଧ ଭାବରେ ବ୍ୟବହୃତ ହୋଇ ଆସୁଛି । ନିକଟରେ ଅରକିଡ଼ରୁ ପ୍ରସ୍ତୁତ ଔଷଧ ଦ୍ୱାରା ଜ୍ୱର, ଶ୍ୱେତରକ୍ତ କଣିକା ବୃଦ୍ଧି, ପୁରୁଷମାନଙ୍କ ଶୁକ୍ରାଣୁ, ବୃଦ୍ଧି, ତନ୍ତୁରୋଗର ନିରାକରଣ, ମୁଣ୍ଡବ୍ୟଥା, କ୍ଲାନ୍ତି ଦୂରିକରଣ ସହିତ କର୍କଟ ରୋଗର ନିରାକରଣ ପାଇଁ ମଧ୍ୟ ଏହା ଅତ୍ୟନ୍ତ ଉପଯୋଗୀ ବୋଲି ଜଣା ଯାଇଛି (ବୁଲପିଟ, ୨୦୦୫) । ଆନ୍ଧ୍ର ପ୍ରଦେଶର ବିଭିନ୍ନ ଆଦିବାସୀ ୨୩ଟି ପ୍ରଜାତିର ଅରକିଡ୍‌ର ଔଷଧୀୟ ଗୁଣ ଓ ତାର ବ୍ୟବହାର କରି ଆସୁଛନ୍ତି । (ରେଡ୍ଡି ଓ ଅନ୍ୟମାନେ, ୨୦୦୫) । ଶ୍ରୀଯୁକ୍ତ ରାଜେନ୍ଦ୍ରନଙ୍କ ରିପୋର୍ଟରେ ମଧ୍ୟ ଅରକିଡ୍‌ର ବିଭିନ୍ନ ଔଷଧୀୟ ଗୁଣ ବିଷୟରେ ଉଲ୍ଲେଖ କରାଯାଇଛି ।

ନିକଟରେ ଆମ ଦେଶର ଏକ ଉଦ୍ଭିଦ ବିଜ୍ଞାନ ଗବେଷଣା ଅନୁଷ୍ଠାନ ରସନାରେ ଥିବା ଔଷଧୀୟ ଗୁଣ କାମବର୍ଦ୍ଧକ ତଥା ସ୍ତ୍ରୀ ଲୋକଙ୍କର ଗର୍ଭଧାରଣ କ୍ଷମତା ବୃଦ୍ଧି ପାଇଁ ବ୍ୟବହାର କରାଯାଉଥିବା ବିଷୟ ଉଲ୍ଲେଖ କରିଛନ୍ତି (କୁମାର ଓ ଅନ୍ୟମାନେ,୨୦୦୫) । ଭାରତରେ ଉପଲବ୍ଧ ରସନା କର୍କଟରୋଗର ସଂକ୍ରମିତ କୋଷ ବୃଦ୍ଧିକୁ ରୋକିଥାଏ ବୋଲି ଅନୁଧ୍ୟାନ ତଥ୍ୟ ପ୍ରକାଶ ପାଇଛି (ହୋ ଏବଂ ଚେନ ୨୦୦୩) । ଏତଦ୍ ବ୍ୟତୀତ ଅପସ୍ମାର (ମୁର୍ଚ୍ଛାରୋଗ) ବାତ (ର୍‌ୟୁମାଟିଜମ) କଫ (ଫ୍ଲାଟୁଲେନ୍ସ), ନିଦ୍ରାକାରକ, ପୁରୁଷମାନଙ୍କ ସନ୍ତାନ ଜନନ ଶକ୍ତି ବୃଦ୍ଧି କରିବା ସହିତ ସୁଗନ୍ଧ ବର୍ଦ୍ଧକ ଉପାଦାନ ଭାବରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ (କଙ୍ଗ ୨୦୦୩) ।

ନିୟମଗିରି ପର୍ବତକୁ ଦକ୍ଷିଣ ଓ ଉତ୍ତର ଭାରତରେ ଦେଖାଯାଉଥିବା ବୃକ୍ଷଲତାର ମିଶ୍ରଣସ୍ଥଳ ବୋଲି କୁହାଯାଇପାରେ । ୨୦୦୫ ମସିହାରେ ଶରତ ଚନ୍ଦ୍ର ମିଶ୍ରଙ୍କ ଗବେଷଣାରୁ ଜଣାଯାଏ ଯେ ଶିମିଳିପାଳ ଅଭୟାରଣ୍ୟ ଓ ରେବନା ସଂରକ୍ଷିତ ଜଙ୍ଗଲକୁ ବାଦ ଦେଲାପରେ ନିୟମଗିରି ହେଉଛି ଓଡ଼ିଶାର ତୃତୀୟ ଅରକିଡ଼ ସମୃଦ୍ଧ ଅଞ୍ଚଳ । ଶ୍ରୀଯୁକ୍ତ ମିଶ୍ରଙ୍କ ଅନୁସାରେ ଏଠାରେ ୩୧ଟି ପ୍ରଜାତିର ଅରକିଡ଼ ଦେଖାଯାଏ । ସେଥି ମଧ୍ୟରୁ ୧୯ଟି ବୃକ୍ଷ ଆଶ୍ରିତ ଓ ୧୨ଟି ଭୂମିରେ ଦେଖାଯାଉଥିବା ଅରକିଡ଼ ଅନ୍ତର୍ଭୁକ୍ତ । ୨୦୦୭ ମସିହାରେ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ବସୁନ୍ଧରା ତରଫରୁ ନିୟମଗିରିରେ କରାଯାଇଥିବା ସର୍ବେକ୍ଷଣର ରିପୋର୍ଟ ଅନୁଯାୟୀ ଏଠାରେ ୬୭୩ ପ୍ରଜାତିର (୧୩୦ ପରିବାର ଓ ୪୫୪ ଉପପ୍ରଜାତି) ବୃକ୍ଷଲତା ଥିବାର ପ୍ରମାଣ ମିଳିଛି । ନିୟମଗିରି ପର୍ବତରେ ଥିବା ଡଙ୍ଗରିଆ କନ୍ଧମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଅରକିଡ଼ର ବିବିଧ ଔଷଧୀୟଗୁଣ ବସୁନ୍ଧରା ଦ୍ୱାରା ପ୍ରସ୍ତୁତ ଏହି ନିବନ୍ଧରେ ଲିପିବଦ୍ଧ କରାଯାଇଛି ।

### ସର୍ବେକ୍ଷଣ ଅଞ୍ଚଳର ଉପସ୍ଥିତି:

ନିୟମଗିରି ପର୍ବତମାଳା ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସୀମାରେଖା ମଧ୍ୟରେ ୧୯° ରୁ ୧୯' ୪୩'' ଅକ୍ଷାଂଶ ଏବଂ ୮୩° ୧୮' ରୁ ୮୩° ୨୮' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଉଚ୍ଚ ପର୍ବତଶ୍ରେଣୀ, ଅଗଣିତ ଉପତ୍ୟାକା, ଝରଣା ଓ ବିବିଧ ଉଦ୍ଭିଦ ପରିସରରେ ପରିବେଷ୍ଟିତ ଥିବା ପୂର୍ବ ଘାଟ ପର୍ବତମାଳାର ଏହା ଅଂଶବିଶେଷ ।

### ଗବେଷଣାର ଉପାଦାନ ଓ ପଦ୍ଧତି:

୨୦୦୫ ଓ ୨୦୦୭ ମସିହା ମଧ୍ୟରେ ଅରକିଡ଼ର ପାରମ୍ପରିକ ଔଷଧୀୟ ଗୁଣକୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା । ଏଥିରେ ୨୦ଜଣ ଡଙ୍ଗରିଆ କନ୍ଧ, ଯେଉଁମାନେ ଅରକିଡ୍ ଔଷଧୀୟ ଗୁଣ ବିଷୟରେ ସୂଚନା ଦେଇଥିଲେ ସେମାନଙ୍କ ସାକ୍ଷାତକାର ନିଆଯାଇଥିଲା । ସର୍ବେକ୍ଷଣ ଫର୍ମରେ ସୂଚନା ପ୍ରଦାନକାରୀଙ୍କ ନାମ, ବୟସ, ଲିଙ୍ଗ, ଗ୍ରାମରନାମ, ବୃକ୍ଷର ସ୍ଥାନୀୟନାମ, ବୃକ୍ଷର ବ୍ୟବହୃତ

ଅଂଶ, ପ୍ରସ୍ତୁତ ପ୍ରଣାଳୀ, ପରିମାଣ ଏବଂ ଔଷଧ ସେବନ ପଦ୍ଧତି ଇତ୍ୟାଦିକୁ ଲିପିବଦ୍ଧ କରାଯାଇଥିଲା। ଏହି ଅନୁଧ୍ୟାନ ପାଇଁ ପୂର୍ବରୁ ପ୍ରକାଶ ପାଇଥିବା କିଛି ପ୍ରକାଶନର ସାହାଯ୍ୟ ନିଆଯାଇଛି। ଏହି କ୍ଷେତ୍ରରେ ପୂର୍ବରୁ ଗବେଷଣା କରିଥିବା [1]ଗବେଷକମାନଙ୍କ ରିପୋର୍ଟକୁ ଅନୁଧ୍ୟାନ କରି ପରେ ବସୁନ୍ଧରାର ଅନୁଧ୍ୟାନକାରୀଦଳ ନୂତନ କିଛି ତଥ୍ୟ ଉନ୍ମୋଚନ କରିଛନ୍ତି, ଯାହାକୁ ଏହି ନିବନ୍ଧରେ ଲିପିବଦ୍ଧ କରାଯାଇଛି।

## ବିବରଣୀ:



*୧. acampe carinata*
ସ୍ଥାନୀୟ ନାମ – କାନକାଟୋ
ପ୍ରାପ୍ତି ସ୍ଥାନ - ଖମ୍ଭେସି
ବ୍ୟବହୃତ ଅଂଶ – ଚେର, ପତ୍ର

ବ୍ୟବହାର କରିବା ପଦ୍ଧତି – ଏହି ଉଦ୍ଭିଦର ଚେରକୁ ବାଟି ଏହାର ମଣ୍ଡକୁ କଙ୍କଡ଼ା ବିଛା ଓ ସାପ କାମୁଡ଼ା ସ୍ଥାନରେ ଲେପ ଦିଆଯାଇଥାଏ। ଅମ୍ଳଦୋଷ ଯୋଗୁଁ ଉପୂର୍ଣ୍ଣ ହେଉଥିବା ଛାତି ପିଡ଼ା ଓ ପେଟ ଗଣ୍ଡୋଗୋଳରେ ଏହାର ପତ୍ରକୁ ଗୋଟିଏ କୋଳା ରସୁଣରେ ବାଟି ଦିନକୁ ଥରେ ଲେଖାଏଁ ସାତ ଦିନ ପର୍ଯ୍ୟନ୍ତ ସେବନ କଲେ ଏହାର ଉପସମ ହୋଇଥାଏ।



*୨. acampe praemorsa*
ସ୍ଥାନୀୟ ନାମ – କାନକାଟୋ
ପ୍ରାପ୍ତିସ୍ଥାନ - ସକଟା, କୁଲାର ପେଟା, ମଣ୍ଡା
ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି - ଅଧ ଚାମଚ ଚେରର ରସ ସହିତ ଏକଗ୍ରାମ ସତାବରି ପତ୍ର ରସକୁ ମିଶାଇ ସେଥିରୁ ଅଧଚାମଚ ଖାଲି ପେଟରେ ଦିନକୁ ଦୁଇଥର ୧୫ ଦିନ ପର୍ଯ୍ୟନ୍ତ ସେବନ କଲେ ବାତ (ଆର୍ଥରାଇଟିସ) ରୋଗର ଉପଶମ ହୋଇଥାଏ।

**(Footnotes)**

[1] ୧.କିର୍ତ୍ତିକର ଏବଂ ବାସୁ – ୧୯୩୫
୨. ଚୋପ୍ରା ଓ ଅନ୍ୟମାନେ - ୧୯୫୬
୩. ଅଗ୍ରୱାଲ ଏବଂ ଘୋଷ – ୧୯୮୫
୪. ସତ୍ୟବତୀ ଓ ଅନ୍ୟମାନେ - ୧୯୮୭
୫. ୱାରିୟର ଓ ଅନ୍ୟମାନେ - ୧୯୯୫
୬. ଏସ୍. କେ. ଜେନ୍ – ୧୯୬୪
୭. ସାକ୍ସେନା ଏବଂ ବ୍ରହ୍ମା – ୧୯୯୪-୯୬
୮. ହେନ୍ସ ଏବଂ ମୁନୀ - ୧୯୫୦



*୩. aerides odorata*
ସ୍ଥାନୀୟ ନାମ – ହମେରି
ପ୍ରାପ୍ତିସ୍ଥାନ - ଡେଙ୍ଗୁଣି
ବ୍ୟବହୃତ ଅଂଶ- ଚେର ଓ ପତ୍ର

ବ୍ୟବହାର କରିବା ପଦ୍ଧତି – ଏକ ଗ୍ରାମ ଓଜନର ଚେର, ଏକଗ୍ରାମ ଲୁଣ, ୧ ଗ୍ରାମ ଅଶୋକ ଗଛର ଚେର ଏବଂ ଦୁଇଗ୍ରାମ ନିମ୍ବଛାଲିକୁ ଏକାଠି ମିଶ୍ରଣ କରି ସେଥିରୁ ଅଧ ଚାମଚ ଗୋଟିଏ କପ୍ ପାଣି ସହିତ ଦିନକୁ ଦୁଇଥର ଏକମାସ ପର୍ଯ୍ୟନ୍ତ ସେବନ କଲେ ଗଣ୍ଠି ଦରଜ ଓ ଫୁଲା କମ୍ ହୋଇଥାଏ। ଯକ୍ଷ୍ମାରୋଗ ପାଇଁ ଏହି ଗଛ ପତ୍ରର ରସକୁ ଦିନକୁ ଦୁଇଥର ୨୦ ଦିନ ପର୍ଯ୍ୟନ୍ତ ସେବନ କରାଯାଏ।



*୪. bulbophyllum cariniflorum*
ସ୍ଥାନୀୟ ନାମ – ସୁମୁରା
ପ୍ରାପ୍ତି ସ୍ଥାନ - ମଣ୍ଡନଳା, ସୁତାଗୁଣି
ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି – ଏହି ଗଛର ସୁଖିଲା ଚେର ଦୁଇଗ୍ରାମ, ଗୋଲମରିଚ ଏକ ଗ୍ରାମକୁ ଗୁଣ୍ଡ କରି ୫ ମି.ଲି. ଗାଈ କ୍ଷୀରରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ ହେବ। ଏହି ମିଶ୍ରଣରୁ ଅଧଚାମଚ ନେଇ ଗୋଟିଏ କପ୍ ପାଣିରେ ୫ ରୁ ୧୦ ଦିନ ପର୍ଯ୍ୟନ୍ତ ସେବନ କଲେ ୨ ରୁ ୩ ମାସର ଗର୍ଭ ନଷ୍ଟ ହୋଇଥାଏ।



*୫. cymbidium aloifolium*
ସ୍ଥାନୀୟ ନାମ – ସୁପୂର୍ଣ୍ଣ
ପ୍ରାପ୍ତିସ୍ଥାନ - ଖଜୁରି କୁରଲି
ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି - ପକ୍ଷାଘାତ ରୋଗରୁ ରକ୍ଷା ପାଇବା ପାଇଁ ଏହି ଗଛ ଚେରର ଚୂର୍ଣ୍ଣ ୨ ଗ୍ରାମ, ସୁଖିଲା ଅଦାର ଚୂର୍ଣ୍ଣ ୨ ଗ୍ରାମ, ଗୋଲମରିଚ ଗୁଣ୍ଡ ୨ ଗ୍ରାମକୁ ମିଶାଇ ଅଧ ଚାମଚ ପରିମାଣର ଗୁଣ୍ଡକୁ ଗୋଟିଏ କପ ଗାଈ କ୍ଷୀରରେ ଦିନକୁ ଦୁଇଥର ଦୁଇ ମାସ ପର୍ଯ୍ୟନ୍ତ ସେବନ କରାଯାଏ।



*୬. dendrobium herbaceum*
ସ୍ଥାନୀୟ ନାମ – ସାସଙ୍ଗ
ପ୍ରାପ୍ତିସ୍ଥାନ - ଡେଙ୍ଗୁନି ଓ ଦିନିଗୁଡ଼ା
ବ୍ୟବହୃତ ଅଂଶ - ପତ୍ର

ବ୍ୟବହାର ପଦ୍ଧତି – ଏହି ଗଛର ୧୦ଗ୍ରାମ ସତେଜ ପତ୍ର ସହିତ ଭୃଇଁନିମ୍ବର କଅଁଳ ଡାଳକୁ ବାଟି ମିଶ୍ରଣ ପ୍ରସ୍ତୁତ କରାଯିବ ଓ ଗର୍ମିରୋଗରେ ସଂକ୍ରମିତ ଅଂଶରେ ଏହାକୁ ଦିନକୁ ଦୁଇଥର ସାତ

ଦିନ ପର୍ଯ୍ୟନ୍ତ ଲେପ ଦିଆଯିବ। ଏହା ଲଗାଇବାର ଅଧଘଣ୍ଟା ପରେ ନିମ୍ବ ପତ୍ରର ରସ ଦ୍ୱାରା ସେହି ସ୍ଥାନକୁ ଧୋଇ ଦିଆଯିବ। ମାତ୍ର ଧ୍ୟାନ ଦେବା ଆବଶ୍ୟକ ଯେପରି ଏହି ରସ ଅଧିକ ବ୍ୟବହାର କରାନଯାଏ।



*୭. culophia Spectabilis*

ସ୍ଥାନୀୟ ନାମ – ବୋଙ୍ଗାଟାଇନି

ପ୍ରାପ୍ତିସ୍ଥାନ - ମୋଣ୍ଡା ନିୟମ ରାଜା

ବ୍ୟବହୃତ ଅଂଶ – କନ୍ଦା

ବ୍ୟବହାର କରିବା ପଦ୍ଧତି – ବୋଙ୍ଗାଟାଇନିର ସୁଖିଲା କନ୍ଦା (୧୦ ଗ୍ରାମ) ଅଶ୍ୱଗନ୍ଧାର ସୁଖିଲା ପତ୍ର (୫ ଗ୍ରାମ) ତାଳମୂଳୀ ସୁଖିଲା ପତ୍ର (୫ଗ୍ରାମ) ଗୋଲମରିଚ (୫ ଗ୍ରାମ)କୁ ଗୁଣ୍ଡକରି ଗୋଟିଏ କପ ପାଣିରେ ୨୦ଦିନ ପର୍ଯ୍ୟନ୍ତ ସେବନ କଲେ ଏହା କାମବର୍ଦ୍ଧକ ରୂପେ କାର୍ଯ୍ୟ କରିଥାଏ। କୃମି ରୋଗର ନିରାକରଣ ପାଇଁ ଏହାର ପତ୍ର ରସ ସହାୟକ ହୋଇଥାଏ।



*୮. eria bambusifolia*

ସ୍ଥାନୀୟ ନାମ – କିମାର

ପ୍ରାପ୍ତି ସ୍ଥାନ - ମୁଣ୍ଡାବାଇ

ବ୍ୟବହୃତ ଅଂଶ – ଗଛର ସମସ୍ତ ଅଂଶ

ବ୍ୟବହାର କରିବା ପଦ୍ଧତି – ଏହି ଗଛର ସମସ୍ତ ଅଂଶ ଏବଂ ପାଚିଲା ବେଲକୁ ଭିନ୍ନ ଭିନ୍ନ ମାଟି ପାତ୍ରରେ ମୁହଁକୁ ବନ୍ଦ କରି ପାଉଁଶ ହେବା ପର୍ଯ୍ୟନ୍ତ ପୋଡ଼ି ଦିଆଯାଏ। ଉଭୟର ଚୂର୍ଣ୍ଣକୁ ସମାନ ପରିମାଣରେ ଅଧଚାମଚ ନେଇ ଖାଲି ପେଟରେ ଦିନକୁ ଦୁଇଥର ୭ ଦିନ ପର୍ଯ୍ୟନ୍ତ ସେବନ କଲେ ଭିଷଣ ଅମ୍ଳରୋଗ ଭୋଗୁଥିବା ରୋଗୀ ଓ ପେଟ ଗଣ୍ଡଗୋଳ ଥିବା ରୋଗୀକୁ ସୁଫଳ ମିଳିଥାଏ।



*୯. flickingeria macraei*

ସ୍ଥାନୀୟ ନାମ – ସାକର

ପ୍ରାପ୍ତିସ୍ଥାନ - ସେରକାପଡ଼ା

ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି – ଏହି ଗଛର ଚେରକୁ ବାଟି ଏକ ଚାମଚ ପରିମାଣର ମଣ୍ଡ ସହିତ ଏକ ଗ୍ରାମ ଗୋଲମରିଚ ଗୁଣ୍ଡ ମିଶାଇ ଖାଲି ପେଟରେ ଦିନକୁ ଦୁଇଥର ହିସାବରେ ୨୧ ଦିନ ପର୍ଯ୍ୟନ୍ତ ସେବନ କଲେ ଚର୍ମରେ ହେଉଥିବା ଏଲର୍ଜି ଭଲ ହୋଇଥାଏ। ଏଗଜିମା ହୋଇଥିବା ସ୍ଥାନରେ ଏହି ପ୍ରଲେପ ପ୍ରୟୋଗ କଲେ ସୁଫଳ ମିଳିଥାଏ।



*୧୦. geodorum recurvum*

ସ୍ଥାନୀୟ ନାମ – ତେଜରାଜ

ପ୍ରାପ୍ତିସ୍ଥାନ - କେଶରପଦା

ବ୍ୟବହୃତ ଅଂଶ – କନ୍ଦା, ଚେର

ବ୍ୟବହାର କରିବା ପଦ୍ଧତି –ତେଜରାଜ ଗଛର ୧୦୦ ଗ୍ରାମ, ସୁଖିଲା କନ୍ଦା ୧୫ ରୁ ୨୦ଟି ଗୋଲମରିଚର ଗୁଣ୍ଡ ୨୦ ରୁ ୨୫ କୋଲା ରସୁଣ ରୁ ପ୍ରସ୍ତୁତ ମିଶ୍ରଣକୁ ଦିନକୁ ଦୁଇଥର ୧୫ ଦିନ ପର୍ଯ୍ୟନ୍ତ ସେବନ କଲେ ମେଲେରିଆ ଜ୍ୱର ଉପସମ ହୋଇଥାଏ। ଏହାର ଚେରରୁ ପ୍ରସ୍ତୁତ ମଣ୍ଡକୁ ବଥ, ବ୍ରଣ, ଭାତୁଡ଼ି ଇତ୍ୟାଦିରେ ଲଗାଇଲେ ସୁଫଳ ମିଳିଥାଏ।



*୧୧. geodorum densiflorum*

ସ୍ଥାନୀୟ ନାମ – କୁକୁରମୁରିଆ

ପ୍ରାପ୍ତିସ୍ଥାନ - ଜରପା

ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି – ଏହି ଗଛର ସତେଜ ଚେରକୁ ବାଟି ଏହାର ମଣ୍ଡ ଏକଗ୍ରାମ, ଦୁଇବୁନ୍ଦା ଗାଇ ଘିଅ ଓ ୫ ମି.ଲି. ମହୁକୁ ମିଶାଇ ଦିନକୁ ଦୁଇଥର ହିସାବରେ ୧୫ଦିନ ପର୍ଯ୍ୟନ୍ତ ଖାଲି ପେଟରେ ଖାଇଲେ ସ୍ତ୍ରୀ ଲୋକମାନଙ୍କର ଋତୁସ୍ରାବ ଚକ୍ର ନିୟମିତ ହୋଇଥାଏ।



*୧୨. habenaria longicorniculata*

ସ୍ଥାନୀୟ ନାମ – ଦେବସୁନ୍ଧା

ପ୍ରାପ୍ତିସ୍ଥାନ - କଲ୍ୟାଣସିଂପୁର

ବ୍ୟବହୃତ ଅଂଶ – କନ୍ଦା,

ବ୍ୟବହାର କରିବା ପଦ୍ଧତି – ଏହି ଗଛର କନ୍ଦାକୁ ବାଟି ସମାନ ପରିମାଣର ହଳଦି ଗୁଣ୍ଡ ସହିତ ପ୍ରସ୍ତୁତ ହୋଇଥିବା ମଣ୍ଡକୁ ଧବଳ କୁଷ୍ଠ କିମ୍ୱା (leucoderma)ଚର୍ମରେ ହୋଇଥିବା ଧଳାଦାଗ ଉପରେ ଲଗାଇଲେ ତାହା ଭଲ ହୋଇଥାଏ।



*୧୩. habenaria Commelinifolia*

ସ୍ଥାନୀୟ ନାମ – ଦେବସୁନ୍ଦା (Debasundha)

ପ୍ରାପ୍ତିସ୍ଥାନ - ଖାମବାସି

ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି – ଏହି ଗଛର ସୁଖିଲା ଚେର ଓ ଅଶୋକ ଗଛର ଚେର ସମାନ ପରିମାଣରେ ନେଇ ଏକ ଲିଟର ପାଣିରେ ସିଝାଇବ। ଏହି ପାଣି ୧୦୦ ମି.ଲି. ହେବା ପରେ ଏଥିରୁ ଛଅ ବୁନ୍ଦା ପ୍ରତ୍ୟେକ ଦିନ ଖାଲି ପେଟରେ ୧୦ ଦିନ ପର୍ଯ୍ୟନ୍ତ ସେବନ କଲେ ଶୁକ୍ରକ୍ଷୟ ବା ସ୍ୱପ୍ନଦୋଷରୁ ଆରୋଗ୍ୟ ମିଳିଥାଏ।



*୧୪. habenaria marginata*

ସ୍ଥାନୀୟ ନାମ – ହୁମାରି

ପ୍ରାପ୍ତିସ୍ଥାନ - ଜିନିଗୁଡ଼ା

ବ୍ୟବହୃତ ଅଂଶ – କନ୍ଦା

ବ୍ୟବହାର କରିବା ପଦ୍ଧତି – ହୁମାରି ଗଛର ୨୫୦ ଗ୍ରାମ କନ୍ଦାକୁ ଏକ ଲିଟର ପାଣିରେ ଶିଝାଇ,ସେହି ପାଣି ୨୫୦ ମି.ଲି. ପରିମାଣ ହେବା ପରେ ସେଥିରେ ୫ ମି.ଲି. ମହୁ ମିଶାଇ ଖାଲି ପେଟରେ ୧୪ ଦିନ ପର୍ଯ୍ୟନ୍ତ ସେବନ କଲେ ଅଲସର ବା ଅନ୍ତନଳୀ ଘା’ ଭଲ ହୋଇଥାଏ।



*୧୫. luisia trichorhiza*

ସ୍ଥାନୀୟ ନାମ –କୋଇରା

ପ୍ରାପ୍ତିସ୍ଥାନ - ବିଷମ କଟକ

ବ୍ୟବହୃତ ଅଂଶ – ଚେର ତଥା ସଂପୂର୍ଣ୍ଣ ଅଂଶ

ବ୍ୟବହାର କରିବା ପଦ୍ଧତି – କୋଇରା ଗଛକୁ ସୁଖାଇ ହଳଦି ଓ ଅଦା ସହିତ ମିଶାଇ ମଣ୍ଡ ପ୍ରସ୍ତୁତ ହେବ। ସେଥିରୁ ଅଧ ଚାମଚ ନେଇ ଗୋଟିଏ କପ ପାଣିରେ ଦିନକୁ ତିନିଥର ୧୦ ଦିନ ପର୍ଯ୍ୟନ୍ତ ସେବନ କଲେ ଜଣ୍ଡିସ ବା କାମଳ ରୋଗ ଉପସମ ହୋଇଥାଏ। ଏହି ଗଛ ଚେରର ରସ ଗାଈ ଗୋରୁମାନଙ୍କ ଝାଡ଼ା ରୋଗ ପାଇଁ କାମ ଦେବା ସହିତ ମଣିଷର ମାଂସପେଶୀର ଦରଜକୁ ମଧ ଭଲ କରିଥାଏ।



*୧୬. polystachya concreta*

ସ୍ଥାନୀୟ ନାମ –କାକିନା

ପ୍ରାପ୍ତିସ୍ଥାନ - କୁଚାଲ୍ଲା

ବ୍ୟବହୃତ ଅଂଶ – କନ୍ଦା

ବ୍ୟବହାର କରିବା ପଦ୍ଧତି – ୧୦୦ଗ୍ରାମ କାକିନା ଗଛର ସତେଜ କନ୍ଦା ୫୦୦ ମି.ଲି. ପାଣିରେ ୧୦୦ ମି.ଲି. ହେବା ପର୍ଯ୍ୟନ୍ତ ଶିଝାଯିବ। ଏହି ରସ ୩ ରୁ ୪ ମି.ଲି. କୁ ୭ ରୁ ୮ ବୁନ୍ଦା ମହୁ ସହିତ ମିଶାଇ ଖାଲି ପେଟରେ ଦିନକୁ ଦୁଇଥର କରି ଦୁଇମାସ ପର୍ଯ୍ୟନ୍ତ ସେବନ କଲେ ଆର୍ଥାଇଟିସ୍ ବା ବାତ ରୋଗରୁ ଉପସମ ମିଳିଥାଏ।



୧୭. rhynchostylis retusa

ସ୍ଥାନୀୟ ନାମ –ପୁମାମ

ପ୍ରାପ୍ତିସ୍ଥାନ - ପୁସୁଗୁଡ଼ା

ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି – ପୁମାମ ଗଛ ରେ ୩ ରୁ ୪ ଗ୍ରାମ ଚେର ସହିତ ୨ ଗ୍ରାମ ମଟର ଗଜାକୁ ମିଶାଇ ମଣ୍ଡ ପ୍ରସ୍ତୁତ ହେବ। ଏକ ଗ୍ରାମ ଓଜନର ଏହି ମଣ୍ଡକୁ ଦିନକୁ ଦୁଇଥର ଅଧକପ ପାଣିରେ ଖାଲିପେଟରେ ୭ ଦିନ ପର୍ଯ୍ୟନ୍ତ ସେବନ କଲେ ନାଳରକ୍ତ ଝାଡ଼ାରୁ ଆରୋଗ୍ୟ ମିଳିଥାଏ। ଏହାର ପତ୍ରକୁ ବାଟି ଲଗାଇଲେ ଚର୍ମ କୋମଳ ହେବା ସହିତ ଘା ମଧ ଭଲ ହୋଇଥାଏ।



*୧୮. seidenfia reheedii*

ସ୍ଥାନୀୟ ନାମ –ସିମିଲ

ପ୍ରାପ୍ତିସ୍ଥାନ - ଟୋନ୍‌ଡ଼ା

ବ୍ୟବହୃତ ଅଂଶ – ଚେର

ବ୍ୟବହାର କରିବା ପଦ୍ଧତି – ସିମିଲ ଗଛ ଚେର ୨୫୦ ଗ୍ରାମକୁ ୧ ଲିଟର ପାଣିରେ ଫୁଟାଇ ଏହାକୁ ଏକ ତୃତୀୟାଂଶ କରାଯିବ। ତା’ପରେ ଏହି ନିର୍ଯାସରୁ ୫ ଗ୍ରାମ ନେଇ ୨ ମି.ଲି. ମହୁ ସହିତ ଖାଲି ପେଟରେ ଦିନକୁ ଦୁଇଥର ୧୫ ରୁ ୨୧ ଦିନ ପର୍ଯ୍ୟନ୍ତ ସେବନ କଲେ କଲେରା ରୋଗରୁ ଉପସମ ମିଳେ।



*୧୯. vanda testacea*

ସ୍ଥାନୀୟ ନାମ –ମାଲାଙ୍ଗ

ପ୍ରାପ୍ତିସ୍ଥାନ - ଖାମବେସି

ବ୍ୟବହୃତ ଅଂଶ – ପତ୍ର ଓ ଚେର

ବ୍ୟବହାର କରିବା ପଦ୍ଧତି – ମାଲାଙ୍ଗ ଗଛର ପତ୍ର ଓ ମନିପ୍ଲାଟ ଜାତୀୟ ଗଛର ସିଝାଯାଇଥିବା କାଣ୍ଡ (rhizome) ସମାନ ପରିମାଣରେ ନେଇ ମଣ୍ଡ ପ୍ରସ୍ତୁତ ହେବ। ଏହାକୁ ଗାଈ ଗୋରୁମାନଙ୍କ ହାଡ଼ ଭଙ୍ଗା ସ୍ଥାନରେ ବାନ୍ଧି ଦିଆଗଲେ ଅଳ୍ପ ଦିନ ମଧ୍ୟରେ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ। ମାଲାଙ୍ଗ ଗଛ ଚେର ଓ ତାଳମୂଳୀ ଚେରର ନିର୍ଯାସ ଦିନକୁ ଦୁଇଥର ସାତଦିନ ପର୍ଯ୍ୟନ୍ତ ସେବନ କଲେ ଆଜ୍ମା ବା ଶ୍ୱାସରୋଗ ଭଲ ହୋଇଥାଏ। କାନବିନ୍ଧା ପାଇଁ ମଧ ଏହି ଗଛ ଉପଯୋଗୀ ଅଟେ।



*୨୦. vanda tessellata*

ସ୍ଥାନୀୟ ନାମ – ବାଙ୍କି

ପ୍ରାପ୍ତିସ୍ଥାନ - ବିଷମକଟକ

ବ୍ୟବହୃତ ଅଂଶ – ଚେର

ବ୍ୟବହାର ପଦ୍ଧତି – ବାଙ୍କି ଗଛର ୫୦ ଗ୍ରାମ ଚେର ୨୫୦ ମି.ଲି. ପାଣିରେ ୧୦୦ ମି.ଲି ହେବା ପର୍ଯ୍ୟନ୍ତ ଫୁଟାଯିବ। ଏହାକୁ ଛାଣି ଥଣ୍ଡା ହେବା ପରେ, ଏହି ନିର୍ଯାସରୁ ୫ ମି.ଲି. କୁ ୩ ରୁ ୫ ମି.ଲି. ମହୁ ସହିତ ଖାଲି ପେଟରେ ଦିନକୁ ଦୁଇଥର ଗୋଟିଏ ମାସ ପର୍ଯ୍ୟନ୍ତ ସେବନ କଲେ ସଂଗମ ଦ୍ୱାରା ସଂକ୍ରମିତ ରୋଗ ଭଲ ହୋଇଥାଏ। ଏହାର ମଣ୍ଡ ସେବନ ରୁ୍ୟମାଟିଜମ୍ ବା ବାତ ତଥା ସ୍ନାୟୁବିକ ଅସନ୍ତୁଳନ ଥିବା ରୋଗୀକୁ ମଧ ସୁଫଳ ଦେଇଥାଏ।

ଉପସଂହାର: ସାରା ବିଶ୍ୱରେ ପାରମ୍ପରିକ ଭାବରେ ବ୍ୟବହୃତ ହୋଇଆସୁଥିବା ଔଷଧର ଗୁରୁତ୍ୱ ରହିଆସିଛି। ଆମ ଦେଶର ଦୂର ଦୂରାନ୍ତ ଗ୍ରାମ ବିଶେଷ କରି ଆଦିବାସୀ ଅଞ୍ଚଳରେ ଏହି ପାରମ୍ପରିକ

ଧାରା ବଂଶାନୁକ୍ରମେ ପ୍ରଚଳିତ ହୋଇଆସୁଛି । ଏହି ଅନୁଧ୍ୟାନରୁ ଏହା ସ୍ପଷ୍ଟ ହୋଇଛି ଯେ ନିୟମଗିରିର ଡଙ୍ଗରିଆ କନ୍ଧମାନଙ୍କର ଔଷଧିୟ ବୃକ୍ଷଲତା ଉପରେ ଅନେକ ଜ୍ଞାନ ରହିଛି । ପର୍ଯ୍ୟାପ୍ତ ସୂଚନା ମିଳିପାରି ନଥିବାରୁ ନିୟମଗିରିର ସମସ୍ତ ପ୍ରଜାତି ଅରକିଡ଼ର ସବୁ ପ୍ରକାର ଔଷଧିୟ ଗୁଣ ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ପାରିନାହିଁ । ଆଗାମୀ ଦିନରେ ଅଧିକ ତଥ୍ୟ ସଂଗ୍ରହ କରିବା ସହିତ ଏହି ଅରକିଡ଼ ପ୍ରଜାତି ଉପରେ ରହିଥିବା ବିପଦ ଗୁଡ଼ିକୁ ମ୍ଳ ଅନ୍ଲାନ କରାଯିବ ।

ଅରକିଡ୍ ପ୍ରଜାତିରେ ଥିବା ବଂଶାନୁଗତ ବିବିଧତାକୁ ଦୃଷ୍ଟିରେ ରଖି, ଏହା ଭବିଷ୍ୟତରେ ଗବେଷକମାନଙ୍କର ଗବେଷଣାର ମୁଖ୍ୟ ଆକର୍ଷଣ ହେବ । ଭାରତୀୟ ଔଷଧ ବିଜ୍ଞାନ କ୍ଷେତ୍ରରେ ବର୍ତ୍ତମାନ ଅରକିଡ଼ ପ୍ରଜାତିର ବହୁଳ ବ୍ୟବହାର ହେଉଛି । ଏଥିରେ କୌଣସି ସନ୍ଦେହ ନାହିଁ । ବୃକ୍ଷ ପରିବାରର ଉନ୍ନତ ସ୍ତରରେ ପରିଗଣିତ ହେଉଥିବା ଏହି ସଦସ୍ୟଟି ଭବିଷ୍ୟତରେ ଗୁଣସୂତ୍ର ପରିବର୍ତ୍ତନ, ଫ୍ଲୋରିକଲଚର, ଔଷଧିୟ କ୍ଷେତ୍ର ତଥା ବିଜ୍ଞାନର ଅନେକ ଅପ୍ରକାଶିତ ପରିସରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିବ ।

ଜୈବ ବିବିଧତାରେ ପରିପୂର୍ଣ୍ଣ ନିୟମଗିରି ପର୍ବତମାଳା ବର୍ତ୍ତମାନ ବୈଜ୍ଞାନିକ ତଥା ଗବେଷକମାନଙ୍କ ଅନୁଧ୍ୟାନର କେନ୍ଦ୍ରବିନ୍ଦୁ ହୋଇଛି ମାତ୍ର ଅରକିଡ଼ରେ ଭରପୁର ଏହି ଅଞ୍ଚଳ ପ୍ରତି ବର୍ତ୍ତମାନର ଖଣି ଖନନ ପ୍ରସ୍ତାବ ବିପଦ ସୃଷ୍ଟି କରିଛି । ଆଦିମ ଅଧିବାସୀ ଡଙ୍ଗରିଆ କନ୍ଧଙ୍କ ଉପସ୍ଥିତି ସହିତ ସେମାନଙ୍କର ପାରମ୍ପରିକ ଜ୍ଞାନ, ବନ୍ୟଜନ୍ତୁ ତଥା ବୃକ୍ଷ ବିବିଧତା ସହିତ ଔଷଧିୟ ସଂପଦ ଓ ଜଳଉତ୍ସ ନିୟମଗିରିର ଏକ ସମୃଦ୍ଧ ପରିଚୟ ସୃଷ୍ଟିକରେ । ସେହି ପରିଚୟ ବିଲୁପ୍ତ ନହେବା ପାଇଁ ଏହାର ସଂରକ୍ଷଣ ଓ ସୁରକ୍ଷା ନିତାନ୍ତ ଆବଶ୍ୟକ । ଯଦିଓ ନିୟମଗିରିର ସମସ୍ତ ଜୈବ ବିବିଧତାର ଆକଳନ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇନାହିଁ, ତେବେ ମଧ୍ୟ ବସୁନ୍ଧରାର ଏହି ପ୍ରାଥମିକ ସର୍ବେକ୍ଷଣ ଏହାର ସମୃଦ୍ଧିକୁ କେତେକାଂଶରେ ପ୍ରକାଶ କରିବାରେ ସଫଳ ହୋଇଛି । ତେବେ ଉଭୟ ଡଙ୍ଗରିଆ କନ୍ଧମାନଙ୍କର ପାରମ୍ପରିକ ଜ୍ଞାନକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖିବା ନିମନ୍ତେ ପଦକ୍ଷେପ ନେବା ସହିତ ଏହାର ସବିଶେଷ ଅନୁଧ୍ୟାନର ଆବଶ୍ୟକତା ଜରୁରୀ ମନେହୁଏ ।

***ଉପରୋକ୍ତ ଗବେଷଣାତ୍ମକ ତଥ୍ୟଟି (www.http//www.siu.edu/~ebl /leaflets/orchids.htm) ରେ ଇଂରାଜୀ ରେ ପ୍ରକାଶ ପାଇଛି ।***

***ମୂଳ ଲେଖା : ପ୍ରସାଦ ଦାଶ***
***ଭାବାନୁବାଦ : ପୁଷ୍ପାଞ୍ଜଳି ଶତପଥି***



# ପଶୁ ଚିକିତ୍ସାରେ ଜଙ୍ଗଲି ଔଷଧୀୟ ବୃକ୍ଷର ଉପଯୋଗ-୨



ଅତ୍ୟଧିକ ଖାଇ ଧାନ ଗହମ,
ବିଷ କାଟେ ବାଡି 'ଅରଖ' ଆମ ।

ରୋଗର ନାମ: ହାଇଡ୍ରୋସ୍ୟାନିକ ଏସିଡ୍ ବିଷ (ଖାଦ୍ୟ ଦ୍ୱାରା ବିଷ) (NCN Prisioning)

ଯୁଗେ ଯୁଗେ ଅରଖ ଗଛର ମହତ୍ତ୍ୱ ଥିବା ଆମେ ଜାଣିଛୁ । ଅରଖ ଫୁଲରେ ସରସ୍ୱତୀଙ୍କ ପୂଜା ପାଇଁ ମାଳା ପ୍ରସ୍ତୁତ ହୁଏ । କିନ୍ତୁ ଓଡିଶାର ପୁର ପଲ୍ଲୀରେ କୃଷକମାନେ ଅରଖ ପତ୍ର ଓ ଫଳକୁ ବିଷ ହରଣ ପାଇଁ ବ୍ୟବହାର କରିଥାନ୍ତି । ଧାନ, ଗହମ, ବାଜରା, କନ୍ଦମୂଳ ଓ ଜଡ଼ା ଅମଳ ବେଳେ ଏଥିରୁ ଅତ୍ୟଧିକ ଖାଇ ଗାଇଗୋରୁ ମାନେ ହାଇଡ୍ରୋସ୍ୟାନିକ୍ ଏସିଡ୍ ବିଷ ଦ୍ୱାରା ଆକ୍ରାନ୍ତ ହୁଅନ୍ତି । ଏହି ବିଷ ହରଣ ପାଇଁ ଋଷୀମାନେ ଅରଖପତ୍ର ଓ ଫୁଲ ବ୍ୟବହାର କରନ୍ତି । ଅରଖ ପତ୍ର ଓ ଫୁଲରେ ମୁଡାରିନ୍ (Mudarine), ଗ୍ଲୁକୋସାଡ୍ (Glucoside), କାଲୋଟ୍ରୋପିନ୍ (Calotropine) ଓ ୟୁସେନାରିନ (Usenarin) ତତ୍ତ୍ୱ ରହିଛି । ଏ ସବୁ ତତ୍ତ୍ୱ ବିଷ ହରଣ ପାଇଁ ଭଲ କାମ ଦିଏ । ଏପରିକି ଏହା ମନୁଷ୍ୟମାନଙ୍କର କୁଷ୍ଠରୋଗ ପାଇଁ କାମ ଦିଏ ।

**ରୋଗର କାରଣ:**

ଅତ୍ୟଧିକ ଧାନ, ଗହମ, ବାଜରା, ଜଡ଼ାପତ୍ର ଓ କନ୍ଦମୂଳ ଗଛର ପତ୍ରକୁ ଅମଳବେଳେ ଗାଈଗୋରୁମାନେ ଖାଇଯାଆନ୍ତି ।

ଏହାଦ୍ୱାରା ପେଟଫମ୍ପା, ମୂର୍ଚ୍ଛା ଓ ତଳେ ପଡ଼ି ରହିବା ଆଦି ଲକ୍ଷଣ ଦେଖାଯାଏ । ବେଳେବେଳେ ପଶୁଟି ମରିଯାଏ ।

**ରୋଗର ଚିକିତ୍ସା**

୧. ଦୁଇ-ତିନୋଟି ଅରଖ ପତ୍ରକୁ ଫୁଲ ସହିତ ଖୁଆଇ ଦିଆଯାଏ ।

୨. ପିତା କେରୁଅଁ ବା ଶତକୁରି ଗଛର ପତ୍ରକୁ ୫୦୦ଗ୍ରାମ (ପ୍ରାୟ ୧୦ମୁଠା) ନେଇ ଭଲକରି ବାଟି ଗୋଟିଏ ଗୋଳିକରି ଖାଇବାକୁ ଦିଆଯାଏ)

୩. ନଡିଆ ତେଲ - ୨୫୦ମି.ଲି. (ପ୍ରାୟ ଦେଢ ଗ୍ଲାସ) ପୁରୁଣା ତେନ୍ତୁଳି- ୨୦୦ଗ୍ରାମ୍

ଉପରୋକ୍ତ ପୁରୁଣା ତେନ୍ତୁଳିକୁ ବାଟି, ନଡିଆ ତେଲ ସହିତ ମିଶାଇ ଦିଆଯାଏ । ତା'ପରେ ୧ ଲିଟର ପାଣିରେ ମିଶାଇ ପିଆଇ ଦିଆଯାଏ ।

ଗାଈଗୋରୁ ପାଇଁ ବିଶୁଦ୍ଧ ଜଳ
ପ୍ରସ୍ତୁତ କରୁଛି କତକ ଫଳ

**ଉପଚାର :** ବିଶୁଦ୍ଧ ଜଳ ପ୍ରସ୍ତୁତ (Preparation of Purified water) ଗାଁ ଗହଳିରେ ଗାଈଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ବାହାରେ ଚରାବୁଲା କରି, ପୋଖରୀ ବା ଅନ୍ୟ ଜଳସ୍ରୋତରୁ ପାଣି ପିଇବା ପାଇଁ ଛାଡ଼ି ଦିଆଯାଏ । କିନ୍ତୁ ବର୍ତ୍ତମାନ ବୈଜ୍ଞାନିକ ଉପାୟରେ ଦୁଧିଆଳି ଶଙ୍କର-ଜାତୀୟ ଗୋପାଳନ କରାଯାଇଥିବାରୁ ଘରେ ରଖି ସେମାନଙ୍କୁ ବିଶୁଦ୍ଧ ଜଳ ପିଇବା ପାଇଁ ଦେବାକୁ ପଡ଼ିଥାଏ । କିନ୍ତୁ ଗୋଳିଆ ପାଣିକୁ ବିଶୁଦ୍ଧ କରିବା ପାଇଁ ଓଡିଶାର ହିନ୍ଦୋଳ ସବ୍‌ଡିଭିଜନ୍ ଅଞ୍ଚଳରେ ଲୋକମାନେ କତକ ନାମକ ଏକ ବଣୁଆ ଫଳକୁ ବ୍ୟବହାର କରନ୍ତି । ସେମାନେ ଏହି ଫଳକୁ ନେଇ ପାଣି ଭର୍ତ୍ତି ବାଲ୍‌ଟି ବା ଗରାର ନିମ୍ନ ଅଂଶରେ ଘୋରି ଦିଅନ୍ତି ଓ ୩୦ ମିନିଟ୍ ସମୟ ପର୍ଯ୍ୟନ୍ତ ସେମିତି ପାଣିକୁ ଛାଡି ଦିଅନ୍ତି । ଏହା ପରେ ଜଳ ବିଶୁଦ୍ଧ ହୋଇଯାଏ ଏବଂ କାଦୁଅ, ମାଟି ତଳେ ବସିଯାଏ । ଏହି ଉପର ଅଂଶର ଜଳକୁ ମନୁଷ୍ୟ ତଥା ପୁଶୁମାନଙ୍କ ପାନୀୟରେ ଉପଯୋଗ ହୁଏ ।

କତକ ଫଳକୁ ଇଂରାଜୀରେ 'ନେଲମାଲ' କୁହାଯାଏ । ଏହାର ବୈଜ୍ଞାନିକ ନାମ ଷ୍ଟ୍ରିକ୍‌ସନ୍ ପୋଟାଟୋରମ୍ (Strychonus Potatorum), କତକ ଫଳରେ ପଲିସାକାରାଇଡ୍ (Polysaccharide) ଆଲ୍‌କାଲ୍‌ଏଡ୍‌ସ (Alkaloids) ଏବଂ ଷ୍ଟ୍ରିକ୍‌ନିନ୍ (Strychnine) ତତ୍ତ୍ୱ ରହିଥାଏ । ଏହା ଜୀବଣୁ ନାଶକ ଏ ଜଳ ବିଶୁଦ୍ଧକାରୀ ଭାବେ କାମ କରେ । ଏହାର ମଞ୍ଜି ମନୁଷ୍ୟମାନଙ୍କ ଝାଡ଼ା, ଡାଇବେଟିସ୍ ଓ ଗନେରିଆ ରୋଗର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ ।

*ଡ଼ା. ବଳରାମ ସାହୁ*

# କାହାଣୀ ଏକ ବଣୁଆ ହାତୀର



ସୁନ୍ଦର ସବୁଜିମା ଅପରୂପମୟୀ ଅନନ୍ୟା ବୈଭବ ପ୍ରକୃତି ଭିତରେ ମୁଁ ହାତୀ ଟିଏ ଖୋଜି ବୁଲୁଛି ମୋର ଆତ୍ମ ଚେତନାର ସ୍ୱର। କଂକ୍ରିଟର ବଳୟ ଭିତରେ ଦେଖୁଛି ମୋର ଆତ୍ମୀୟ ସ୍ୱଜନମାନଙ୍କୁ। ପୂର୍ଣ୍ଣିମାର ତୋଡା ଜହ୍ନ ଆଲୁଅରେ ଦେଖୁଛି ଶାଖା ପ୍ରସାଖା ହୀନ ଥୁଣ୍ଟା ବରଗଛକୁ। ଟାଙ୍ଗରା ଭୂମି, ଟାଆଁସିଆ ଖରା, ଆକାଶରେ ବାଦଲ ନାହିଁକି ମେଘମାଳା ନାହିଁ। ଉତପ୍ତ ଧରଣୀ ତାହାରି ରୂପରେ ପାଦ ଥାପି ଥାପି ଅତୀତର ସବୁକଥା ମୋର ମନେ ପଡ଼ିଯାଉଛି। ମୋର ଖାଦ୍ୟଉପଯୋଗୀ ଗଛର ବକ୍କଳ, ଆଉ ଦେଖା ଯାଉନାହିଁ। ଶୁଖିଲା ବାଉଁଶ ପତ୍ର ଏବଂ ବରପତ୍ର ସବୁ ପବନରେ ଦୋଳାୟିତ । ଝରଣାର ସ୍ୱଚ୍ଛ ଶତଦଳ ଆଉ ପ୍ରାୟ ଦେଖାଯାଉ ନାହିଁ। ଗୋଳିଆ ପାଣିରେ ଜଳଚର ଜୀବ ଗୁଡ଼ିକ ରୋଗାକ୍ରାନ୍ତ ଦେଖା ଗଲେଣି। କଣ'ବା କରିବି ନିସଙ୍ଗ ଇଲାକାରେ ଅନିଶ୍ଚିତତାର ପ୍ରତିଧ୍ୱନି। ଦିନ ଥିଲା, ବିସ୍ତୃତ ବନ ବି ଥିଲା। ମୋର ସାଙ୍ଗ ସାଥି ସହଦୋର ଆତ୍ମୀୟ ସ୍ୱଜନମାନଙ୍କ ଶଙ୍ଖ ନାଦରେ ସାରା ବନଭୂମି ପ୍ରକମ୍ପିତ ହେଉଥିଲା। ମାତ୍ର ଆଜି ବିପଦ ଉପରେ ବିପଦ ମାଡ଼ି ମାଡ଼ି ଆସୁଛି। ସମୟର ଅପରାହ୍ନରେ ବାର୍ଦ୍ଧକ୍ୟର ସତର୍କଘଣ୍ଟି ବାଜିଲାଣି, ମୋର ଆତ୍ମୀୟ ସ୍ୱଜନମାନେ ଆସ୍ତେ ଆସ୍ତେ କିଏ କେଉଁଆଡ଼େ ହଜି ଯାଉଛନ୍ତି। ଜୀବନ ହୋଇଯାଉଛି ଦୁର୍ବିସହ। ଏକ ଅଜଣା ଆତଙ୍କରେ ମନ ମୋର ଶିହରି ଉଠୁଛି। ଏତେବଡ଼ ବିଶାଳକାୟ ଜୀବ ହେଲେ ମଧ୍ୟ ମୁଁ ଆଜି ପଥହରା। କାହାକୁ କହିବି ମନର ବେଦନା। ଅନ୍ତରର କୋହ । ମୁଁ ଆଜି ପଥହରା ବାଟୋଇ। ମୋର ମନେ ପଡ଼ି ଯାଉଛି ଅତୀତରେ ସେହି ଇତିହାସର ପୃଷ୍ଠା, ଯୁଦ୍ଧ ଭୂମିର ଡାକରା ଶତ୍ରୁପକ୍ଷ ସହ ମୁକାବିଲା କରିବା ପାଇଁ ବିରାଟ ଶୋଭାଯାତ୍ରା। ପିଠିରେ ସୈନିକ ମାନଙ୍କୁ ବସାଇ ରଣ କୌଶଳ । ମାତୃଭୂମିକୁ ରକ୍ଷା କରିବା ପାଇଁ କେତେ ସଂଗ୍ରାମ ମୁଁ ନକରିଛି। ଶତ୍ରୁ ପକ୍ଷକୁ ଦଳି ମକଚି ଉଡେଇଛି ବିଜୟ ବୈଜୟନ୍ତିର ବାନା। ସୁନାମୀ କବଳରୁ ନିଜର ମୁନିବଙ୍କୁ ରକ୍ଷା କରିବା ପାଇଁ ଆପ୍ରାଣ ଉଦ୍ୟମ କରିଛି। କେତେ ଉଛୁଳା ନଦୀରେ ମୁନିବଙ୍କୁ ପିଠିରେ ବସେଇ ଭରାନଦୀରେ ପାରକରିଛି। ଖଜଣା ଆଦାୟରେ ସାହାଯ୍ୟ କରି ରାଜକୋଷକୁ ଭରପୁର କରିଛି। ରାଜ୍ୟକୁ ସମୃଦ୍ଧି ଶାଳୀ କରିଛି। ମାତ୍ର ସେହି ମଣିଷ ଅର୍ଥ ସର୍ବସ୍ୱ ହୋଇ ଅନାୟସରେ ନିର୍ଲଜ ଭାବରେ ମୋର ବାସସ୍ଥଳୀକୁ ଧ୍ୱଂସ ବିଧ୍ୱଂସ୍ତ କରିବାରେ ଲାଗିଛି। ସେ ହୋଇଯାଉଛି ବାଟବଣା। ନିଜର ପେଟ ପାଟଣା ପାଇଁ ମୋତେ ସର୍କସ ଓ ଚିଡ଼ିଆ-ଖାନାରେ ଆବଦ୍ଧ କରି ରଖିଛି। ଅସୀମ ବନ ବିଥିକା ଯାହାର ଗତିପଥ ସେ ଆଜି ପଞ୍ଜୁରିବଧ ଚାବୁକ ପ୍ରହାର କରି ମୋର ଶରୀରକୁ କ୍ଷତ ବିକ୍ଷତ କରି ପକାଉଛନ୍ତି। ସରକାରଙ୍କ ତରଫରୁ ସବୁପ୍ରକାର ସୁବନ୍ଦୋବସ୍ତ କରାଯାଉଥିଲେ ମଧ୍ୟ ଅସାଧୁ ଲୋକ ମାନେ ତାକୁ କରାଇ ଦେଉନାହାଁନ୍ତି। କେମିତି ଆଉ ଅବଶିଷ୍ଟ ଦିନ ଗୁଡ଼ିକ ଯିବ । ଯେଉଁ ଘଞ୍ଚ ଜଙ୍ଗଲ ଥିଲା ଆମର ଆଶ୍ରୟ ସ୍ଥଳ ତାହା ଆସ୍ତେ ଆସ୍ତେ ସଂକୁଚିତ ହେବାକୁ ଲାଗିଛି। ଖଣି ଖାଦାନ, ରାସ୍ତାଘାଟ, ନାମରେ ମଣିଷ ଜଙ୍ଗଲ ଉପରେ ଦାଉ ସାଧିବାର ଲାଗିଛି। ଜଙ୍ଗଲ ଭିତରେ ଗୋଳାବାରୁଦ ନେଇ ପ୍ରବେଶ କରିବା ଅପରାଧ ହେଲେ ମଧ୍ୟ ତାକୁ ଅବମାନନା କରି ମୋର ବଂଶଧରମାନଙ୍କୁ ଗୁଳିବଧ କରି ନିର୍ମମ ଭାବରେ ହତ୍ୟା କରିଚାଲିଛି। ସେଇଥିପାଇଁ ସେମାନେ ବଣଭୂଇଁ ଛାଡ଼ି ଖାଦ୍ୟ ଅନ୍ୱେଷଣ ପାଇଁ ସହର ଆଡ଼କୁ ମୁହାଁଉଛନ୍ତି। ପ୍ରଚଣ୍ଡ ରୁଦ୍ରତାପ ସମୟରେ ଜଙ୍ଗଲରେ ନିଆଁ ଜଳାଇ ଅମାନୁଷିକ ଭାବରେ ଆମର ଆବାସସ୍ଥଳୀକୁ ଜାଳି ପୋଡ଼ି ନଷ୍ଟ କରି ପକାଉଅଛନ୍ତି। ଆମେ ବଞ୍ଚିବା କେମିତି, ଖାଇବା କ'ଣ ? ରହିବା କେଉଁଠି ? ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଥିଲା ଆମର ଗତିପଥ। ଆଜି ତାହା ମଧ୍ୟ ସଂକଟାପନ୍ନ। ଜଙ୍ଗଲରେ ଯେତେ ଜୀବ ଅଛନ୍ତି ସବୁଠାରୁ ଆମେ ହେଉଛୁ ଶାନ୍ତିପ୍ରିୟ। ଆମେ କେବେବି ମଣିଷ ମାନଙ୍କର ଆତଙ୍କର କାରଣ ନୋହୁଁ। ମାତ୍ର ମଣିଷମାନେ ଆଜି ଆମର ଆତଙ୍କର କାରଣ ହୋଇଅଛନ୍ତି ଏବଂ ଜାଣିଶୁଣି ଆମକୁ ଅଶାନ୍ତିର ବଳୟ ଭିତରକୁ ଟାଣି ନେଇ ଯାଉଅଛନ୍ତି।



ଆମଭଳି ବିଶାଳକାୟ ଜୀବର ଏହିଭଳି ଦୁର୍ଦ୍ଦଶା ଦେଖି ଅନ୍ୟ ଜୀବମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଅଛନ୍ତି । ଆଉ ସେଇଥିପାଇଁ ସେମାନେ ଇତଃସ୍ତତଃ ହେଇ ଜନବସତି ଆଡ଼କୁ ମାଡ଼ି ଚାଲିଛନ୍ତି । ଅମାନୁଷିକ ଲୋକ ମାନଙ୍କର ଶିକାର ହେଉଅଛନ୍ତି । ଆଉ ଆମେ ଅସ୍ତବ୍ୟସ୍ତ ହୋଇ ଟ୍ରେନ୍ ଧକ୍କା, ବିଦ୍ୟୁତ ଆଘାତ ଭଳି ବିପଦର ସମ୍ମୁଖିନ ହେଉଛୁ । ଆମର ଗତିପଥର କ'ଣ ପାଇଁ ଆପଣମାନେ ଏହି ଭଳି ଅନ୍ତରାୟ ସୃଷ୍ଟି କରୁଛନ୍ତି । ଆମେତ କେବେ କାହାରି ଅମଙ୍ଗଳ ଚିନ୍ତା କରୁନାହୁଁ । ଆମର ଅମଙ୍ଗଳ କାହିଁକି ଆପଣମାନେ ଚିନ୍ତା କରୁଛନ୍ତି । ଆମେ ପରା ଓଡ଼ିଆ ଘରର ଲକ୍ଷ୍ମୀ । ଆମକୁ ପୂଜାକଲେ ଆମେମାନେ ଆପଣମାନଙ୍କୁ ଧନଧାନ୍ୟରେ ଭରିଦେବୁ । ଆମର ସୁରକ୍ଷା ପାଇଁ କାହାରି ହେଲେ ଟିକିଏ ନିଘାନାହିଁ । ସିନ୍ଧୁ ସଭ୍ୟତା ଆରମ୍ଭ ପୂର୍ବରୁ ମଣିଷମାନେ ଆମକୁ କେତେ ଆଦରଯତ୍ନ କରୁଥିଲେ । ସୀମାହୀନ ଆକାଶ ତଳେ ଆମେ ଅନାୟସରେ ବିଚରଣ କରୁଥିଲୁ । ମାତ୍ର ଏହି କେତେ ବର୍ଷ ପୂର୍ବରୁ ଆମେ ମଣିଷ ମାନଙ୍କ ନିକଟରେ ହୋଇଯାଇଛୁ ହିଂସ୍ରଜୀବ । କହିଲେ ଦେଖି ଆପଣମାନେ ଯଦି ଆମେ ଖାଉଥିବା ଗଛଲତା, ନଷ୍ଟ କରି ଆମ ଜଙ୍ଗଲରେ ନିଆଁ ଲଗାଇ ଦେଲେ ସେତେବେଳେ ଆପଣମାନେ ହିଂସ୍ର ହେଲେ ନାହିଁ ମାତ୍ର ଆମେ ଯଦି ଖାଦ୍ୟ ଅଭାବରେ ଗାଁ ଭିତରକୁ ପଶିଯାଇ ଖାଦ୍ୟ ଅନ୍ୱେଷଣ କଲୁ ସେତେବେଳେ ଆମେ ଆପଣଙ୍କ ନିକଟରେ ହିଂସ୍ର ହୋଇଗଲୁ । କେହି ବୁଝୁ ନାହାଁନ୍ତି ଆମ ହୃଦୟର ବେଦନା ଅନ୍ତରର କୋହ । ଆଉ ଦରଦିଭରା ଜୀବନର ଅଶ୍ରୁଳ କାହାଣୀ । ଆପଣମାନେ ପୃଥିବୀର ଶ୍ରେଷ୍ଠଜୀବ ବୋଲି ଆମ ଉପରେ ଯାହାଇଚ୍ଛା ତାହା ଅତ୍ୟାଚାର କରିଚାଲିଥିବେ ଆଉ ଆମେ ନୀରବ ଦ୍ରଷ୍ଟା ସାଜି ତାକୁ ସହ୍ୟ କରି ଚାଲିଥିବୁ । ଯଦି ଏହିଭଳି ଭାବରେ ଆମ ଉପରେ ଅତ୍ୟାଚାର ଲାଗିରହେ ତାହେଲେ ଆଉ ଆମ ବଂଶ ତିଷ୍ଠି ରହିବେତ ? ତେଣୁ ବେଳ ଥାଉଁ ଥାଉଁ ଆମକୁ ସାଇତି ରଖ, ନହେଲେ ତମର ପରବର୍ତ୍ତି ବଂଶଧରମାନଙ୍କ ନିକଟରେ ତମେ ଉତ୍ତରଦାୟୀ ହୋଇ ରହିବା ଛଡ଼ା ଅନ୍ୟ କିଛି ନାହିଁ । ଆଜି ଆମକୁ ଯେଉଁଭଳି ଭାବରେ ଦେଖୁଛ ଆଉ କେତେ ବର୍ଷ ପରେ ଡାଇନୋସର ଭଳି କେବଳ ରୁପେଲି ପରଦା ଉପରେ ଆମର ଛବି ଦେଖୁଥିବ । ତେବେ ଆମେ ହଜିଗଲୁ ନା ଜାଣିଶୁଣି ଆପଣମାନେ ଆମକୁ ହଜେଇ ଦେଲେ ତା'ର ଉତ୍ତର ଆପଣମାନେ ହିଁ ଦେବେ ।

***ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ***

*ଉଦଳା, ମୟୁରଭଞ୍ଜ*



# ସବୁଜ ରଙ୍ଗର ସବୁ ସାପ ବିଷଧର ନୁହଁନ୍ତି

ସବୁଜ ରଙ୍ଗର ସମସ୍ତ ସାପ ଯେ ବିଷଧର ଏହା ସତ୍ୟ ନୁହେଁ, ମାତ୍ର ଏହି ଧାରଣା ସାଧାରଣତଃ ଲୋକଙ୍କ ମନରେ ରହିଆସିଛି। ଆମ ରାଜ୍ୟରେ ପ୍ରାୟ ୪ ରୁ ଅଧିକ ପ୍ରକାର ସବୁଜ ରଙ୍ଗର ସାପ ଦେଖାଯାଆନ୍ତି । ଏମାନେ ହେଲେ ଲାଉ ଡଙ୍କିଆ, ଓଲିଭ ଧଣ୍ଡ, ସବୁଜ ଧଣ୍ଡ, ଏବଂ ଫଟ୍‌କା ସାପ। ଏମାନଙ୍କ ମଧ୍ୟରୁ କେବଳ ଫଟ୍‌କା ସାପ ବିଷଧର କିନ୍ତୁ ଏହା ମଧ୍ୟ ମଣିଷ ମାନଙ୍କ ପ୍ରତି ପ୍ରାଣଘାତୀ ନୁହେଁ। ଓଡ଼ିଶାର ଏହି ଚାରି ପ୍ରଜାତିର ସବୁଜ ସାପଙ୍କ ମଧ୍ୟରୁ ଦୁଇ ପ୍ରଜାତି (ଲାଉଡଙ୍କିଆ ଏବଂ ଫଟ୍‌କା ସାପ) ଗଛରେ ଦେଖାଯାଆନ୍ତି ଏବଂ ଅନ୍ୟ ଦୁଇ ପ୍ରଜାତି ତଥା ଅଲିଭ ଧଣ୍ଡ ଏବଂ ସବୁଜ ଧଣ୍ଡ ମାଟି ଉପରେ ଦେଖା ଯାଆନ୍ତି।

**ଲାଉ ଡଙ୍କିଆ ସାପ (Common Vine Snake)**

ଏହି ସାପର ଶାରିରୀକ ଗଠନ ଅନ୍ୟ ସାପ ମାନଙ୍କ ଠାରୁ ସାମାନ୍ୟ ଅଲଗା। ଏହି ସାପର ମୁଣ୍ଡ ଗୋଜିଆ ଏବଂ ଶରୀରର ରଙ୍ଗ ସବୁଜ



ଏବଂ ଦୁଇପଟ ଧଳା କିମ୍ବା ହଳଦିଆ ରଙ୍ଗ ଲାଞ୍ଜ ପର୍ଯ୍ୟନ୍ତ ପଡ଼ିଥାଏ। ଏହାର ଅଗ୍ରଭାଗ ଛୁଞ୍ଚପରି। ଏହି ସାପ ଗଛ ଉପରେ ଏବଂ ଘର ବାଡ଼ ଉପରେ ଦେଖା ଯାଇଥାଆନ୍ତି। କୌଣସି ବିପଦର ଆଭାସ ପାଇଲେ ଏହା ତାର ମୁହଁ ଖୋଲା କରି ଦେହକୁ ଫୁଲାଇ ଦିଏ, ଯାହା ଫଳରେ ତା'ର ଶରିରର ଆଗପଟ ପଟା ପଟା କଳାରଙ୍ଗର ଦେଖାଯାଏ। ଏହି ସାପ ସାଧାରଣତଃ ୪ ଫୁଟ ଲମ୍ବର ଥାଏ ମାତ୍ର ଏହି ପ୍ରଜାତିର କିଛି ସାପ ୬ ଫୁଟ ପର୍ଯ୍ୟନ୍ତ ବଢ଼ିପାରନ୍ତି। ଏହାର ଖାଦ୍ୟ ଏଣ୍ଡୁଅ, ଝିଟିପିଟି, ଚଢ଼େଇ ଏବଂ ଅନ୍ୟ ପ୍ରଜାତିର ଛୋଟ ସାପ।

ଏହି ସାପ ଓଡ଼ିଶାର ସବୁ ସ୍ଥାନରେ ଦେଖିବାକୁ ମିଳିଥାଏ। ଏହାର ଶରୀରର ରଙ୍ଗ ଗଛ ପତ୍ରର ରଙ୍ଗ ସହିତ ମିଶି ଯାଉଥିବାରୁ ଏହା ସାଧାରଣରେ ଦୃଶ୍ୟମାନ ହୁଏ ନାହିଁ।

**ସବୁଜ ଧଣ୍ଡ: (Green Keelback)**

ଏହି ସାପକୁ ବିଭିନ୍ନ ସ୍ଥାନରେ ସବୁଜ ନାଗ ମଧ୍ୟ କୁହନ୍ତି। ଏହି ସାପର ଉପରଭାଗର ରଙ୍ଗ ସବୁଜ, ପେଟ ପାଖ ଧଳା, ଏବଂ ଉପର ଭାଗର



ବେକ ପାଖରେ କଳା ରଙ୍ଗର ଏକ ତୀର ଚିହ୍ନ ଦୃଶ୍ୟମାନ । ଏହାର ଉପର ଭାଗର କାତି କଣ୍ଟାଳିଆ ଏବଂ ଏହି ସାପ ବିପଦର ଆଭାସ ପାଇଲେ ତାର ଶରୀର ଆଗ ଭାଗକୁ ଗୋଖର ସାପର ଫଣା ଭଳି ଫୁଲାଇ ଦିଏ ଏବଂ ଗୋଖର ସାପଭଳି ଫଣା ମଧ୍ୟ ଉଠାଇ ଥାଏ। ଏହି ପ୍ରଜାତି ଘାସ, ଏବଂ ବୁଦୁବୁଦିଆ ଜଙ୍ଗଲ ଅଞ୍ଚଳରେ ଦେଖା ଯାଆନ୍ତି। ଏହି ସାପ ଦୁଇ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାଆନ୍ତି। ବେଙ୍ଗ, ଚମ୍ପେଇ ନେଉଳ, ଝିଟିପିଟି ଏବଂ ମୂଷା ଇତ୍ୟାଦି ଏହାର ପ୍ରିୟ ଖାଦ୍ୟ।

ଏହି ପ୍ରଜାତିର ସାପ ଓଡ଼ିଶାର ସବୁ ସ୍ଥାନରେ ଦେଖା ଯାଆନ୍ତି ଏବଂ କେବଳ ରାତି ସମୟରେ ପଦାକୁ ବାହାରନ୍ତି।

**ଓଲିଭ ଧଣ୍ଡ: (Olivaceous Keelback)**

ଏହି ପ୍ରଜାତିର ଧଣ୍ଡ ସାପ ଇସତ୍ ସବୁଜ ରଙ୍ଗର ଏବଂ ପେଟ ପାଖ ହଳଦିଆ ହୋଇଥାଏ। ଏହାର ମୁଣ୍ଡ ଛୋଟ ଏବଂ ଶରୀରର କାତି



ଗୁଡ଼ିକ କଣ୍ଟାଳିଆ। ଏହି ପ୍ରଜାତି ପାଖାପାଖି ଦେଢ଼ ଫୁଟ ରୁ ଦୁଇ ଫୁଟ ଲମ୍ବା ହୁଅନ୍ତି। ସାଧାରଣତଃ ଏମାନେ ବେଙ୍ଗ ଏବଂ ମାଛ ଖାଇଥାନ୍ତି।

ଏହି ପ୍ରଜାତିର ସାପ ଓଡ଼ିଶାର ପ୍ରାୟ ସବୁ ସ୍ଥାନରେ (ବିଶେଷତଃ ସମୁଦ୍ର କୂଳ ଅଞ୍ଚଳରେ) ଗହୀର ବିଲରେ ଦେଖା ଯାଆନ୍ତି, ଏବଂ ଦିନ ଓ ରାତ୍ରି ଉଭୟ ସମୟରେ ଏମାନେ ସକ୍ରିୟ ଥାନ୍ତି।

**ଫତ୍‌କା ସାପ /ଗେଣ୍ଡା ମୁଣ୍ଡିଆ ବୋଇଲ: (Bamboo pet viper)**

ଏହି ସାପର ମୁଣ୍ଡ ବଡ଼ ଏବଂ ବେକପାଖ ସରୁ ଅଟେ। ଏହାର ଶରୀରରୁ ଉପର ଭାଗ ସବୁଜ ଏବଂ ଏହା ଉପରେ ଠିକିରି ଆକାରର



କଳା ଦାଗ ପଡ଼ିଥାଏ। ଏହାର ପେଟ ପାଖ ହଳଦିଆ କିମ୍ବା ସବୁଜ ରଙ୍ଗର। ଏହି ପ୍ରଜାତି ପାଖାପାଖି ଦେଢ଼ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇ ଥାଆନ୍ତି। ସାଧାରଣତଃ ମୁଷା, ଏଣ୍ଡୁଅ ଏବଂ ଝିଟିପିଟି ଏହାର ଖାଦ୍ୟ।

ଏହି ସାପ ଓଡ଼ିଶାର ପ୍ରାୟ ସବୁ ସ୍ଥାନରେ ଦେଖା ଦେଇଥାଆନ୍ତି। ଏମାନେ ସାଧାରଣତଃ ବୁଦାଳିଆ ଜଙ୍ଗଲ, ଡଙ୍ଗର,ବେଳେ ବେଳେ ଗୁମ୍ଫା ଏବଂ ଗଛ ଉପରେ ରୁହନ୍ତି।

ସାପ ମାନଙ୍କ ରଙ୍ଗ ତାଙ୍କ ପରିସଂସ୍ଥାନକୁ ଖାପ ଖୁଆଇଲା ଭଳି ହୋଇଥାଏ। ବୃକ୍ଷ, ଲତା, ବୁଦା ଜଙ୍ଗଲ, ଘାସ ପଡ଼ିଆ ଇତ୍ୟାଦିରେ ରହୁଥିବା ଏହି ସାପ ଗୁଡ଼ିକର ରଙ୍ଗ ସାଧାରଣତଃ ସବୁଜ ରହିଛି। ବୈଚିତ୍ରମୟ ପ୍ରକୃତିର କୋଳରେ ବସବାସ କରି ଆସୁଥିବା କୋଟି କୋଟି ଜୀବଜନ୍ତୁ ମଧ୍ୟରେ ସବୁଜ ସାପ ତା ନିଜ ପାଇଁ ସ୍ଥାନ ବାଛି ନେଇଛି।

*ପ୍ରତ୍ୟୁଷ ପାରଦର୍ଶୀତା ମହାପାତ୍ର*



# ଗ୍ରାମସଭାର ବିଜୟ
# ପେସା ତା'ର ଗୁରୁତ୍ୱ ପାଇଲା

ଅନୁସୂଚୀତ ଅଞ୍ଚଳକୁ ପଞ୍ଚାୟତର ସଂପ୍ରସାରଣ ସଂକ୍ଷେପରେ ପେସା ଆଇନ ଅଧିନରେ ଅନୁସୂଚୀତ ଅଞ୍ଚଳର ସ୍ୱତନ୍ତ୍ର ଅଧିକାର ଛତିଶଗଡ଼ର ଆଦିବାସୀମାନେ ପାଇପାରିଛନ୍ତି । ଦୀର୍ଘ ଅଢ଼େଇବର୍ଷ ହେଲା ଛତିଶଗଡ଼ ରାଜ୍ୟ ସରଗୁଜା ଜିଲ୍ଲାର ଚନ୍ଦନ ନଗର ଗ୍ରାମରେ ଇନ୍‌ଡ଼ିଏନ୍ ଫାରମରସ୍ ଫର୍ଟିଲାଇଜର କୋଓପରେଟିଭ ଲିଃ (IFFCO) ଦ୍ୱାରା ସ୍ଥାପନ ହେବାକୁ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର କୁ ସ୍ଥାନୀୟ ଆଦିବାସୀ ବିରୋଧ କରି ଆସୁଥିଲେ । ଆନ୍ଦୋଳନକାରୀଙ୍କ ନେତୃତ୍ୱ ନେଇଥିବା ମେହେନ୍ଦିଲାଲ ଯାଦବ କହନ୍ତି "ଅବଶେଷରେ ପେସା ଆଇନ୍ ଆମ ପାଇଁ ସହାୟକ ହୋଇପାରିଛି । ଚନ୍ଦନ ନଗରରେ ଇଫକୋର ୧୦୦୦ ମେଗାୱାଟ ଉତ୍ପାଦନ କ୍ଷମ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠାର ଯୋଜନାକୁ ବନ୍ଦ କରିଦିଆଯାଇଛି ।"

କ୍ରମାଗତ ଆନ୍ଦୋଳନର ଫଳ ସ୍ୱରୂପ ସେମାନେ ଏହି ବିଜୟ ପାଇ ପାରିଛନ୍ତି । ଏହି କଂପାନୀକୁ ଦୃଢ଼ ବିରୋଧ କରି ଗ୍ରାମବାସୀମାନେ କଂପାନୀର କାର୍ଯ୍ୟକଳାପ ବିଷୟରେ ଗୁପ୍ତ ଭାବରେ ସୂଚନା ସଂଗ୍ରହ କରିଥିଲେ । କଂପାନୀର ଅଧିକାରୀ ଜଣେ ଗ୍ରାମବାସୀକୁ ଅଭିଯୁକ୍ତ କରି ଜେଲ ପଠାଇଦେବା ପରେ ୧୦୦୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀମାନେ ଉତ୍‌କ୍ଷିପ୍ତ ହୋଇ ପୋଲିସ ଷ୍ଟେସନ୍ ନିକଟକୁ ଏକ ର୍‍ୟାଲିରେ ଯାଇ ଅଭିଯୁକ୍ତ ଆଦିବାସୀ ବ୍ୟକ୍ତିଙ୍କୁ ମୁକୁଳାଇ ଆଣିଥିଲେ । ଆନ୍ଦୋଳନରୁ ସାମାନ୍ୟ ମାତ୍ର ଅପସରି ନଯାଇ ସେମାନଙ୍କର ଜଙ୍ଗଲ ଜମିର ସୁରକ୍ଷା ପାଇଁ ସେମାନେ ଦୃଢ଼ ପରିକର ଥିଲେ । ଯାଦବଙ୍କ କହିବା ଅନୁସାରେ ଯେହେତୁ ଅନୁସୂଚୀତ ଅଞ୍ଚଳରେ ଆଦିବାସୀମାନଙ୍କର ସାମାଜିକ ତଥା ଆର୍ଥିକ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନା ନିମନ୍ତେ ଗ୍ରାମସଭାର ଅନୁମୋଦନ ଆବଶ୍ୟକ, ଏହା ଆମକୁ ଜଣାଥିଲା ତେଣୁ ସେହି ଆଇନ୍‌ର ସହାୟତାରେ ଆମେ ଗ୍ରାମସଭା ତରଫରୁ ଏହାକୁ ବିରୋଧ କରିଥିଲୁ । ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଜଳ ଯୋଗାଣ ପାଇଁ ଇଫ୍‌କୋ ଦ୍ୱାରା ଏଟମ ନଦୀରେ କରିବାକୁ ଥିବା ୫ଟି ନଦୀବନ୍ଧ ଯୋଜନାକୁ ଗ୍ରାମବାସୀମାନେ ବନ୍ଦ କରିଥିଲେ, ସେମାନଙ୍କୁ ଜମି ହସ୍ତାନ୍ତର ପାଇଁ କଂପାନୀ ତରଫରୁ ଧମକ ଦିଆଯାଇଥିଲେ ସୁଦ୍ଧା ତାକୁ ଆଦିବାସୀମାନେ ଖାତିର କରିନଥିଲେ । ଯୋଜନା ପ୍ରସ୍ତୁତ ସମୟରେ କଂପାନୀ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଓ ଏହାର ମିଥ୍ୟା ତଥ୍ୟକୁ ସେମାନେ ବିରୋଧ କରିଥିଲେ ।

ଗ୍ରାମବାସୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗକୁ କଂପାନୀ ଅଧିକାରୀଙ୍କ ତରଫରୁ ଅସ୍ୱୀକାର କରାଯାଇଛି । ଅଧିକାରୀ କୁହନ୍ତି ରାଜ୍ୟର ୯୦ ପ୍ରତିଶତ ବିଦ୍ୟୁତ୍ ଯୋଗାଣ ଇଫ୍‌କୋ ଦ୍ୱାରା ହେଉଛି ଆହୁରି ମଧ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଦ୍ୱାରା ଗ୍ରାମବାସୀଙ୍କ କ୍ଷୟକ୍ଷତିର ଭରଣା ଆମେ ଉଚିତ୍ ମାତ୍ରାରେ କରିବା ପାଇଁ ରାଜି ଥିଲୁ । ମାତ୍ର ଗ୍ରାମବାସୀମାନେ ଆମକୁ ସହଯୋଗ କଲେ ନାହିଁ । ଇଫ୍‌କୋର ପରିଯୋଜନାକୁ ଅନ୍ୟ ଏକ ଗ୍ରାମକୁ ସ୍ଥାନାନ୍ତରିତ କରିବାର ଯୋଜନା କରାଯାଇଛି ଓ ସେହି ଗ୍ରାମର ଗ୍ରାମସଭାର ଅନୁମୋଦନ ଅପେକ୍ଷାରେ ଅଛି । ***(ଡାଉନ୍ ଟୁ ଆର୍ଥ)***

କଂପାନୀ ଅଧିକାରୀ ଯାହା କୁହନ୍ତୁ ନା କାହିଁକି ଚନ୍ଦନ ନଗରର ଆଦିବାସୀଙ୍କ ପାଇଁ ସେମାନଙ୍କ ଭିଟାମାଟି ଅଧିକ ଗୁରୁତ୍ୱ ରଖେ । ଏହା ବଦଳରେ କଂପାନୀର କୌଣସି ପ୍ରକାର କ୍ଷତିପୂରଣ ସେମାନଙ୍କର ସଂପଦର ମୂଲ୍ୟ ଦେଇ ପାରିବ ନାହିଁ । ତେବେ ପେସା ଆଇନ ବଳରେ ଗ୍ରାମସଭା ହାସଲ କରିପାରିଥବା ତା'ର ଅଧିକାର ଅନ୍ୟ ରାଜ୍ୟ (ପେସା ଆଇନ୍ କାର୍ଯ୍ୟକାରୀ ହେଉଥିବା) ପାଇଁ ମଧ୍ୟ ଏକ ଦୃଷ୍ଟାନ୍ତ ।

## *ଖବର କାଗଜ ପୃଷ୍ଠାରୁ................*

# ଆଦିବାସୀଙ୍କ ଜଙ୍ଗଲ ଉପରେ ଅଧିକାର ବର୍ତ୍ତମାନ କାହା ହାତରେ

ପୁରୁଷାନୁକ୍ରମେ ଜଙ୍ଗଲ ଜମିରେ ରହି ଆସୁଥିବା ଯେଉଁ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଅଧିକାରକୁ ନଥିଭୁକ୍ତ କରାଯାଇ ପାରିନାହିଁ, ସେହିମାନଙ୍କୁ ସେମାନଙ୍କ ଅଧିକୃତ ଜମି ଏବଂ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦିଆଯିବ ଓ ଜଙ୍ଗଲ ଅଧିକାରର ନଥିଭୁକ୍ତ କରିବା ନିମନ୍ତେ ଏକ ଲୋକାଭିମୁଖୀ ଆଇନ ଭାରତର ପାର୍ଲ୍ୟାମେଣ୍ଟରେ ୧୩ ଡିସେମ୍ବର ୨୦୦୫ ମସିହାରେ ପାଶ୍ କରାଯାଇଛି। ଉକ୍ତ ଆଇନ ଅନୁଯାୟୀ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ମଧ୍ୟରୁ କୌଣସି ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା ଜଙ୍ଗଲ ଜମିରେ ବସବାସ କିମ୍ବା କୃଷିକୁ ଆଧାର କରି ଜୀବିକା ଉପାର୍ଜନ ନିମନ୍ତେ ଜଙ୍ଗଲ ଜମିରେ ଚାଷ କରିବା ଏବଂ ରହିବା ନିମନ୍ତେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଅଧିକାର ପ୍ରଦାନ କରାଯାଇଛି। ଜଙ୍ଗଲ ଜମିରେ ଗଢ଼ି ଉଠିଥିବା ସମସ୍ତ ବସତିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ସହ ୧୩ ଡିସେମ୍ବର ୨୦୦୫ ମସିହା ପୂର୍ବରୁ ଜଙ୍ଗଲ ଜମିରେ ଚାଷ ଅବା ବସବାସ କରୁଥିବା କୌଣସି ଲୋକ କିମ୍ବା ଗୋଷ୍ଠୀକୁ ବିନା ଥଇଥାନ ଅବା କ୍ଷତି ପୁରଣରେ ବିସ୍ଥାପନ କରାଯାଇଥାଏ, ତାହେଲେ ସେହି ଲୋକ ଅବା ଗୋଷ୍ଠୀ ରହୁଥିବା ବା ଚାଷ କରୁଥିବା ସ୍ଥାନ ଉପରେ ଅଧିକାର ଦିଆଯିବାର ପ୍ରାବଧାନ ରହିଛି। ସେହିଭଳି ପାରମ୍ପରିକ ଭାବେ ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ କରି ଆସୁଥିବା ଗୋଷ୍ଠୀମାନେ ଜଙ୍ଗଲ ସୁରକ୍ଷା ଓ ପରିଚାଳନା କରିବାର ଅଧିକାର ସହ ଲଘୁବନଜାତ ଦ୍ରବ୍ୟର ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟର ଅଧିକାର ଦିଆଯାଇଛି। ସେହି ଆଇନ ଅନୁଯାୟୀ ଗୋଟିଏ ପରିବାରକୁ ସର୍ବାଧିକ ୪ ହେକ୍ଟର (୧୦ଏକର) ପର୍ଯ୍ୟନ୍ତ ଜଙ୍ଗଲ ଜମିର ଅଧିକାର ପ୍ରଦାନ କରାଯିବାର ପ୍ରାବଧାନ ରହିଛି।

ଏହି ଆଇନ ରାଷ୍ଟ୍ରପତିଙ୍କ ଦ୍ୱାରା ୨୯ ଡିସେମ୍ବର ୨୦୦୭ରେ ଅନୁମୋଦନ ଲାଭ କରି ସର୍ବସାଧାରଣଙ୍କ ଅବଗତ ନିମନ୍ତେ ପ୍ରକାଶ କରାଯାଇଥିଲା। ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଦେଶରେ ଏହି ଆଇନକୁ କାର୍ଯ୍ୟକାରୀ କରାଇବାପାଇଁ କେନ୍ଦ୍ର ସରକାର ୧ ଜାନୁୟାରୀ ୨୦୦୮ ଦିନ ଏ ସଂକ୍ରାନ୍ତୀୟ ନିୟମାବଳୀ ଭାରତର ଜାତୀୟ ରାଜପତ୍ରରେ ପ୍ରକାଶ କରିଥିଲେ। ଏହି ନିର୍ଦ୍ଦେଶନାମାକୁ ଭିତ୍ତିକରି ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଉନ୍ନୟନ ବିଭାଗ ରାଜ୍ୟର ସମଗ୍ର ଜିଲ୍ଲାପାଳମାନଙ୍କୁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ଅନୁଯାୟୀ ଉପଖଣ୍ଡ ଓ ଜିଲ୍ଲା ସ୍ତରୀୟ କମିଟି ମାନ ଗଠନ କରିବା ସଙ୍ଗେ ସଙ୍ଗେ ପଲ୍ଲୀସଭା ମାଧ୍ୟମରେ ଜଙ୍ଗଲ ଅଧିକାର କମିଟି ଗଠନ କରିବା ପାଇଁ ୧୫ ଫେବୃୟାରୀ ୨୦୦୮ ରିଖ ଦିନ ପତ୍ର ୬୧୮୨ରେ ପ୍ରକାଶ କରିଥିଲେ । ଏଥିପାଇଁ ସାରା ରାଜ୍ୟରେ ୧୬ ଓ ୨୩ ମାର୍ଚ୍ଚ ୨୦୦୮କୁ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ଠିକ୍ ଏହି ସମୟରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅପ୍ରେଲ ୧୨ ତାରିଖରେ ହେବାକୁ ସ୍ଥିର ହୋଇଥିଲା। ନିର୍ବାଚନ ଜନିତ ଆଚରଣ ବିଧି ନିୟମ ଲାଗୁ ହୋଇଯାଇଥିବା 'ଳରେ ଏହି ଜିଲ୍ଲାରେ ପୂର୍ବ ନିର୍ଦ୍ଧାରିତ ୧୬ ଓ ୨୩ ତାରିଖରେ ଆଉ ପଲ୍ଲୀସଭା ଗୁଡ଼ିକ ଅନୁଷ୍ଠିତ ହୋଇପାରିନଥିଲା

ନିର୍ବାଚନ ଜନିତ ଆଚରଣ ବିଧି ଉଠିଯିବା ପରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟଙ୍କ କାର୍ଯ୍ୟାଳୟରୁ ୧୯ ଅପ୍ରେଲ ୨୦୦୮ ରିଖ ଦିନ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ନଂ ୧୫୯୧ ଦ୍ୱାରା ସୂଚନା ଦିଆଯାଇଥିଲା ଯେ ୨୯ ଓ ୩୦ ଅପ୍ରେଲ ୨୦୦୮ରିଖ ଦିନ ପଲ୍ଲୀସଭାମାନ ଆୟୋଜନ କରି ଉକ୍ତ ସ୍ୱତନ୍ତ୍ର ପଲ୍ଲୀସଭା ବୈଠକରେ ଗ୍ରାମବାସୀମାନଙ୍କ ମଧ୍ୟରେ ଜଙ୍ଗଲ ଅଧିକାର ଆଇନ ବିଷୟରେ ସଚେତନତା ସୃଷ୍ଟି କରାଇବା ସହ ଉପସ୍ଥିତ ଗ୍ରାମବାସୀମାନଙ୍କ ସହମତି କ୍ରମେ ଏକ ଜଙ୍ଗଲ ଅଧିକାର କମିଟି ଗଠନ କରିବା। ଏହି କମିଟିରେ ଅତି କମ୍‌ରେ ୧୦ ଓ ଅତିବେଶିରେ ୧୫ଜଣଙ୍କୁ ସଭ୍ୟ ଭାବରେ ନିଆଯିବ ଯାହାର ଏକ ତୃତୀୟାଂଶ ସଭ୍ୟ ଅନୁସୂଚୀତ ଜନଜାତି ଏବଂ ଏକ ତୃତୀୟାଂଶ ସଭ୍ୟ ମହିଳା ରହିବା ନିହାତି ଆବଶ୍ୟକ। ପଲ୍ଲୀସଭା ବୈଠକରେ କୋରମ୍ ପାଇଁ ସମସ୍ତ ସାବାଳକ ମତଦାତାଙ୍କର ଦୁଇ ତୃତୀୟାଂଶ ଠାରୁ ଅଧିକ ସଭ୍ୟ / ସଭ୍ୟା ଆବଶ୍ୟକ। କିନ୍ତୁ ଦୁଃଖର ବିଷୟ, ଯେଉଁ ବନବାସୀମାନଙ୍କୁ ପାରମ୍ପରିକ ଭାବେ ରହିଆସୁଥିବା ଜଙ୍ଗଲ ଜମି ଉପରେ ଆମ ସମ୍ବିଧାନ ସ୍ୱୀକୃତି ପ୍ରଦାନ କରିଛି ସେହି ବନବାସୀମାନଙ୍କ ପାଖରେ ହିଁ ଜଙ୍ଗଲ ଅଧିକାର ଆଇନପାଇଁ ସେମାନଙ୍କ ଗ୍ରାମରେ ପଲ୍ଲୀସଭା ବୈଠକ ଅନୁଷ୍ଠିତ ହେବ ବୋଲି କୌଣସି ସୂଚନା ନାହିଁ। କେବଳ ଗ୍ରାମବାସୀ ମାନେ କାହିଁକି ଏ ବିଷୟରେ ଅଧିକାଂଶ ଗ୍ରାମପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ଼ମେମ୍ବର, ସମିତି ସଭ୍ୟମାନଙ୍କ ପାଖରେ ମଧ କୌଣସି ସୂଚନା ନଥିବା ଅଭିଯୋଗ ହେଉଛି।

ଆମ ସମ୍ବିଧାନର ୨୪୩ତମ ଧାରା ଅନୁଯାୟୀ କେନ୍ଦ୍ର ଆଇନ ଯଥା ପଞ୍ଚାୟତ ଅନୁସୂଚୀତ ଅଞ୍ଚଳକୁ ସଂପ୍ରସାରଣ ଅଧିନିୟମ (ପେସା) ୧୯୯୬ ଅନୁଯାୟୀ ପଲ୍ଲୀସଭା ବୈଠକର ତାରିଖ ସ୍ଥାନ ଓ ଆଲୋଚ୍ୟ ବିଷୟବସ୍ତୁ ପଲ୍ଲୀସଭା ବୈଠକ ଅନୁଷ୍ଠିତ ହେବାର ଅନ୍ତତଃ ୧୫ ଦିନ ପୂର୍ବରୁ ଉକ୍ତ ଗ୍ରାମବାସୀ ମାନଙ୍କୁ ନୋଟିସ ଆକାରରେ ଜଣାଇ ଦିଆଯିବ। ଏହି ନୋଟିସକୁ ସଂପୃକ୍ତ ଅଞ୍ଚଳର ଗୋଟିଏ କିମ୍ବା ଏକାଧିକ ସ୍ଥାନରେ ଟଙ୍ଗାଇଦେଇ କିମ୍ବା ଡେଙ୍ଗୁରା ବାଡ଼େଇ ସୂଚୀତ କରାଯିବ। କିନ୍ତୁ ପ୍ରକୃତପକ୍ଷେ କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ବ୍ଲକର ଗୋଲୁର, ହାତୀବାରି, ରାଇସିଂ, ବାଡ଼େଲ, ପାନ୍ତଲୁଙ୍ଗ ଏବଂ କୋରାପୁଟ ବ୍ଲକର ମହାଦେଇପୁର, ମସ୍ତିପୁଟ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଜଙ୍ଗଲ ଅଧିକାର ଆଇନ ସଂପର୍କରେ କୌଣସି ପଲ୍ଲୀସଭା ଗତ ୨୯ ଓ ୩୦ ଅପ୍ରେଲରେ ଅନୁଷ୍ଠିତ ହୋଇନଥିବା ପଞ୍ଚାୟତର ଲୋକମାନେ ଅଭିଯୋଗ କରିଛନ୍ତି। ଏ ବିଷୟରେ ହାତୀବାରି ପଞ୍ଚାୟତର ସରପଞ୍ଚ ଶ୍ରୀ ନୀଳକଣ୍ଠ ଖରାଭ୍‌କୁ ପଚରାଯିବାରୁ ସେ କହିଥିଲେ, ମୋତେ ଏହି ପଲ୍ଲୀସଭା କରିବା ପାଇଁ ବ୍ଲକ ତରଫରୁ କୌଣସି ଚିଠି ଆସିନାହିଁ ଏବଂ ମୁଁ ମଧ ଏହି ପଲ୍ଲୀସଭା

ବିଷୟରେ କିଛି ଜାଣିନାହିଁ। ତେଣୁ କିପରି ୨୯ ଓ ୩୦ ତାରିଖ ଦିନ ମୋ ପଞ୍ଚାୟତରେ ମୁଁ ପଲ୍ଲୀସଭା କରିବି। ସେହିଭଳି ମହାଦେଇପୁଟ ସରପଞ୍ଚ ଶ୍ରୀ ଗୋପୀନାଥ ମୁଦୁଲିଙ୍କର ମଧ୍ୟ ସମାନ ଉତ୍ତର ଥିଲା।

ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ ୧୯ ଫେବୃୟାରୀ ୨୦୦୮ରିଖ ଦିନ ପତ୍ର ନଂ ୧୫୯୧ ମାଧ୍ୟମରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ପଲ୍ଲୀସଭା ଅନୁଷ୍ଠିତ କରିବା ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶନାମା ପାଇବା ପରେ ପଞ୍ଚାୟତ ସମିତି, ନନ୍ଦପୁର ତରଫରୁ ପଲ୍ଲୀସଭାଗୁଡ଼ିକ ଅନୁଷ୍ଠିତ କରିବା ପାଇଁ ସମସ୍ତ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, ପଞ୍ଚାୟତ ସେକ୍ରେଟାରୀ ଏବଂ ଗ୍ରାମ ରୋଜଗାର ସେବକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ସୂଚନା ସଂଗ୍ରହରୁ ଜଣାପଡ଼ିଥିଲା ଯେ, ୨୯ ଓ ୩୦ ତାରିଖ ଦିନ ନନ୍ଦପୁର ବ୍ଲକର ଥିବା, ରାଇସିଂ, ଗୋଲୁର, ହାତୀବାରି, ପାନ୍ତଲୁଙ୍ଗ ଓ ବାଡ଼େଲ ଆଦି ଗ୍ରାମପଞ୍ଚାୟତ ଗୁଡ଼ିକରେ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, ପଞ୍ଚାୟତ ସେକ୍ରେଟାରୀମାନେ ଉପସ୍ଥିତ ନଥିବାରୁ ସେହି ପଞ୍ଚାୟତର କୌଣସି ଗ୍ରାମ ମାନଙ୍କରେ ପଲ୍ଲୀସଭା ଗୁଡ଼ିକ ଅନୁଷ୍ଠିତ ହୋଇପାରି ନାହିଁ। ସେହିଭଳି କୋରାପୁଟ ବ୍ଲକର ମହାଦେଇପୁ ପଞ୍ଚାୟତ ଅନ୍ତର୍ଗତ ପଣସପୁଟ ରାଜସ୍ୱ ଗ୍ରାମରେ କୌଣସି ସରକାରୀ କର୍ମଚାରୀ ଅପ୍ରେଲ ୨୯ ଓ ୩୦ ତାରିଖ ଦିନ ପଲ୍ଲୀସଭା କରିବା ପାଇଁ ଉପସ୍ଥିତ ନଥିବାରୁ ଗ୍ରାମବାସୀମାନେ ନିଜେ ପଲ୍ଲୀସଭା ବୈଠକର ଆୟୋଜନ କରି ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଜଙ୍ଗଲ ଅଧିକାର କମିଟିର ସଭ୍ୟ/ସଭ୍ୟା ରୂପେ ବାଛିଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

ଜଙ୍ଗଲ ଅଧିକାର ଆଇନ ଅନୁସାରେ ପ୍ରତ୍ୟେକ ଗ୍ରାମରେ ପଲ୍ଲୀସଭା ଆୟୋଜନ କରାଯାଇ ଜଙ୍ଗଲ ଅଧିକାର କମିଟି ବଛାଯିବ, ଯେଉଁମାନେ କି ପରବର୍ତ୍ତୀ ସମୟରେ ସମସ୍ତ ଦାବିଦାର ମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବେ, ଦାବିପତ୍ର ଗୁଡ଼ିକର ଯାଞ୍ଚ କରିବେ ଏବଂ ସମସ୍ତ ଦାବି ପତ୍ରକୁ ପଲ୍ଲୀସଭାରେ ଉପସ୍ଥାପନ କରି ଉପଖଣ୍ଡ ସ୍ତରୀୟ କମିଟି ନିକଟକୁ ପଠାଇବେ। ଏହି ସମସ୍ତ କାର୍ଯ୍ୟକ୍ରମ ପଲ୍ଲୀସଭା ଅନୁଷ୍ଠିତ ହେବାର ତିନିମାସ ଭିତରେ ଶେଷ କରିବା ପାଇଁ ଆଇନରେ ଉଲ୍ଲେଖ ଅଛି। କୋରାପୁଟ ଭଳି ଏକ ଆଦିବାସୀ ଅଧୁଷିତ ଜିଲ୍ଲାରେ ନିର୍ଦ୍ଧାରିତ ସମୟସୀମା ମ୍ଭରେ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ଆଦୌ ସହଜ ନୁହେଁ। ଗୋଟିଏ ରାଜସ୍ୱ ଗ୍ରାମରେ ସର୍ବାଧିକ ୮ ରୁ ୧୦ଖଣ୍ଡ ପଡାଗ୍ରାମ ରହୁଥିବାରୁ ସମସ୍ତ ସାବାଳକ ମତଦାତାଙ୍କ ଦୁଇତୃତୀୟାଂଶ ଉକ୍ତ ପଲ୍ଲୀସଭାରେ ଉପସ୍ଥିତ ରହିବା ପ୍ରକୃତ ପକ୍ଷେ ସମ୍ଭବ ନୁହେଁ। ଯେହେତୁ କୋରାପୁଟ ଏକ ଆଦିବାସୀ ଅଧୁଷିତ ଜିଲ୍ଲା ଏବଂ ଏଠାରେ ପଞ୍ଚାୟତ ଅନୁସୂଚୀତ ଅଞ୍ଚଳକୁ ସଂପ୍ରସାରଣ ଅଧିନିୟମ (ପେସା ଆଇନ ୧୯୯୬) କାର୍ଯ୍ୟକାରୀ ହେଉଛି, ତେଣୁ ପ୍ରତ୍ୟେକ ପଡ଼ା ଗ୍ରାମରେ ପଲ୍ଲୀସଭା କରାଯାଇଥିଲେ ଗ୍ରାମବାସୀ ମାନଙ୍କ ଭାଗୀଦାରିତା ବୃଦ୍ଧି ହୋଇପାରିଥାନ୍ତା। ଶିକ୍ଷାର ଅଭାବ ସାଙ୍ଗକୁ ଦାରିଦ୍ର୍ୟ ଏଠାରେ ଏକ ପ୍ରଧାନ ଅସୁବିଧା ପାଲଟିଥିବା ବେଳେ ଗ୍ରାମପଞ୍ଚାୟତ ସ୍ତରରେ ଥିବା ସରକାରୀ କର୍ମଚାରୀମାନଙ୍କର ମଧ୍ୟ ଅନେକ ସହଯୋଗ ରହୁନାହିଁ। ତେଣୁ ଏହି କାର୍ଯ୍ୟକ୍ରମକୁ ନେଇ ଅନେକ ଅନିୟମିତତା ଦେଖି ଦେଉଛି। ଏଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ମାସକୁ ଥରେ କିମ୍ବା ଦୁଇଥର ଖୋଲାରହୁଛି। ଏପରିକି ମଇ ୧ ଶ୍ରମିକ ଦିବସ ଦିନ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଗୁଡ଼ିକରେ ଗ୍ରାମସଭା କରିବାର ନିୟମ ପଞ୍ଚାୟତରାଜ ଆଇନରେ ଉଲ୍ଲେଖ ଥିବା ସତ୍ତ୍ୱେ ନନ୍ଦପୁର ବ୍ଲକର ଥିବା, ରାଇସିଂ, ଖେମୁଣ୍ଡାଗୁଡ଼ା, ନନ୍ଦକା ଏବଂ ହିକିମପୁଟ ଆଦି ଗ୍ରାମପଞ୍ଚାୟତ ଗୁଡ଼ିକରେ ଏହି ଆଇନର ସଂପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। କାରଣ ଉକ୍ତ ଦିନ ଏହି ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକରେ ତାଲା ଝୁଲୁଥିଲା, ଯାହାକି ନିଜ ଆଖିରେ ନ ଦେଖିଲା ପର୍ଯ୍ୟନ୍ତ କେହି ସହଜରେ ବିଶ୍ୱାସ କରିବେ ନାହିଁ। ଏଭଳି ସ୍ଥିତିରେ ଜଙ୍ଗଲ ଅଧିକାର ଆଇନକୁ ଏହି ଜିଲ୍ଲାରେ ସଂପୂର୍ଣ୍ଣ ଭାବେ ସ'ଳ କରାଇବା ଏବଂ ଜଙ୍ଗଲ ଜମିରେ ବସବାସ କରୁଥିବା ସମସ୍ତ ଅଧିବାସୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ନେଇ ଆଶଙ୍କା ଦେଖାଯାଇଛି। ସରକାର ଏ ଅଞ୍ଚଳରେ ଥିବା ଜଙ୍ଗଲ ଜମିଗୁଡ଼ିକୁ ସଠିକ ଭାବରେ ସର୍ଭେ ଓ ବନ୍ଦୋବସ୍ତ କରିନଥିବା 'ଲରେ ସେଠାରେ ବସବାସ କରୁଥିବା ବନବାସୀମାନଙ୍କୁ ଜବରଦଖଲକାରୀ ବୋଲି ଜଙ୍ଗଲ ଜମିରୁ ଉଚ୍ଛେଦ କରିଥିଲେ। ବର୍ତ୍ତମାନ ସରକାର ନିଜର ସେହି ଭୁଲକୁ ସୁଧାରିବା ପାଇଁ ଏବଂ ସେହି ବନବାସୀମାନଙ୍କ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ହେତୁ ନ୍ୟାୟ ପ୍ରଦାନ କରିବା ସକାଶେ ଏହି ଜଙ୍ଗଲ ଅଧିକାର ଆଇନ ୨୦୦୬ ପ୍ରଣୟନ କରିଛନ୍ତି। କିନ୍ତୁ ଏହି ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ସରକାରୀ ସ୍ତରରେ ଯେଭଳି ଭାବେ ସଚେତନତା, ଆନ୍ତରିକତା ଓ ସହଯୋଗ ମନଭାବ ଆବଶ୍ୟକତା ରହିଛି ତାହାର ବିଶେଷ ଅଭାବ ଏଠାରେ ପରିଲକ୍ଷିତ ହେଉଛି।

ଯଦି ପ୍ରକୃତରେ ସରକାର ଏହି ଆଇନ ମାଧ୍ୟମରେ ପୁରୁଷାନୁକ୍ରମେ ଜଙ୍ଗଲ ଜମି ଉପରେ ନିର୍ଭରକରି ନିଜର ଜୀବିକା ନିର୍ବାହ କରୁଥିବା ବନବାସୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଚାହାଁନ୍ତି ତାହାହେଲେ ଏହି ଆଇନ ବିଷୟରେ ଉଭୟ ସରକାରୀ କର୍ମଚାରୀ ଏବଂ ଗ୍ରାମବାସୀମାନଙ୍କୁ ଅଧିକ ସଚେତନ କରାଯିବା ଆବଶ୍ୟକ ରହିଛି। ସେହିଭଳି ଜଙ୍ଗଲ ଅଧିକାର କମିଟିର ସଭ୍ୟ / ସଭ୍ୟା ମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ତାଲିମ ଦେବାସହ ସେମାନଙ୍କୁ ଯଥାଶୀଘ୍ର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ପାଇଁ ଆବେଦନ ଫର୍ମ, ଗ୍ରାମର ମାନଚିତ ଯୋଗାଇବା ଏବଂ ପ୍ରମାଣ ସଂଗ୍ରହ ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବା ଉଚିତ। ଏହିପରି କଲେହିଁ ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନଙ୍କ ଦାବିଗୁଡ଼ିକ ଉପସ୍ଥାପନ କରି ଗ୍ରାମସଭାରେ ଅନୁମୋଦନ କରିବେ ଏବଂ ସମସ୍ତ ଦାବିପତ୍ର ଗୁଡ଼ିକୁ ଉପଖଣ୍ଡ ସ୍ତରୀୟ କମିଟି ନିକଟକୁ ଆଇନର ସ୍ୱୀକୃତି ପାଇଁ ପଠାଇବେ। ଜଙ୍ଗଲ ଅଧିକାର ଆଇନର ସଫଳ ପ୍ରଣୟନ ହେଲେ ଯାଇ ସ୍ୱାଧିନତାର ଦୀର୍ଘ ୬୧ ବର୍ଷ ପର୍ଯ୍ୟନ୍ତ ଐତିହାସିକ ଅନ୍ୟାୟରୁ ସହି ଆସୁଥିବା ବନବାସୀମାନେ ଉପକୃତ ହୋଇପାରିବା ସହ, ସମ୍ମାନ ସହ ବଞ୍ଚିବାର ଅଧିକାରକୁ ଉପଭୋଗ କରିପାରିବେ।

***ଅନୁପମ ଭାରତ, ତା ୧୪ /୦୦/୦୮***

# ବୁଢାକେନ୍ଦୁଆ ଅଞ୍ଚଳରୁ ଉତ୍ପାଦିତ ଧାନ ବିଷାକ୍ତ

**ଚଣ୍ଡିଖୋଲ, ୧୦/୬ (ଡି.ଏନ.ଏ)**

ପ୍ରଦୁଷଣ ଜନିତ କାରଣ ଯୋଗୁ ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ବୁଢାକେନ୍ଦୁଆ ଅଞ୍ଚଳର କୃଷିକ୍ଷେତ୍ରରୁ ଅମଳ ହେଉଥିବା ଧାନ ବିଷାକ୍ତ ବୋଲି ଆର.ଡି.ସିଙ୍କ ନିର୍ଦ୍ଦେଶରେ ହୋଇଥିବା ପରୀକ୍ଷାରୁ ଜଣାପଡିଥିଲା। ଏହା ଜଣାପଡିବାର ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଏଥିନେଇ କୌଣସି  ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ସାଧାରଣରେ ଘୋର ଉଦବେଗ ପ୍ରକାଶ ପାଇଛି।

ଦର୍ପଣ ତହସିଲ ଅଧୀନ ବୁଢାକେନ୍ଦୁଆ ଅଞ୍ଚଳରେ ଥିବା ଏକ ବଡ ସ୍ପଞ୍ଜ ଆଇରନ କାରଖାନା ଯୋଗୁଁ ଏହି ଅଞ୍ଚଳର ବାୟୁ ଓ ମୃର୍ତ୍ତିକା ପ୍ରବଳ ଭାବେ ପ୍ରଦୁଷିତ ହେଉଛି। ପ୍ରଦୂଷଣ ରୋକିବା ପାଇଁ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଘଂନ କରାଯାଉଥିବାରୁ ଦୈନିକ ବିଷାକ୍ତ ଗ୍ୟାସ ପବନରେ ମିଶିବା ସହ କୋଇଲାଗୁଣ୍ଡ ଆଖପାଖ ଅଞ୍ଚଳର ଶହ ଶହ ଏକର ଚାଷଜମିରେ ପଡୁଛି। ତେଣୁ ଏହି ଅଞ୍ଚଳର ବିଲ ଗୁଡିକରେ ଧାନ ଫୁଲ ଉଡାଇବା ସମୟରେ ଉଡୁଥିବା କଳାଗୁଣ୍ଡ ଫୁଲ ଭିତରେ ରହିଯାଉଛି। ଏହା ଛଡା କାରଖାନାରୁ ନିର୍ଗତ ବିଷାକ୍ତ ଜଳ ଚାଷ ଜମିରେ ମିଶି ମୃର୍ତ୍ତିକା ପ୍ରଦୂଷଣ ହେଉଛି। ଧାନ ଗଛ ଚେର ଦ୍ୱାରା ଖାଦ୍ୟ ସଂଗ୍ରହ ବେଳେ ଏହାର କୁପ୍ରଭାବ ଧାନ ଉପରେ ମଧ ପଡୁଛି। ଏଥିନେଇ ଫସଲ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଅନ୍ୟ ପକ୍ଷରେ ଧାନରୁ ବାହାରୁଥିବା ଚାଉଳ ମଝିରେ କଳାଗୁଣ୍ଡ ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବରାବର ଅଭିଯୋଗ ହୋଇଆସୁଅଛି। ଏହି ଅଭିଯୋଗକୁ ଭିତ୍ତିକରି ଗତ ତା୧୨/୦୮/୦୩ ରିଖରେ ବୁଢାକେନ୍ଦୁଆ ଅଞ୍ଚଳରେ ସୃଷ୍ଟିହୋଇଥିବା ଏହି ଗୁରୁତର ସମସ୍ୟା ନେଇ ବିଚାର କରିବା ବେଳେ ଏଠିକାର ଧାନ ଏବଂ ମାଟି ପରୀକ୍ଷା ପାଇଁ ଆର.ଡି.ସି କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ପତ୍ର ନମ୍ବର ୫୯୯୧ ଓ.ୟୁ.ଏ.ଟି  ଭୁବନେଶ୍ୱରକୁ ପଠାଇଥିଲେ। ଏହାର ପରୀକ୍ଷା କରି ଓ.ୟୁ.ଏ.ଟି. କର୍ତ୍ତୃପକ୍ଷ ତା୨୯/୦୮/୦୩ ରିଖରେ ରିପୋର୍ଟ ନମ୍ବର ୧୨୪ ଏମ ପଠାଇ ଏହି ଚାଉଳରେ ୨.୫ ଭାଗ କ୍ରୋମିୟମ ଥିବାର ଦର୍ଶାଇଥିଲେ। ଖାଦ୍ୟ ଅପମିଶ୍ରଣ ନିରୋଧ ଆଇନ ନିୟମାବଳୀ ୧୯୫୫ ର ୧୧ ଅଧ୍ୟାୟର ୫୭ ଧାରାରେ କ୍ରୋମିୟମ ଏକ ବିଷାକ୍ତ ପଦାର୍ଥ ବୋଲି ଉଲ୍ଲେଖ ରହିଛି। ଚିନିରେ ପ୍ରତି ମିଲିୟନରେ ୦.୦୨ କ୍ରୋମିୟମ ରହିପାରିବ। ଚିନି ବ୍ୟତିତ ଅନ୍ୟ ଖାଦ୍ୟ ସାମଗ୍ରୀରେ କ୍ରୋମିୟମ ରହିବା ନେଇ ଖାଦ୍ୟ ଅପମିଶ୍ରଣ ଆଇନରେ କୌଣସି ସୂଚନା ନାହିଁ ।  ଜଣେ ସାଧାରଣ ମଣିଷ ଦୈନନ୍ଦିନ ଜୀବନରେ ଚିନି ଅପେକ୍ଷା ୧୦୦ ଗୁଣ ଅଧିକ ଚାଉଳ ଖାଦ୍ୟ ଆକାରରେ ଗ୍ରହଣ କରିଥାଏ। ଏହି ଦୃଷ୍ଟିରୁ ଚିନି ବ୍ୟତୀତ ଚାଉଳ ପରି ଖାଦ୍ୟ ସାମଗ୍ରୀରେ କ୍ରୋମିୟମ ଆଦୌ ରହିବା କଥା ନୁହେଁ। ଏହା ସାଧାରଣ ମାତ୍ରାରୁ ୧୦୦ ଗୁଣ ବିଷାକ୍ତ ବୋଲି ଆଡଭୋକେଟ ଶଙ୍କର ପ୍ରସାଦ ପାଣି ଏହି ପ୍ରତିନିଧିଙ୍କୁ କହିଛନ୍ତି। ଏହି ଧାନକୁ ସେ ସମୟରେ ପରୀକ୍ଷା କରିଥିବା ଓ.ୟୁ.ଏ.ଟି ର ବିଭାଗୀୟ କର୍ତ୍ତୃପକ୍ଷ ଦୀନବନ୍ଧୁ ଜେନା ଏହି ପ୍ରତିନିଧିଙ୍କୁ କହିଛନ୍ତି ଯେ, କ୍ରୋମିୟମ କେତେ ଭାଗ ରହିଲେ ବିଷାକ୍ତ ହେବ କିମ୍ବା କ୍ରୋମିୟମ ଆଦୌ ରହିବା କଥା ନୁହେଁ ସେ କଥା ଆମେ କହିପାରିବୁ ନାହିଁ। କେବଳ ସେଥିରେ କ୍ରୋମିୟମ କେତେ ଭାଗ ରହିଛି ତାହା ଦର୍ଶାଇବା ଆମ କାର୍ଯ୍ୟ। ଏଥିନେଇ ଧାନ ଗବେଷଣା କେନ୍ଦ୍ର କିମ୍ବା ବିଶେଷଜ୍ଞଙ୍କ ପରାମର୍ଶ ଲୋଡାଯାଇପାରେ। ତେବେ ପରୀକ୍ଷାରୁ ଯେତିକି ପରିମାଣର କ୍ରୋମିୟମ ଏହି ଅଞ୍ଚଳରୁ ଅମଳ ହେଉଥିବା ଧାନରେ ରହିଛି ତାହା ବିଷାକ୍ତ ବୋଲି କେତେକ କୃଷି ବିଭାଗ ବିଶେଷଜ୍ଞ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆର.ଡି.ସି. ଏ ସଂପର୍କରେ ଅଧିକ ଗବେଷଣା ଏବଂ ଅନୁସନ୍ଧାନ ପାଇଁ ନିର୍ଦ୍ଦେଶ ନଦେଇ ନୀରବ ରହିବା ଜନ ଅସନ୍ତୋଷର କାରଣ ହୋଇଛି। ଏହି ଚାଉଳକୁ ଖାଇ ଲୋକେ ଏବଂ ଗୃହ ପାଳିତ ପଶୁ ବିଭିନ୍ନ ପ୍ରକାର ପେଟ ରୋଗରେ ଆକ୍ରାନ୍ତ ହେଉଥିବା ବରାବର ଅଭିଯୋଗ ହୋଇଆସୁଛି। ଏଭଳି ପରିସ୍ଥିତିରେ ଆର.ଡି.ସି. ଓ ପ୍ରଶାସନିକ କଳର ନିଷ୍କ୍ରିୟତା ନେଇ ଜଗନ୍ନାଥ ରୁରାଲ ଡେଭଲପମେଣ୍ଟ ଅର୍ଗାନାଇଜେସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

*ଧରିତ୍ରୀ, ତା ୧୧ /୦୬/୦୮*

PRINTED MATERIAL
**BOOK POST**

To

From :

**VASUNDHARA**
**15, Saheed Nagar**
**Bhubaneswar - 751 007, Orissa, India**
**email: vasundharanr@satyam.net.in**
**web-site: www.vasundharaorissa.org**

**Printed by :** *Balajee Offset, N-5/536,* IRC Village, Bhubaneswar-15